ଦୈନିକ ଓଡ଼ିଆ ନିରପେକ୍ଷ ଖବରକାଗଜ

ଭାଗ ୧୬ । ସଂଖ୍ୟା - ୮୭
ମଙ୍ଗଳବାର । ୪ ଅଗଷ୍ଟ ୨୦୨୬
ଭୁବନେଶ୍ୱର । ୮ ପୃଷ୍ଠା । ମୂଲ୍ୟ ୩ ଟଙ୍କା

VOL 16 ● ISSUE- 87
TUESDAY ● 4 AUGUST 2026
Bhubaneswar | Page-8 | Rs -3
Postal Regd. No. BN / 303 / 25-27

# ଜାଗ୍ରତ ଓଡ଼ିଶା
JAGRATA ORISSA

www.jagrataorissa.in https://twitter.com/Jagrataorissa https://www.facebook.com/Jagrataorissa

R.N.I Regd. No-ODIODI/2007/22199

ଭିତରେ ପୃଷ୍ଠାରେ...
▶▶ ମହିଳାଙ୍କୁ ଟାଣିନେଲା କୁମ୍ଭୀର
▶▶ ବିଶ୍ୱର ୧୦ ଧନୀ ନେତାଙ୍କ ୧ନଂରେ ପୁଟିନ୍
▶▶ ଶ୍ରୀଲଙ୍କା ଟେଷ୍ଟ ସିରିଜ୍, ବୁମ୍ରାଙ୍କ ସ୍ଥାନରେ ଆକିବ

## ଶ୍ରାବଣ ପ୍ରଥମ ସୋମବାର, କାଉଡିଆମୟ ଶୈବପୀଠ



ଶ୍ରାବଣ ପ୍ରଥମ ସୋମବାରରେ ଜଳଲାଗି ପାଇଁ ପ୍ରଭୁ ଶ୍ରୀଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ କାଉଡିଆଙ୍କ ଭିଡ

## ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

# 'ଯୁବଶକ୍ତି ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି'

।। କଟକ ।। ୩।୮ (ଜାଓ): ଭାରତରେ ଏକ ବୃହତ ଯୁବଶକ୍ତି ରହିଛନ୍ତି । ଏହା ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି। ଏହି ସମ୍ପତ୍ତିର ସଠିକ୍ ବ୍ୟବହାର ପାଇଁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବପିଢ଼ି ସେମାନଙ୍କର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବରେ ବିକଶିତ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିପାରିବେ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ସୋମବାର କଟକର ବାଆଁରାରେ ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରି ରାଷ୍ଟ୍ରପତି ଏହା କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମ୍ପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇଥିଲେ ।

ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଓଡ଼ିଶା ଜ୍ଞାନ, ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ସେବାର ସମୃଦ୍ଧ ପରମ୍ପରା ଥିବା ଏକ ମାଟି । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଏହି ପବିତ୍ର ମାଟି ଶହ ଶହ ବର୍ଷ ଧରି ସମାବେଶୀ ଭାବନା, କରୁଣା ଏବଂ ମାନବ କଲ୍ୟାଣର ବାର୍ତ୍ତା ପ୍ରଚାର କରିଆସିଛି। କଟକର ଏହି ଅଞ୍ଚଳ 'ଉତ୍କଳ ଗୌରବ' ମଧୁସୂଦନ ଦାସ, 'କର୍ମବୀର' ଗୌରୀଶଙ୍କର ରାୟ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବିଜୁ ପଟ୍ଟନାୟକଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଭୂମି ମଧ୍ୟ। ଏହା 'ଉତ୍କଳମଣି' ପଣ୍ଡିତ ଗୋପବନ୍ଧୁ ଦାସ ଏବଂ 'ଉତ୍କଳ କେଶରୀ' ଡକ୍ଟର ହରେକୃଷ୍ଣ ମହତାବଙ୍କ କର୍ମଭୂମି। ଜନସେବା, ସାହିତ୍ୟ ଓ ସଂସ୍କୃତିରେ କଟକର ଅବଦାନ ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରେରଣାଦାୟକ। ଏପରି ଏକ ଗୌରବଶାଳୀ ଅଞ୍ଚଳରେ ପ୍ରତିଷ୍ଠିତ ହୋଇଥିବା ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତର ପ୍ରାଚୀନ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାକୁ ଆଧୁନିକ ଶିକ୍ଷା ସହିତ ସଂଯୋଜିତ କରିବା ସହିତ ସମାଜ ଓ ରାଷ୍ଟ୍ର ସେବା ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ହେବ ବୋଲି ଆଶା କରାଯାଉଛି।

ରାଷ୍ଟ୍ରପତି କହିଛନ୍ତି, ଭାରତରେ ଏକ ବୃହତ ଯୁବଶକ୍ତି ରହିଛନ୍ତି । ଏହା ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି। ଏହି ସମ୍ପତ୍ତିର ସଠିକ୍ ବ୍ୟବହାର ପାଇଁ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ ଯୁବପିଢ଼ି ସେମାନଙ୍କର ପ୍ରତିଭାକୁ ସମ୍ପୂର୍ଣ୍ଣ ଭାବରେ ବିକଶିତ କରିପାରିବେ ଏବଂ ସେମାନଙ୍କର ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର କରିପାରିବେ। ସେମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିବାକୁ ପଡିବ। ବିଶ୍ୱବିଦ୍ୟାଳୟ (୭ମ ପୃଷ୍ଠା ଦେଖନ୍ତୁ)



**ଯୁବବର୍ଗଙ୍କ ପ୍ରତିଭାର ବିକାଶ ଏବଂ ସେମାନଙ୍କ ସ୍ୱପ୍ନ ଓ ଆକାଂକ୍ଷାକୁ ସାକାର ପାଇଁ ପରିବେଶ ସୃଷ୍ଟି କରିବାକୁ ବିଶ୍ୱବିଦ୍ୟାଳୟ ଗୁଡ଼ିକୁ ପରାମର୍ଶ**
**ଓଡ଼ିଶାର ଯୁବ ସାମର୍ଥ୍ୟ ପାଇଁ ରାଜ୍ୟସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି: ମୁଖ୍ୟମନ୍ତ୍ରୀ**

## ଓୟୁଏଟି ପିଜି ଓ ପିଏଚଡି ଛାତ୍ରଛାତ୍ରୀ ପାଇବେ ଷ୍ଟାଇପେଣ୍ଡ୍

### ପିଜି ଛାତ୍ରଛାତ୍ରୀଙ୍କୁ ୧୦,୦୦୦ ଓ ପିଏଚ୍‌ଡି ଗବେଷକଙ୍କୁ ମାସିକ ୧୫,୦୦୦
### ଓଡ଼ିଶାର ଚାଷୀଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବେ ଯୁବ ଗବେଷକ: ଉପମୁଖ୍ୟମନ୍ତ୍ରୀ

।। ଭୁବନେଶ୍ୱର ।। ୩।୮ (ଜାଓ): ରାଜ୍ୟରେ କୃଷି ଶିକ୍ଷା ଓ ଗବେଷଣାକୁ ଆଗକୁ ନେବା ପାଇଁ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପିଜି ଏବଂ ପିଏଚ୍‌ଡି ଛାତ୍ରଛାତ୍ରୀଙ୍କ ପାଇଁ ମାସିକ ଭତ୍ତା ଘୋଷଣା କରାଯାଇଛି।



ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ବିଶେଷ ପ୍ରଚେଷ୍ଟା ଯୋଗୁଁ ସରକାର ଏହି ଭତ୍ତା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି, ଯାହାଦ୍ୱାରା ଗବେଷକମାନଙ୍କୁ ବଡ଼ ସହାୟତା ମିଳିବ। ପିଜି ଛାତ୍ରଛାତ୍ରୀଙ୍କୁ ୨ ବର୍ଷର କୃଷି ଓ (୭ମ ପୃଷ୍ଠା ଦେଖନ୍ତୁ)

## ବନ୍ୟା ପ୍ରଭାବିତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା

# ପ୍ରାରମ୍ଭିକ ଭାବେ ୧୧୦ କୋଟି ଟଙ୍କା ଘୋଷଣା





★ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ
★ ରିଲିଫ ଓ ଉଦ୍ଧାର ପାଇଁ ପୂର୍ବରୁ ଦିଆଯାଇଥିଲା ୨୬ କୋଟି ଟଙ୍କା
★ ଘରଭଙ୍ଗା, ଫସଲ ଓ ପ୍ରାଣିଧନ କ୍ଷୟକ୍ଷତି ପାଇଁ ମିଳିବ ଆର୍ଥିକ ସହାୟତା
★ ୨୨ ଜିଲ୍ଲାରେ ଯୁଦ୍ଧକାଳୀନ ରିଲିଫ୍ ଓ ପୁନର୍ବାସ କାର୍ଯ୍ୟ ଜାରି

।। ଭୁବନେଶ୍ୱର ।। ୩।୮ (ଜାଓ): ଚଳିତ ବନ୍ୟା ପରିସ୍ଥିତିରେ ପ୍ରଭାବିତ ପ୍ରତ୍ୟେକ ପରିବାରଙ୍କ ପାଖରେ ରାଜ୍ୟ ସରକାର ଦୃଢ଼ତାର ସହ ଛିଡ଼ା ହୋଇଛନ୍ତି । ବନ୍ୟା ମୁକାବିଲା, ଉଦ୍ଧାର, ରିଲିଫ୍ ଓ ପୁନର୍ବାସ କାର୍ଯ୍ୟକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଜାରି ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜେ ଆକାଶମାର୍ଗରୁ ବନ୍ୟାଞ୍ଚଳ ଅନୁଧ୍ୟାନ କରିବା ପରେ ମନ୍ତ୍ରୀମାନଙ୍କୁ ବିଭିନ୍ନ ଜିଲ୍ଲାର ରିଲିଫ ଓ ଉଦ୍ଧାର କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ବନ୍ୟା ପ୍ରଭାବିତଙ୍କ ପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୧୦ କୋଟି ଟଙ୍କାର ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି। ଏହି ସହାୟତା ତୁରନ୍ତ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚୂଡ଼ାନ୍ତ କ୍ଷୟକ୍ଷତି ଆକଳନ ପରେ ଆବଶ୍ୟକ ସମସ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ରାସ୍ତା, ସେତୁ ଓ କ୍ଷତିଗ୍ରସ୍ତ ଅନ୍ୟାନ୍ୟ ଭିତ୍ତିଭୂମିର ମରାମତି ପାଇଁ ଚୂଡ଼ାନ୍ତ ଆକଳନ ପରେ ସହାୟତା ଯୋଗାଇ ଦିଆଯିବ।

ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ବନ୍ୟା ପ୍ରଭାବିତ ଅଞ୍ଚଳର ସମସ୍ତ ଯୋଗ୍ୟ ହିତାଧିକାରୀ ଓ ପରିବାରଙ୍କୁ ଗ୍ରାଚୁଇଟସ୍ ରିଲିଫ୍ ଯୋଗାଇ ଦିଆଯିବ ଏବଂ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଏହି ସହାୟତା ଜାରି ରହିବ। ଏହି ନିଷ୍ପତ୍ତି ଅନୁଯାୟୀ ଘରବାଡ଼ି କ୍ଷତିଗ୍ରସ୍ତ ପରିବାରମାନଙ୍କ ପାଇଁ ବିପର୍ଯ୍ୟୟ ସହାୟତା ପାଣ୍ଠିରୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି ନିମନ୍ତେ ୧.୨୦ ଲକ୍ଷ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ ପକ୍କା ଘର ପାଇଁ ୬,୫୦୦ ଟଙ୍କା, ଆଂଶିକ କ୍ଷତିଗ୍ରସ୍ତ କଚ୍ଚାଘର ପାଇଁ ୪,୦୦୦ ଟଙ୍କା, ଭାଙ୍ଗିଯାଇଥିବା କୁଡ଼ିଆ ଘର ପାଇଁ ୮,୦୦୦ ଟଙ୍କା ଓ ଗୁହାଳ ଘର ପାଇଁ ୩,୦୦୦ ଟଙ୍କା ଦିଆଯିବ। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଫସଲ ବା ଉଦ୍ୟାନ କ୍ଷୟକ୍ଷତି ନିମନ୍ତେ ଅଣଜଳସେଚିତ ଅଞ୍ଚଳ ହେକ୍ଟର ପିଛା ୮,୫୦୦ ଟଙ୍କା, ଜଳସେଚିତ ଜମିରେ ୧୭,୦୦୦ ଟଙ୍କା ଏବଂ ବାରମାସୀ ଫସଲ ପାଇଁ ହେକ୍ଟର ପିଛା ୨୨,୫୦୦ ଟଙ୍କା ହିସାବରେ ସହାୟତା ଯୋଗାଇ ଦିଆଯିବ। ବନ୍ୟାଜନିତ ମୃତ୍ୟୁ ଘଟଣାରେ ୬ ଜଣ ମୃତକଙ୍କ ନିକଟମ ପରିବାରକୁ ବିପର୍ଯ୍ୟୟ ସହାୟତା ପାଣ୍ଠି ନିୟମାନୁଯାୟୀ ୨୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ସେହିପରି ମୃତ ଗୃହପାଳିତ ପଶୁମାନଙ୍କ ପାଇଁ ମଧ୍ୟ ସହାୟତା ପ୍ରଦାନ କରାଯିବ। ଦୁଧିଆଳୀ (୭ମ ପୃଷ୍ଠା ଦେଖନ୍ତୁ)

## ବିକେପିପିଇଆର୍ ପ୍ରକଳ୍ପକୁ ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟିର ମଞ୍ଜୁରୀ

### ଓଡିଶା ଭିଜନ-୨୦୩୬ ଓ ବିକଶିତ ଭାରତ ୨୦୪୭ ସାକାର ଦିଗରେ ଆଉ ଏକ ମାଇଲଖୁଣ୍ଟ

।। ଭୁବନେଶ୍ୱର ।। ୩।୮ (ଜାଓ): ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ସିଟି ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର୍) ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ (ପିପିଆର୍)କୁ ରାଜ୍ୟସ୍ତରୀୟ ପ୍ରକଳ୍ପ ମନିଟରିଂ କମିଟି (ଏସ୍ଏଲପିଏମସି) ଅନୁମୋଦନ କରିଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାହ୍ୟ ସହାୟତାପ୍ରାପ୍ତ ପ୍ରକଳ୍ପ (ଇଏପି) ଅଧୀନରେ ଏହି ପ୍ରକଳ୍ପକୁ ଆଗକୁ ନେବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।



କେନ୍ଦ୍ର ସରକାରଙ୍କ ସିଟି ଇକୋନୋମିକ୍ ରିଜିଅନ୍ (ସିଇଆର) ଯୋଜନାର ପ୍ରଥମ ପର୍ଯ୍ୟାୟରେ ଦେଶର ଚାରିଟି ପାଇଲଟ୍ ଅର୍ଥନୈତିକ ଅଞ୍ଚଳ ମଧ୍ୟରେ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନ୍ (ବିକେପିପିଇଆର୍) କୁ ସାମିଲ କରାଯାଇଛି। ଏହି ଅଞ୍ଚଳ ପାଇଁ ୫,୦୦୦ କୋଟି ଟଙ୍କାର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ପ୍ରସ୍ତାବିତ ହୋଇଛି। ଏଥିରୁ ୭୦ ପ୍ରତିଶତ (୩,୫୦୦ କୋଟି ଟଙ୍କା) ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ଋଣ ମାଧ୍ୟମରେ ଏବଂ ୩୦ ପ୍ରତିଶତ (୧,୫୦୦ କୋଟି ଟଙ୍କା) କେନ୍ଦ୍ର ସରକାରଙ୍କ ସିଇଆର ଯୋଜନା ଅଧୀନରେ ଉପଲବ୍ଧ ହେବ।

ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ ହେଉଛି ଭୁବନେଶ୍ୱର, କଟକ, ପୁରୀ ଓ ପାରାଦୀପକୁ ଏକ ସମନ୍ୱିତ ଅର୍ଥନୈତିକ ଅଞ୍ଚଳ ଭାବେ ବିକଶିତ କରି ବିନିଯୋଗ, ଶିଳ୍ପ, ପର୍ଯ୍ୟଟନ, ଲଜିଷ୍ଟିକ୍ସ, ବନ୍ଦରଭିତ୍ତିକ ଶିଳ୍ପ, ଜ୍ଞାନଭିତ୍ତିକ ଅର୍ଥନୀତି ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା। ପ୍ରକଳ୍ପଟି ଓଡ଼ିଶା ଭିଜନ-୨୦୩୬ ଓ ୨୦୪୭ ଲକ୍ଷ୍ୟ ପୂରଣ ପାଇଁ ଏକ ପ୍ରମୁଖ ପଦକ୍ଷେପ ବୋଲି ଶ୍ରୀମତୀ ଗର୍ଗ ପ୍ରକାଶ କରିଥିଲେ। (୭ମ ପୃଷ୍ଠା ଦେଖନ୍ତୁ)

## ବିଜେପି ଗଡରେ ପିକେଙ୍କ ବିଜୟ

### ବିହାରର ବାଙ୍କିପୁର ଆସନରେ ବିଜେପି ପ୍ରାର୍ଥୀ ପରାସ୍ତ
### ୧୯ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ଜିତିଲେ ଜନ ସୁରାଜ ପାର୍ଟି ମୁଖ୍ୟ ପ୍ରଶାନ୍ତ କିଶୋର

।। ପାଟନା ।। ୩।୮ (ଏଜେନ୍ସି): ବିହାରରେ ବିଜେପିକୁ ବଡ ଝଟ୍‌କା । ବିହାରରେ ବିଜେପିର ଗଡ଼ ଭାବେ ପରିଚିତ ବାଙ୍କିପୁର ବିଧାନସଭା ଆସନ ଉପନିର୍ବାଚନରେ ବିଜେପି ପ୍ରାର୍ଥ ପରାସ୍ତ। ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତୀନ ନବୀନଙ୍କ ପାରମ୍ପରିକ ବିଧାନସଭା ଆସନରେ ବିଜେପି ପ୍ରାର୍ଥୀ ନୀରଜ କୁମାରଙ୍କୁ ୧୯ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ପରାସ୍ତ କରିଛନ୍ତି ଜନ ସୁରାଜ ପାର୍ଟିର ମୁଖ୍ୟ ପ୍ରଶାନ୍ତ କିଶୋର ବିଜୟୀ ହୋଇଛନ୍ତି ।



ନିର୍ବାଚନ ଫଳାଫଳ ଅନୁଯାୟୀ, ପ୍ରଶାନ୍ତ କିଶୋର ପ୍ରାୟ ୫୯ ହଜାରରୁ ଅଧିକ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ନୀରଜ କୁମାର ପ୍ରାୟ ୪୦ ହଜାର ଭୋଟରେ ସୀମିତ ରହିଥିଲେ। ଆରଜେଡି ପ୍ରାର୍ଥୀ ରେଖା କୁମାରୀ ତୃତୀୟ ସ୍ଥାନରେ ରହିଥିଲେ। ପ୍ରଶାନ୍ତ କିଶୋର ଓ ତାଙ୍କ ଜନ ସୁରାଜ ପାର୍ଟିର ଏହା ହେଉଛି ପ୍ରଥମ ନିର୍ବାଚନ ବିଜୟ। ୨୦୨୫ ବିହାର ବିଧାନସଭା ନିର୍ବାଚନରେ ପିକେଙ୍କ ଦଳ ୨୩୮ଟି ଆସନରେ ପ୍ରାର୍ଥୀ ଦେଇଥିଲା। କିନ୍ତୁ ଦଳ ଗୋଟିଏ ଆସନ ଜିତି ପାରି ନଥିଲା। ହେଲେ ଏବେ ଉପ ନିର୍ବାଚନରେ ବାଙ୍କିପୁରରୁ ପରିବର୍ତ୍ତନ ଆରମ୍ଭ ହୋଇଛି। ୧୯୯୫ ମସିହାରୁ ବିଜେପି ନିୟନ୍ତ୍ରଣରେ ଥିବା ବାଙ୍କିପୁର ଆସନରେ ଏହି ବିଜୟକୁ ପ୍ରଶାନ୍ତ କିଶୋରଙ୍କ ରାଜନୈତିକ ଜୀବନର ଏକ ବଡ଼ ସଫଳତା ଭାବେ ଦେଖାଯାଉଛି। ଦୀର୍ଘ ତିନି ଦଶନ୍ଧି ଧରି ବିଜେପିର ଦଖଲରେ ଥିବା ଏହି ଆସନରେ ଜନ ସୁରାଜ ପାର୍ଟିର ବିଜୟ ବିହାର ରାଜନୀତିରେ ନୂଆ ସମୀକରଣ ସୃଷ୍ଟି କରିଛି।

ଉଲ୍ଲେଖଯୋଗ୍ୟ, ବିଜେପି ନେତା ନିତିନ ନବୀନ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ବାଙ୍କିପୁର ବିଧାନସଭା ଆସନ ଖାଲି ପଡ଼ିଥିଲା।

## ଲିଭ୍-ଇନ୍‌କୁ ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ପାର୍ଟନରଙ୍କୁ ପତ୍ନୀ ପରି ମିଳିବ ଅଧିକାର

।। ନୂଆଦିଲ୍ଲୀ ।। ୩।୮ (ଏଜେନ୍ସି): ଲିଭ୍-ଇନ୍ ସମ୍ପର୍କକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି ସୁପ୍ରିମକୋର୍ଟ। ଏଣିକି ଲିଭ୍-ଇନ୍ ପାର୍ଟନରମାନଙ୍କୁ ସେମାନଙ୍କ ପତି କିମ୍ବା ସମ୍ପର୍କୀୟଙ୍କ ଦ୍ୱାରା ନିର୍ଯାତନା ମାମଲାରେ ପତ୍ନୀଙ୍କ ପରି ସମାନ ଆଇନଗତ ଅଧିକାର ଓ ସୁରକ୍ଷା ମିଳିବ ।



ସୁପ୍ରିମ୍ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ବିଏନଏସ ୮୫-୮୬ର ଯାହା ପୂର୍ବରୁ ଆଇପିସି (ସେକ୍ସନ ୪୯୮-ଏ) ଥିଲା, ଯାହା ସ୍ୱାମୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ଦ୍ୱାରା ହେଉଥିବା କ୍ରୂରତା ଓ ନିର୍ଯାତନା ବିରୋଧରେ ସୁରକ୍ଷା ଦିଏ, ତାହା ଏବେ ଲିଭ୍-ଇନ୍ ରିଲେସନସିପ୍ରେ ରହୁଥିବା ସାଥୀଙ୍କ ପାଇଁ ମଧ୍ୟ ଲାଗୁ ହେବ । ଅପରାଧ ପ୍ରମାଣିତ ହେଲେ ଦୋଷୀଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ସହ ଆର୍ଥିକ ଜୋରିମାନା ଭୋଗିବାକୁ ପଡ଼ିବ । ଯଦି କୌଣସି ମହିଳା / ସାଥୀଙ୍କ ପ୍ରତି ଏପରି ବ୍ୟବହାର କରାଯାଏ, ଯାହା ତାଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରେ, କିମ୍ବା ତାଙ୍କର ଗୁରୁତର ଶାରୀରିକ ଓ ମାନସିକ କ୍ଷତି ପହଞ୍ଚାଏ କିମ୍ବା ଯୌତୁକ/ସମ୍ପତ୍ତି ଭଳି ବେଆଇନ ଦାବି ପୂରଣ ପାଇଁ ହଇରାଣ କରାଯାଏ, ତେବେ ତାହା 'କ୍ରୂରତା' ଶ୍ରେଣୀଭୁକ୍ତ ହେବ । ଏହି ନିଷ୍ପତ୍ତି ଦ୍ୱାରା ଲିଭ୍-ଇନ୍ ରିଲେସନସିପ୍ରେ ରହୁଥିବା ବ୍ୟକ୍ତିମାନଙ୍କୁ ଏକ ବଡ଼ ଆଇନଗତ ସୁରକ୍ଷା କବଚ୍ ମିଳିଛି । ପୂର୍ବରୁ ଆଇନଗତ ଜଟିଳତା ହେତୁ ଲିଭ୍-ଇନ୍ ସାଥୀମାନେ ଶୋଷଣର ଶିକାର ହୋଇ ମଧ୍ୟ ଉଚିତ୍ ନ୍ୟାୟ (୭ମ ପୃଷ୍ଠା ଦେଖନ୍ତୁ)

## ପୁରୀ ରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ସାମିଲ୍ ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

।। ଭୁବନେଶ୍ୱର ।। ୩।୮ (ଜାଓ): ପୁରୀ ରଥଯାତ୍ରାକୁ ୟୁନେସ୍କୋ ତାଲିକାରେ ସାମିଲ୍ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚିଠି ଲେଖିଛନ୍ତି । ଚିଠିରେ ମୁଖ୍ୟମନ୍ତ୍ରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ), ପୁରୀ ପକ୍ଷରୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ମାନବଜାତିର ଅମୂର୍ତ୍ତ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରିବା ପାଇଁ ଅନୁରୋଧ କରିଛନ୍ତି ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ; ଏହା ଭାରତର ସମୃଦ୍ଧ ସାଂସ୍କୃତିକ ବିବିଧତା, ସର୍ବସମାବେଶୀ ଚେତନା, ଆଧ୍ୟାତ୍ମିକତା, ପାରମ୍ପରିକ କାରିଗରୀ, ସଙ୍ଗୀତ, ନୃତ୍ୟ ଏବଂ ସାମୂହିକ ଜନଅଂଶଗ୍ରହଣର ଏକ ଚିରନ୍ତନ ସଭ୍ୟତାଗତ ପରମ୍ପରାର ପ୍ରତୀକ। ଶତାବ୍ଦୀ ଧରି ପାଳିତ ହୋଇଆସୁଥିବା ଏହି ମହାପର୍ବ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ଭକ୍ତ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଆସୁଛି ଏବଂ ଭାରତର ଜୀବନ୍ତ ସାଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ପ୍ରତୀକ ଭାବେ ପରିଚିତ। ୟୁନେସ୍କୋର ଏହି ତାଲିକାରେ ଏହାର ସ୍ଥାନ ପାଇବା ଦ୍ୱାରା ଭାରତର ସମୃଦ୍ଧ ଅମୂର୍ତ୍ତ ସାଂସ୍କୃତିକ ପରମ୍ପରା ବିଶ୍ୱସ୍ତରରେ ଅଧିକ ସ୍ୱୀକୃତି ଲାଭ କରିବା ସହ ଏହାର ସଂରକ୍ଷଣ ଓ ପ୍ରସାରରେ ମଧ୍ୟ ଉଲ୍ଲେଖନୀୟ ସହାୟକ ହେବ।

ଏଥିପାଇଁ ସମସ୍ତ ଆବଶ୍ୟକ ସହାୟକ ଦସ୍ତାବିଜ ଏବଂ ସମ୍ବନ୍ଧିତ ସାମଗ୍ରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପୂର୍ବରୁ ହିଁ ବିଚାରାର୍ଥ ଦାଖଲ କରାଯାଇଛି। (୭ମ ପୃଷ୍ଠା ଦେଖନ୍ତୁ)

## ଦିଲ୍ଲୀରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ରାଷ୍ଟ୍ରପତି



।। ନୂଆଦିଲ୍ଲୀ ।। ୩।୮ (ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଲାଜପତ ନଗରର ଲାଜପତ ଭବନରେ ମହାନ ସ୍ୱାଧୀନତା ସଂଗ୍ରାମୀ, ବିଶିଷ୍ଟ ସାମାଜିକ କର୍ମୀ, ଶିକ୍ଷାବିତ୍ ଏବଂ ସାମ୍ବାଦିକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି ପ୍ରଥମେ ଲୋକସେବକ ମଣ୍ଡଳର ପ୍ରତିଷ୍ଠାତା ତଥା ଜଣେ ମହାନ୍ ସ୍ୱାଧୀନତା ସଂଗ୍ରାମୀ ଲାଲା ଲାଜପତ ରାୟଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ରାଷ୍ଟ୍ରପତି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ଦିଲ୍ଲୀରେ ସ୍ଥାପିତ ଗୋପବନ୍ଧୁ ଦାସଙ୍କ ଏହା ହେଉଛି ପ୍ରଥମ ପ୍ରତିମୂର୍ତ୍ତି।

ଗୋପବନ୍ଧୁ ଦାସ ତାଙ୍କର ସମଗ୍ର ଜୀବନ ଗରିବ, ଅବହେଳିତ, ଅନାଥ ଏବଂ ପୀଡ଼ିତ ମାନବତାର ସେବା, ଶିକ୍ଷାର ପ୍ରସାର ଏବଂ ଦେଶକୁ ଜାଗ୍ରତ କରିବା ପାଇଁ ଉତ୍ସର୍ଗ କରିଥିଲେ। ତାଙ୍କର ଅତୁଳନୀୟ ସେବା ପାଇଁ ତାଙ୍କୁ 'ଉତ୍କଳମଣି'(ଓଡ଼ିଶାର ରତ୍ନ) ଉପାଧିରେ ସମ୍ମାନିତ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଙ୍କୁ ଜାତୀୟ ସଭାପତି ରାଜକୁମାର ଚୋପ୍ରା ଏବଂ ଲୋକସେବକ ମଣ୍ଡଳର ଜାତୀୟ ସଚିବ ରାମନାଥ ଝା ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ପୂର୍ବତନ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, (୭ମ ପୃଷ୍ଠା ଦେଖନ୍ତୁ)

## ମନମୁଣ୍ଡା ପୋଲିସକୁ ବଡ଼ ସଫଳତା

# ୪ କ୍ୱିଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨ ଗିରଫ



**ବୌଦ୍ଧ, ୩।୮ (ଜାଓ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ଏକ ଗଞ୍ଜେଇ ଚୋରା ଚାଲାଣ ରାକେଟର ପର୍ଦ୍ଦାଫାଶ କରି ପୋଲିସ ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଜବତ ହୋଇଥିବା ଗଞ୍ଜେଇର ଓଜନ ପ୍ରାୟ ୪ କ୍ୱିଣ୍ଟାଲ ୫୭ କେଜିରୁ ଅଧିକ ହେବ। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଦୁଇ ଜଣ ଅଭିଯୁକ୍ତ ପୋଲିସକୁ ଚକମା ଦେଇ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୯ଟା ସମୟରେ ମନମୁଣ୍ଡା ଥାନା ଏସଆଇ ରିଙ୍କି ପାତ୍ର ଏବଂ ଅନ୍ୟ ପୋଲିସ କର୍ମଚାରୀମାନେ ଶଗଡ଼ା ଓ ଖଣ୍ଡିକନପା ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ। ଏହି ସମୟରେ ଖଣ୍ଡିକନପା ବ୍ରିଜ ନିକଟରେ ଚାରୋଟି ମୋଟର ସାଇକେଲରେ ୪ ଜଣ ବ୍ୟକ୍ତି ସନ୍ଦିଗ୍ଧ ଅବସ୍ଥାରେ କିଛି ବସ୍ତା ବୋହି ଆଣୁଥିବାର ପୋଲିସ ଦେଖିବାକୁ ପାଇଥିଲା। ପୋଲିସ ଗାଡ଼ିକୁ ଦେଖିବା ମାତ୍ରେ ସେମାନଙ୍କ ମଧ୍ୟରୁ ଦୁଇ ଜଣ ନିଜ ମୋଟର ସାଇକେଲ ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ପୋଲିସ ଅନ୍ୟ ଦୁଇ ଜଣଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଧରାପଡିଥିବା ଦୁଇ ଅଭିଯୁକ୍ତ ହେଲେ ମନମୁଣ୍ଡା ଥାନା ଅନ୍ତର୍ଗତ ଖଣ୍ଡିକନପା ଗ୍ରାମର ସୁଦର୍ଶନ ମହାକୁଡ଼ (୫୮) ଏବଂ ବରଗୋଛା ଗ୍ରାମର ଜ୍ୟୋତିରଞ୍ଜନ ପ୍ରଧାନ (୨୮)। ଖସି ପଳାଇଥିବା ଅନ୍ୟ ଦୁଇ ଜଣ ଅଭିଯୁକ୍ତ ଗୋଛାପଡ଼ା ଅଞ୍ଚଳର ବୋଲି ଜଣାପଡିଛି, ମାତ୍ର ସେମାନଙ୍କର ସମ୍ପୂର୍ଣ୍ଣ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ। ପୋଲିସ ସେମାନେ ଆଣୁଥିବା ୮ଟି ବସ୍ତାକୁ ଯାଞ୍ଚ କରିବାରୁ ସେଥିରୁ ପ୍ରବଳ ଗଞ୍ଜେଇ ବାସ୍ନା ଆସିଥିଲା। ପରେ ଜଣେ ଏକ୍ସିକ୍ୟୁଟିଭ୍ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା, ଯାହାର ଓଜନ ବସ୍ତା ସହିତ ୪ କ୍ୱିଣ୍ଟାଲ ୫୭ କେଜି ୮୪୦ ଗ୍ରାମ ହୋଇଥିଲା। ଏହି ଗଞ୍ଜେଇ ପରିବହନ ସମ୍ପର୍କରେ ପୋଲିସ ସେମାନଙ୍କୁ କାଗଜପତ୍ର ଓ ଲାଇସେନ୍ସ ମାଗିବାରୁ ସେମାନେ କୌଣସି ବୈଧ ପ୍ରମାଣପତ୍ର ଦେଖାଇ ପାରିନଥିଲେ। ଘଟଣାସ୍ଥଳରେ ଏକ୍ସିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ପୋଲିସ ଉକ୍ତ ଗଞ୍ଜେଇ ସମେତ ୪ଟି ବାଇକ ଏବଂ ୨ଟି ମୋବାଇଲ ଫୋନ ଜବତ କରିଛି। ଏ ନେଇ ମନମୁଣ୍ଡା ଥାନାରେ ଏନଡିପିଏସ ଆକ୍ଟର ଧାରା ୨୦(ବି)(ଆଇଆଇ)(ସି) ଅନୁଯାୟୀ କେସ୍ ନମ୍ବର ୩୧୬/୨୦୨୬ ରୁଜୁ କରାଯାଇଛି। ଗିରଫ ସୁଦର୍ଶନ ଓ ଜ୍ୟୋତିରଞ୍ଜନଙ୍କ ସମେତ ଫେରାର ଥିବା ଅନ୍ୟ ଦୁଇ ଅଜଣା ବାଇକ ଚାଳକଙ୍କ ନାମରେ ଏହି ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

# ୬୮ କେଜି ଗଞ୍ଜେଇ ଜବତ, ଜଣେ ଗିରଫ



**ବୌଦ୍ଧ, ୩।୮ (ଜାଓ):** ଗତକାଲି ପାଟ୍ରୋଲିଂ କରୁଥିବା ସମୟରେ କନ୍ଧମାଳ ପୋଲିସକୁ ଏକ ବଡ଼ ସଫଳତା ମିଳିଛି। କନ୍ଧମାଳ ଥାନା ଅନ୍ତର୍ଗତ ଖଇରମାଳ ଗ୍ରାମରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ଥିବା ନେଇ ପୋଲିସକୁ କୌଣସି ସୂତ୍ରରୁ ଖବର ମିଳିଥିଲା।

ସୂଚନା ଅନୁଯାୟୀ, ଖଇରମାଳ ଗ୍ରାମର ଲିଙ୍ଗରାଜ ସାହୁ (୩୬) ନିଜ ଘରେ ବେଆଇନ ଭାବେ ଗଞ୍ଜେଇ ମହଜୁଦ ରଖିଥିବା ନେଇ ପୋଲିସ ଖବର ପାଇଥିଲା। ଏହି ଖବର ପାଇବା ମାତ୍ରେ କନ୍ଧମାଳ ପୋଲିସର ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଲିଙ୍ଗରାଜଙ୍କ ଘରୁ ମୋଟ ୬୮ କେଜି ଗଞ୍ଜେଇ ଜବତ କରାଯାଇଛି। ଏହି ବେଆଇନ ଗଞ୍ଜେଇ କାରବାର ନେଇ କନ୍ଧମାଳ ପୋଲିସ ପକ୍ଷରୁ ଏନଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ଏବଂ ଅଭିଯୁକ୍ତ ଲିଙ୍ଗରାଜ ସାହୁଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## କନ୍ଧମାଳ ରୁ ବିହାର ଚାଲାଣ ହେଉଥିଲା ଗଞ୍ଜେଇ

# କାର ସହ ୪୦ କିଲୋ ଗଞ୍ଜେଇ ଜବତ; ୨ ଗିରଫ

**ଫୁଲବାଣୀ, ୩।୮ (ଜାଓ):** କନ୍ଧମାଳ ଜିଲ୍ଲା ଆଦର୍ଶ ଅବକାରୀ ଥାନା ସୋବାବାର ଏକ କାର ସହ ୪୦ କିଲୋ ଗଞ୍ଜେଇ ଜ ଜବତ କରିବାରେ ସଫଳ ହୋଇଥିବା ବେଳେ ଏହି ଘଟଣାରେ ଦୁଇଜଣ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ସୂଚନା ଅନୁସାରେ କନ୍ଧମାଳରୁ ବିହାରକୁ ଏକ କାରରେ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଅବକାରୀ ବିଭାଗ କୁ ସୂଚନା ମିଳିଥିଲା ସୂଚନା ମିଳିବା ପରେ କନ୍ଧମାଳ ଜିଲ୍ଲା ଅବକାରୀ ଅଧିକ୍ଷକ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ମଡେଲ ଅବକାରୀ ଥାନାରେ କାର୍ଯ୍ୟରତ ଇନ୍ସପେକ୍ଟର ବିନୋଦ କୁମାର ବାସ୍କେଙ୍କ ନତୃତ୍ୱ ରେ ଫୁଲବାଣୀ ସଦର ଥାନା ସାର୍ତ୍ତାଗୁଡା ଛକ ନିକଟରେ ବିଭାଗର କର୍ମଚାରୀ ମାନେ କାରକୁ ଧରିବାରେ ସଫଳ ହୋଇଥିଲେ ତେବେ ଗିରଫ ଅଭିଯୁକ୍ତ ମାନେ ବିହାର ରାଜ୍ୟର ମିଥିଲେସ କୁମାର ଓ ଅନ୍ୟଜଣେ ସୁନୀଲ କୁମାର ଭାରତୀ ବୋଲି ଜଣାପଡିଥିବା ବେଳେ ଏହି ଦୁଇଜଣ




ଜଣେ ଜଣେ ପେସାଦାର ଗଞ୍ଜେଇ ମାଫିଆ ବୋଲି ଜଣାପଡିଛି। ସେପଟେ ଏହି ଘଟଣାରେ ମଡେଲ ଅବକାରୀ ଥାନାରେ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଅବକାରୀ ଅଧିକାରୀ ବିନୋଦ କୁମାର ବାସ୍କେ।

# ବଜ୍ରାଘାତରେ ଚାଷୀଙ୍କ ମୃତ୍ୟୁ, ଜଣେ ଗୁରୁତର

**ଆନନ୍ଦପୁର, ୩।୮ (ଜାଓ):** ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଖଲଣା ଗ୍ରାମରେ ୩ତାରିଖ ସୋମବାର ଦିନ ବଜ୍ରାଘାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଚାଷୀ ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଖଲଣା ଗ୍ରାମର ରମାକାନ୍ତ ବେହେରା ଓ ଭଗବାନ ରାଉତ ସୋମବାର ବିଲରେ ଧାନତଳି ରୋଉଥିବା ସମୟରେ ହଠାତ୍ ବଜ୍ରପାତ ହୋଇଥିଲା। ଏଥିରେ ଉଭୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ହସ୍ପିଟାଲରେ ଡାକ୍ତର ଚାଷୀ ରମାକାନ୍ତ ବେହେରାଙ୍କୁ ମୃତ ଘୋଷଣା କରିଥିବାବେଳେ ଭଗବାନ ରାଉତ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଦେଖାଯାଇଛି। ରାମଚନ୍ଦ୍ରପୁର ପୋଲିସ ହସ୍ପିଟାଲ ଓ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ବଜ୍ରପାତରେ ମୃତ୍ୟୁବରଣ କରିଥିବା ଚାଷୀ ଓ ଗୁରୁତର ଥିବା ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଶ୍ରାବଣ ପ୍ରଥମ ସୋମବାର, ବିଭିନ୍ନ ଶୈବପୀଠରେ କାଉଡିଆଙ୍କ ଭିଡ

## ବୋଲବମ୍ ଡାକରେ ଗୁଞ୍ଜରିତ ହେଲା ପଞ୍ଚଶମ୍ଭୁଙ୍କ ପୀଠ

**ବୁଗୁଡ଼ା, ୩।୮ (ଜାଓ):** ସ୍ଥାନୀୟ ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ ଶ୍ରାବଣ ମାସର ପ୍ରଥମ ସୋମବାର ଦିନ କାଉଡିଆଙ୍କ ଭିଡ ଦେଖିବାକୁ ମିଳିଛି। ଚଳିତ ବର୍ଷ ଦଳ ଦଳ କାଉଡିଆ ବୋଲବମ୍ ଡାକ ଦେଇ ବିଭିନ୍ନ ଶୈବପୀଠ ଅଭିମୁଖେ ପଦଯାତ୍ରା କରୁଛନ୍ତି। ବୁଗୁଡା ଏବଂ ଏହାର ଆଖପାଖ ଅଞ୍ଚଳର ଶହ ଶହ କାଉଡିଆ ଋଷିକୁଲ୍ୟା-ବଡନଦୀର ସଙ୍ଗମ ସ୍ଥଳରେ ପୁରୋହିତମାନଙ୍କ ଦ୍ୱାରା ପବିତ୍ର ଜଳକୁ ଅଭିଷେକ ଆଦି ପୂଜାପାଠ ପୂର୍ବକ ମାନସିକ ବ୍ରତ ଧାରଣ କରି ଜଳ ଭାର ଘେନି ବାଟ ସାରା ହରହର ବମ୍, ବୋଲ୍ ବମ୍ ଆଦି ଉଚ୍ଚାରଣ କରି ବୁଦ୍ଧଖୋଲରେ ପହଞ୍ଚି ସେଠାକାର ପଞ୍ଚଶମ୍ଭୁଙ୍କଠାରେ ଜଳାଭିଷେକ କରିଛନ୍ତି। ଅନୁରୂପ ଭାବେ ଏଠାକାର କୁବେରେଶ୍ୱରଙ୍କ ଠାରେ ମଧ୍ୟ ବହୁ କାଉଡିଆ ଜଳାଭିଷେକ କରିଛନ୍ତି।

## ପୁରୀରେ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି ଜଳଲାଗି ନୀତି

**ପୁରୀ, ୩।୮ (ଜାଓ):** ଆଜି ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ପୁରୀ ସ୍ଥିତ ଶ୍ରୀ ଲୋକନାଥ ମନ୍ଦିର ସମେତ ସହରର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁ ଜଳାଲାଗି କରିଥିଲେ। ପ୍ରାୟ ୨୫ ହଜାର ଭକ୍ତ ଶ୍ରୀ ଲୋକନାଥ ମନ୍ଦିରରେ ଜଳାଲାଗି କରିଥିବା ବେଳେ, ପୁରୀର ଅନ୍ୟାନ୍ୟ ଶିବ ମନ୍ଦିରରେ ମଧ୍ୟ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁ ଦର୍ଶନ ବ୍ୟବସ୍ଥା ପାଇଁ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ବୌଦ୍ଧ ଜିଲ୍ଲାର ଭକ୍ତ ପ୍ରହ୍ଲାଦ ବୋଇ ଓଁକାରେଶ୍ୱର ମନ୍ଦିରରେ ଜଳାଲାଗି କରିବାକୁ ଆସିଥିବା ସମୟରେ ହଠାତ୍ ଅସୁସ୍ଥ ହୋଇ ବେହୋଶ ହୋଇପଡ଼ି ତଳେ ପଡିଯାଇଥିଲେ ତାଙ୍କର ମୁଣ୍ଡ ମାଡ ହୋଇଯାଇଥିଲା। ଉପସ୍ଥିତ ପୋଲିସ ଓ ସେଠାର ଲୋକ ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ମେଡିକାଲକୁ ପଠାଇଥିଲେ। ଆବଶ୍ୟକ ଚିକିତ୍ସା ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି।

## ଖିରେଶ୍ୱର ପିଠରେ ନାହିଁ ନଥିବା ଭିଡ

**ବାଲିଆପାଳ, ୩।୮ (ଜାଓ):** ସିଂଲାଥାନା ଅନ୍ତର୍ଗତ କଷାଫଳ ପଞ୍ଚାୟତର ବାବ ଖିରେଶ୍ୱର ମନ୍ଦିର ରେ ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ କାଉଡ଼ିଆଙ୍କ ନାହିଁ ନଥିବା ଭିଡ଼ ଲାଗିଥିଲା। କଷାଫଳ ପଞ୍ଚାୟତ ସମେତ ଏହାର ଆଖପାଖ



ଅଞ୍ଚଳ ରୁ ଶତାଧିକ ମହିଳା ଓ ପୁରୁଷ ମାନେ ଜଳାଭିଷେକ ପାଇଁ କାଉଡ଼ିଆ ମାନେ ଡୁବୁଡୁବି ନଦୀର ଆଳୁମେଦା ଫେରି ଘାଟରୁ ସକାଳୁ ପୂଜାର୍ଚ୍ଚନା କରି କଳସ ମୁଣ୍ଡି ବିରାଟ ଶୋଭାଯାତ୍ରାରେ ଆସି ଖିରେଶ୍ୱର ଙ୍କ ଠାରେ ଜଳ ଢାଳିଥିଲେ। ଜଳ ଢାଳିବା କୁ ଆସିଥିବା ହଜାର ହଜାର ଭକ୍ତ। ଆନନ୍ଦ ବଜାର ରେ ପ୍ରସାଦ ସେବନ ପାଇଁ ଭିଡ଼ ଲାଗିଥିଲା। ସମାଜସେବୀ ମୁକୁନ୍ଦ ଆଦେକ୍, ନାଏବ ସରପଞ୍ଚ ପ୍ରିୟରଞ୍ଜନ ପୁଷ୍ଟି, ଶ୍ରୀପତି ଗିରି, ଅରୁଣ ସ୍ୱାଇଁ, ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର, ଚନ୍ଦନ କୁମାର ପାତ୍ର, ହରେକୃଷ୍ଣ ଖଣ୍ଡା ପ୍ରମୁଖଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ୫୦ହଜାର କାଉଡ଼ିଆ

**ନୀଳଗିରି, ୩।୮ (ଜାଓ):** ଆଜି ଶ୍ରାବଣ ମାସ ପ୍ରଥମ ସୋମବାର। ଉତ୍ତର ଓଡିଶା ପ୍ରସିଦ୍ଧ ଶୈବ ପୀଠ ଭାବେ ପରିଚିତ ବାବା ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠରେ ୫୦ ହଜାର କାଉଡ଼ିଆ ଜଳାଭିଷେକ କରିଥିଲେ। ସମଗ୍ର ଅଞ୍ଚଳ ବୋଲ-ବମ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ଜଳାଭିଷେକ ପାଇଁ ବିଭିନ୍ନ ଜିଲ୍ଲାରୁ କାଉଡିଆମାନେ ବୁଢ଼ା ବଳଙ୍ଗ, ସୋନ, ଟାଙ୍ଗଣା, ସାପୁଆ, ଚୁଡାଖିଆ ପ୍ରଭୃତି ନଦୀ ରୁ ଜଳ ଧାରଣ କରି ବହୁ କିମି ପଦଯାତ୍ରା ରେ ଆସି ବାବାଙ୍କ ପୀଠ ସ୍ଥଳୀ ରେ ଜଳାଭିଷେକ କରିଛନ୍ତି। ନୀଳଗିରି-କପ୍ତିପଦା ୧୯ନମ୍ବର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱରେ ବିଭିନ୍ନ ସ୍ୱେଚ୍ଛା ସେବୀ ସଂଗଠନ ପକ୍ଷରୁ ମାଗଣା ପ୍ରସାଦ, ଜଳଖିଆ, ସର୍ବତ, ଚା ବ୍ୟବସ୍ଥା ସହିତ ବିଶ୍ରାମ ଓ ସେବା ଯୋଗାଇ ଦିଆଯାଇଥିଲା।

# ଆବାସ ଯୋଜନାରେ ଅନିୟମିତତା; ବ୍ଲକ ଘେରିଲେ ଶତାଧିକ ଲୋକେ

**ଆନନ୍ଦପୁର, ୩।୮ (ଜାଓ):** ଆନନ୍ଦପୁର ଉପଖଣ୍ଡ ଘସିପୁରା ବ୍ଲକ ସମ୍ମୁଖରେ ୩ତାରିଖ ସୋମବାର ଦିନ ଅଭିଯୋଗ କରି ସୋମବାର ଶତାଧିକ ଲୋକ ଘଷିପୁରା ବ୍ଲକ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ



ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ ପ୍ରକ୍ରିୟାରେ ଅନିୟମିତତାକୁ ନେଇ ଶତାଧିକ ଲୋକ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖାଯାଇଛି। ପଂଚାୟତ କାର୍ଯ୍ୟାଳୟଗୁଡ଼ିକରେ ପ୍ରକାଶିତ ହୋଇଥିବା ହିତାଧିକାରୀ ତାଲିକାରେ ପ୍ରକୃତ ଯୋଗ୍ୟ ପରିବାରଙ୍କ ନାମ ବାଦ ପଡ଼ିଥିବା କରିଥିଲେ। ବିକ୍ଷୋଭକାରୀଙ୍କ ଅଭିଯୋଗ ଅନୁଯାୟୀ, ଆର୍ଥିକ ଭାବେ ସ୍ୱଚ୍ଛଳ ଏବଂ ପକ୍କା ଘର ଥିବା ଅନେକ ବ୍ୟକ୍ତିଙ୍କ ନାମ ଆବାସ ଯୋଜନାର ତାଲିକାରେ ସ୍ଥାନ ପାଇଥିବା ବେଳେ ପ୍ରକୃତ ଗରିବ, ଗୃହହୀନ ପରିବାରମାନଙ୍କୁ ତାଲିକାରୁ ବାଦ ଦିଆଯାଇଛି। ରାଜନୈତିକ ନେତାଙ୍କ ଇଙ୍ଗିତରେ ବ୍ଲକ କର୍ତ୍ତୃପକ୍ଷ ସ୍ୱଚ୍ଛଳ ବର୍ଗର ଲୋକଙ୍କୁ ଆବାସ ଯୋଜନରେ ସାମିଲ କରୁଥିବା ବେଳେ ଯୋଗ୍ୟ ହିତାଧିକାରୀମାନେ ସରକାରୀ ସୁବିଧାରୁ ବଂଚିତ ହେଉଛନ୍ତି ବୋଲି ସେମାନେ କହିଛନ୍ତି। ବ୍ଲକ ପରିସରରେ ବିକ୍ଷୋଭ ପ୍ରଦର୍ଶନ ସହ ତୁରନ୍ତ ତାଲିକାର ପୁନଃଯାଂଚ କରି ପ୍ରକୃତ ଯୋଗ୍ୟ ପରିବାରଙ୍କୁ ସାମିଲ କରିବାକୁ ଦାବି କରିଥିଲେ। ଏହି ଘଟଣାକୁ ନେଇ ଘସିପୁରା ବିଡିଓ ବିକ୍ଷୋଭକାରୀଙ୍କ ସହ ଆଲୋଚନା କରି ସମସ୍ତଙ୍କୁ ନିଜ ଆପତ୍ତି ଓ ଅଭିଯୋଗ ଲିଖିତ ଆକାରରେ ଅଭିଯୋଗ ବାକ୍ସରେ ଜମା କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଅଭିଯୋଗର ଯାଂଚ ଓ ବିଚାର ପରେ ଚୂଡ଼ାନ୍ତ ହିତାଧିକାରୀ ତାଲିକା ପ୍ରସ୍ତୁତ କରାଯିବ ଏବଂ ଯୋଗ୍ୟ ପରିବାରମାନଙ୍କୁ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ।

# ସୋନପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି: ୫୨ଟି ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର, ୩।୮ (ଜାଓ):** ଆଜି ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୫୨ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୪୧ ବ୍ୟକ୍ତିଗତ ଏବଂ ୧୦ଟି ସାମୂହିକ ଦରଖାସ୍ତ ଥିଲା ଏବଂ ୧ଟି ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସହାୟତା ପାଇଁ ଆସିଥିଲା।

# ବ୍ରିଜ୍ ନିର୍ମାଣ ବେଳେ ଶ୍ରମିକଙ୍କ ମୃତ୍ୟୁ !

## କ୍ଷତିପୂରଣ ବାବଦରେ ଅଢେଇ ଲକ୍ଷ ଟଙ୍କାର ରାଜିନାମାକୁ ନେଇ ପ୍ରଶ୍ନ ?

**ବୁଗୁଡା, ୩।୮ (ଜାଓ):** ଗଂଜାମ ଜିଲ୍ଲା ପୋଲସରା ବ୍ଲକ ଅନ୍ତର୍ଗତ ପାଣ୍ଡିରିପଡ଼ା ପଞ୍ଚାୟତର ନିରାଶ ପଲ୍ଲୀଠାରେ ଏକ ବ୍ରିଜ୍ ନିର୍ମାଣ କାର୍ଯ୍ୟ ସମୟରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ଜଣକ ହେଉଛନ୍ତି ପୋଲସରା ଥାନା ଗୋଛାବାଡ଼ି ଗ୍ରାମର ସୁଶାନ୍ତ ଗୌଡ଼ (୩୬)।

ସୂଚନା ଅନୁଯାୟୀ, ପୁରୀର ଏକ ଠିକା ସଂସ୍ଥା ଏହି ବ୍ରିଜ୍ ନିର୍ମାଣ କାମ କରୁଥିବାବେଳେ ଗୌତମ ପାଇକରା ଏହାର ଦାୟିତ୍ୱରେ ଥିଲେ। ତାଙ୍କ ଅଧୀନରେ ସ୍ଥାନୀୟ ଅଞ୍ଚଳର ଏକାଧିକ ଶ୍ରମିକ କାମ କରୁଥିଲେ। ସୁଶାନ୍ତ ସୋମବାର ଏକ ଭାରୀ ସାମଗ୍ରୀ ଉଠାଉଥିବା ସମୟରେ ଅସୁସ୍ଥ ହୋଇ ପଡ଼ିଯାଇଥିଲେ। ସହକର୍ମୀମାନେ ତାଙ୍କୁ ତୁରନ୍ତ ପାଣ୍ଡିରିପଡ଼ା ଉପ-ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପରେ ଉନ୍ନତ ଚିକିତ୍ସା ପାଇଁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇ ଆମ୍ବୁଲାନ୍ସ ଡକାଇଥିଲେ। ତେବେ ପରିବାର ର ଅଭିଯୋଗ ଅନୁଯାୟୀ, ଆମ୍ବୁଲାନ୍ସ କିଛି ସମୟ ଅପେକ୍ଷା କରିଥିଲେ ମଧ୍ୟ ସୁଶାନ୍ତଙ୍କୁ ଆମ୍ବୁଲାନ୍ସ ରେ ନିଆଯାଇନଥିଲା। ପରେ ତାଙ୍କ ମୃତଦେହକୁ ସିଧାସଳଖ ଶ୍ମଶାନକୁ ନେଇ ଅନ୍ତେଷ୍ଟି କରାଯାଇଥିବା ଅଭିଯୋଗ ହୋଇଛି। ଆହୁରି ଅଭିଯୋଗ ହୋଇଛି ଯେ, ଘଟଣା ପରେ ଠିକା ସଂସ୍ଥାର ଦାୟିତ୍ୱରେ ଥିବା ଗୌତମ ପାଇକରା ଏବଂ ସ୍ଥାନୀୟ କିଛି ବ୍ୟକ୍ତିଙ୍କ ଉପସ୍ଥିତିରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ଅଢେଇ ଲକ୍ଷ ଟଙ୍କା ଦେବାକୁ ରାଜିନାମା ହୋଇଥିଲା। ଏହାକୁ ନେଇ ଘଟଣାର ସଠିକ୍ ତଦନ୍ତ, ଶ୍ରମିକଙ୍କ ମୃତ୍ୟୁର ପ୍ରକୃତ କାରଣ ଏବଂ ଆଇନଗତ ପ୍ରକ୍ରିୟା ପାଳନ ହୋଇଥିଲା କି ନାହିଁ, ସେନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନେବା ସହ ମୃତକଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ପାଚିକାଙ୍କୁ ସରକାରଙ୍କ ଅବହେଳ ପ୍ରତିବାଦରେ ସଭା

**ସାନଖେମୁଣ୍ଡି, ୩।୮ (ଜାଓ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ବୁଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜୁ ଶ୍ରମିକ ସାମୁଖ୍ୟ ସହ ବନ୍ଧିତ ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚକ ପାଚିକା ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ ରେ ରାଜ୍ୟ ସାରା ପାଚିକା ଙ୍କୁ ସରକାରଙ୍କ ଚରମ ଅବହେଳା କୁ ରାଜ୍ୟ ସଙ୍ଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ତୀବ୍ର ପ୍ରତିବାଦ କରିଛନ୍ତି। ବହୁ ଚେଷ୍ଟା ଅନୁରୋଧ ପରେ ମଧ୍ୟ ସରକାର ନିଜ ଘୋଷିତ ପ୍ରତିଶ୍ରୁତି ଯାହାକି ପ୍ରାଥମିକ ଶିକ୍ଷା ରେ ଦୀର୍ଘ ୩୦ ବର୍ଷ ଧରି କାମକରି ଆସୁଥିବ ପାଚିକା ମା ମାନଙ୍କୁ ନିଯୁକ୍ତି ପତ୍ର ଏବଂ ପରିଚୟ ଦେବାକୁ କହିଥିଲେ ମଧ୍ୟ ଉକ୍ତ ପତ୍ର ନଦେଇ ସାମ୍ବିଧାନିକ ଆଇନ ଗତ ଅଧିକାର ଠାରୁ ଦୂରେଇ ରଖିଛନ୍ତି ବୋଲି ଶ୍ରୀ ସ୍ୱାଇଁ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏଥି ସହ ସରକାର ତୁରନ୍ତ ମା ମାନଙ୍କ ପୂର୍ବରୁ ପ୍ରଦତ୍ତ ସାତ ଦଫା ଦାବି ମାନିନେବାକୁ ଦାବି ଜଣାଇଛନ୍ତି। ବ୍ଲକ ସଭାନେତ୍ରୀ ନର୍ମଦା ସାହୁ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସମ୍ମିଳନୀ ରେ ରାଜ୍ୟ ସମ୍ପାଦିକା ଗାୟତ୍ରୀ ମହାରଣା, ରାଜ୍ୟ ସହ ସମ୍ପାଦିକା ସୁମତି ପାଣିଗ୍ରାହୀ, ଦିଗପହଣ୍ଡି ବ୍ଲକ ସଭାନେତ୍ରୀ ସରସ୍ୱତୀ ମହାରଣା ଙ୍କ ସମେତ ୫୦୦ଉର୍ଦ୍ଧ ପାଚିକା ମା ସମ୍ମିଳନୀ ରେ ନିଜର ହକ ପାଇଁ ସରକାର ଙ୍କୁ ନିଜ ଦାବୀ ଜଣାଇଛନ୍ତି।

# ନବରଂଗପୁର ଠାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

**ନବରଙ୍ଗପୁର, ୩/୮(ଜାଓ):** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଅଧ୍ୟକ୍ଷତାରେ ଏକ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ଼. ପ୍ରମୋଦ କୁମାର ପୃଷ୍ଟି, ବନଖଣ୍ଡ ଅଧିକାରୀ ଉଦୟନ୍ ସୁବୁଦ୍ଧି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଡିଓ ସୁନୀଲ ଖରାଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୫୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୩୮ଟି ବ୍ୟକ୍ତିଗତ ଏବଂ ୧୭ଟି ସାମୂହିକ/ଗ୍ରାମ୍ୟ ସମସ୍ୟା ସମ୍ବନ୍ଧୀୟ ଅଭିଯୋଗ ରହିଥିଲା। ପ୍ରାପ୍ତ ଅଭିଯୋଗମାନଙ୍କ ମଧ୍ୟରୁ ୧ଟି ଅଭିଯୋଗର ସମାଧାନ ଘଟଣାସ୍ଥଳରେ କରାଯାଇଥିବାବେଳେ ୧ ଜଣ ଆବେଦନକାରୀଙ୍କୁ ରେଡକ୍ରସ ସହାୟତା ପ୍ରଦାନ ପାଇଁ ମଞ୍ଜୁର କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଓସ୍ୱାସ ମାଧ୍ୟମରେ ସରକାରୀ ଫାଇଲର ଅନଲାଇନ ବ୍ୟବହାର ପୂର୍ବକ ଉଲ୍ଲେଖନୀୟ ସରକାରୀ କାର୍ଯ୍ୟ କରିଥିବା ବିଭିନ୍ନ କାର୍ଯ୍ୟାଳୟକୁ ପ୍ରଶଂସା ପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ପ୍ରକାଶ ଥାଉ କି ଗତ ଜୁଲାଇ ମାସରେ ସାରା ରାଜ୍ୟରେ ନବରଙ୍ଗପୁର ଜିଲ୍ଲା ଓସ୍ୱାସ ମାଧ୍ୟମରେ ଅଧିକ ସଂଖ୍ୟକ ସରକାରୀ ଫାଇଲ ଅନଲାଇନ ପରିଚାଳନା କରି ପ୍ରଥମ ସ୍ଥାନ ଅଧିକାର କରିଥିଲା। ଯାହାକି ସରକାରୀ ସେବା ପ୍ରଦାନରେ ଏକ ଉତ୍ସାହ ପୂର୍ଣ୍ଣ ପଦକ୍ଷେପ ଅଟେ।

## ଯୁଗ୍ମ ଅଭିଯୋଗ ଶୁଣାଣି; ୧୦୪ ଅଭିଯୋଗ ମଧ୍ୟରୁ ୩ଟିର ସମାଧାନ

**ପୁରୀ, ୩।୮ (ଜାଓ):** ଆଜି ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଅଧ୍ୟକ୍ଷତା କରିବା ସହ ଅଭିଯୋଗ ଶୁଣାଣି କରିଥିଲେ। ଅଭିଯୋଗ ଗୁଡ଼ିକର ତ୍ୱରାନ୍ୱିତ ସମାଧାନ ପାଇଁ ଯେଉଁ ବିଭାଗକୁ ଅଭିଯୋଗ ପତ୍ର ପଠାଯାଉଛି ଆଇନ ଅନୁଯାୟୀ ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ଶୁଣାଣି ରେ ମୋଟ ୧୦୪ ଗୋଟି ଅଭିଯୋଗ ପତ୍ର ମିଳିଥିଲା। ସେଥିରୁ ବ୍ୟକ୍ତିଗତ ୯୫ ଗୋଟି, ସାମୁହିକ ୫ ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ୪ ଗୋଟି ଆବେଦନ ପତ୍ର ମିଳିଥିଲା। ତତକ୍ଷଣାତ ୩ ଗୋଟିର ସମାଧାନ ହୋଇଥିଲା। ଅନ୍ୟ ଗୁଡିକୁ ଆଇନ ଅନୁସାରେ ସମାଧାନ ପାଇଁ ବିଭିନ୍ନ ବିଭାଗ କୁ ପଠାଯାଇଥିଲା। ଏହି ଶୁଣାଣି ଶିବିରରେ ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ପୁରୀ ମୁନିସିପାଲ କମିଶନର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ପିକେଡିଏ ସେକ୍ରେଟାରୀ ଦିଲ୍ଲୀପ କୁମାର ମହାରଣା, ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ରାଜୀବ କୁମାର ବେହେରା ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଆସନ୍ତା ୧୦ ତାରିଖରେ କୃଷ୍ଣପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ, ୧୭ ତାରିଖ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ ଗୃହରେ, ୨୪ ତାରିଖ ରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ ଗୃହରେ ଓ ୩୧ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଗୃହରେ ଦିବା ୧୦ ଘଟିକା ଠାରୁ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ପ୍ରକୋଷ୍ଠ ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି।

# ଭୁଲ୍ ଇଞ୍ଜେକ୍ସନ ନେଲା ଜୀବନ

**ସୋନପୁର, ୩।୮ (ଜାଓ):** ଯେଉଁଠି ଲୋକେ ନିଜର ପ୍ରାଣ ବଞ୍ଚାଇବା ପାଇଁ ଆଶା ନେଇ ଯାଆନ୍ତି, ସେଇଠି ଯଦି ଚିକିତ୍ସାରେ ଅବହେଳା ଯୋଗୁଁ କାହାର ଜୀବନ ଚାଲିଯାଏ, ତେବେ ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ ? ଏଭଳି ଏକ ଅତ୍ୟନ୍ତ ହୃଦୟବିଦାରକ ତଥା ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି ସୁବର୍ଣ୍ଣପୁର ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରୁ। ଡାକ୍ତରଙ୍କ ଭୁଲ୍ ଇଞ୍ଜେକ୍ସନ ପ୍ରୟୋଗ ଯୋଗୁଁ ଜଣେ ଯୁବକଙ୍କର ଅକାଳ ବିୟୋଗ ଘଟିଛି। ମୃତକ ଜଣକ ହେଲେ ପାଣିସିଆଲି ଗ୍ରାମର ୪୫ ବର୍ଷୀୟ ପ୍ରଶାନ୍ତ ତ୍ରିପାଠୀ।



ସୂଚନା ଅନୁସାରେ ପ୍ରଶାନ୍ତ କିଛି ସାଧାରଣ ଶାରୀରିକ ସମସ୍ୟା ନେଇ ହସ୍ପିଟାଲକୁ ଆସିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ଏକ ଭୁଲ୍ ଇଞ୍ଜେକ୍ସନ ଦେଇଦେବା ଫଳରେ ହଠାତ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ଆଖି ପିଛୁଳାକେ, କେହି କିଛି ବୁଝିବା ପୂର୍ବରୁ ପ୍ରଶାନ୍ତଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ପ୍ରଶାନ୍ତଙ୍କ ଅକାଳ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ହସ୍ପିଟାଲ ପରିସରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାରବର୍ଗ ଓ ସ୍ଥାନୀୟ ଲୋକେ ଡାକ୍ତରଙ୍କ ଚିକିତ୍ସା ଅବହେଳାକୁ ଦୃଢ଼ ଭାବରେ ଦାୟୀ କରି କ୍ଷୋଭ ପ୍ରକାଶ କରିଥିଲେ। ଘଟଣା ସମ୍ପର୍କରେ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବା ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା ଜାରି ରଖିଛି। ବର୍ତ୍ତମାନ ପୋଲିସ ମୃତଦେହକୁ ଜବତ କରିବା ସହ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ପ୍ରକୃତରେ ଏହା ଡାକ୍ତରଙ୍କର ଚିକିତ୍ସାଗତ ତ୍ରୁଟି ଥିଲା ନା ଏହା ପଛରେ ଅନ୍ୟ କୌଣସି କାରଣ ରହିଛି, ତାହା ପୋଲିସର ନିରପେକ୍ଷ ତଦନ୍ତ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହେବ।

# ବିକଶିତ କନ୍ଧମାଳ ଓ ଦାଦନ ମୁକ୍ତ କନ୍ଧମାଳ ଉପରେ ଆଲୋଚନାଚକ୍ର

**ଫୁଲବାଣୀ, ୩।୮ (ଜାଓ):** କାମଧନ୍ଦା ଅଭାବରୁ ଓ ଅଧିକ ରୋଜଗାର ଆଶାରେ ପରିବାର ପ୍ରତିପୋଷଣ ପାଇଁ କନ୍ଧମାଳର ବହୁ ଯୁବକ ଯୁବତୀ ଦାଦନ ଯିବାକୁ ବାଧ ହେଉଥିବା ଦେଖାଯାଉଛି। ପ୍ରତି ସପ୍ତାହରେ ରାଇକିଆ, ଦାରିଙ୍ଗବାଡିରୁ ନିୟମିତ ବସ ଯୋଗେ କେରଳ ଓ ତାମିଲନାଡୁ ଅଭିମୁଖେ ଶ୍ରମିକଙ୍କୁ ନେଇ ଯାତ୍ରା କରୁଛି। ଅଧିକ ରୋଜଗାର ଆଶାରେ ଯାଉଥିବା ଯୁବକ ଯୁବତୀ ମାନଙ୍କ ମଧ୍ୟରୁ ପ୍ରତି ମାସରେ ପ୍ରାୟ ଜଣେ ଦୁଇ ଜଣଙ୍କର ଦେହାନ୍ତ ହେଉଛି। ଶ୍ରମିକ ପଞ୍ଜିକରଣ ଆଇନରେ ପଞ୍ଜିକରଣ ନ ହୋଇ ଥିବାରୁ ସେମାନଙ୍କ ମୃତ ହେହ ଆଣିବା ପରିବାର ପାଇଁ ବ୍ୟୟ ବହୁଳ ହେଉଛି। ତେଣୁ ଏ ଦୁଃଖଦ ପରିସ୍ଥିତିକୁ ଦଷ୍ଟିରେ ରଖି ଜି ଉଦୟଗିରି ସସୋସିଆଲ ୱାର୍କରର୍ସ ଆସୋସିଏସନ, କନ୍ଧମାଳ (ସ୍ୱାକ) ପକ୍ଷରୁ ବିଜୁ କଲ୍ୟାଣ ମଣ୍ଡପ ଜି ଉଦୟଗି ଠାରେ ଏକ ଆଲୋଚନାଚକ୍ର ଅମନ ନାୟକଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। ସମ୍ପାଦକ ହୃଷିକେଶ ପ୍ରଧାନ ପ୍ରାରମ୍ଭିକ ବିବରଣୀ ପ୍ରଦାନ କରିଥିଲେ। ଉପଦେଷ୍ଟା ସମୀର ପାଢୀ ଦାଦନ ନିରାକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜିଲ୍ଲାର ବାରଟି ବ୍ଲକର ସାମାଜିକ କାର୍ଯ୍ୟକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି, ପଞ୍ଚାୟତ ରାଜ ପ୍ରତିନିଧି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଦାଦନ ଯାଇଥିବା ବ୍ୟକ୍ତି ଉପସ୍ଥିତ ରହି ମୂଲ୍ୟବାନ ମତାମତ ଦେଇଥିଲେ। ଦାଦନ ଶ୍ରମିକ କାହିଁକି ଓ ତାର ନିରାକରଣ ସମ୍ପର୍କରେ ଭାରତୀୟ ମଜଦୂର ସଂଘ କନ୍ଧମାଳ ଜିଲ୍ଲା ସଭାପତି ତଥା ସାମାଜିକ କର୍ମୀ ଅଶୋକ ପରିଡାଙ୍କ ସହ ସାମ୍ବାଦିକ ସନ୍ତୋଷ କୁମାର ଦିଗାଲ, ସନ୍ତୋଷ ଦାସ, ଅରୁଣ ଷଡଙ୍ଗୀ,ବୁଦ୍ଧିଜୀବୀ ସିମାଞ୍ଚଳ ବେହେରା, ବିଜେପି ନେତା ସଂଗ୍ରାମୀ ନେତ୍ର ମାନସେଠ, କୈଳାଶ ଚନ୍ଦ୍ର ଦଣ୍ଡପାଟ, ନିରଞ୍ଜନ ମିଶ୍ର, ପ୍ରଶାନ୍ତ ପ୍ରଧାନ, ମହିଳା କମିଶନ ପୂର୍ବତନ ସଦସ୍ୟା ଜାଲିନା ପ୍ରିୟଦର୍ଶୀନୀ, ପ୍ରଦୀପ ଦାସ, ଜିଆଉଦ୍ଦୀନ ଅହମଦଙ୍କ ସମେତ ବହୁବ୍ୟକ୍ତି ମତାମତ ଦେଇଥିଲେ। କନ୍ଧମାଳରୁ ଦାଦନ ଦୂରୀକରଣ ପାଇଁ ଆତ୍ମ ନିର୍ଭରଶୀଳ ହେବା ଭଳି ପ୍ରକଳ୍ପ ଚୟନ ଓ ଯୁବକ ମାନଙ୍କ ମାନସିକତା କୁ ଆକର୍ଷିତ କରିବା ଭଳି ମାନସିକତା ସଷ୍ଟି କରିବା ଆବଶ୍ୟକ। ଆଞ୍ଚଳିକ ସ୍ତରରେ ଥିବା ସମ୍ବଳ ଓ ଭିତ୍ତିଭୂମି ଚିହ୍ନଟ କରି ଦୀର୍ଘ ସ୍ଥାୟୀ ଜୀବିକା କଲେ ଦାଦନ ସଂଖ୍ୟା ହ୍ରାସ ହେବ। ପ୍ରତି ବ୍ଲକର ଦାଦନ ସଂଖ୍ୟାର ଡାଟାବେସ କରିବା ଆବଶ୍ୟକ ବୋଲି ଆଲୋଚନାଚକ୍ରରେ ଆଲୋଚନା ହୋଇଥିଲା।

# ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ବସ୍ତ୍ର ଉତ୍ସବ ୨୦୨୬

**ପୁରୀ, ୩।୮ (ଜାଓ):** ସେଣ୍ଟର ଫର ଇଣ୍ଟିଗ୍ରେଟେଡ଼ ରୁରାଲ ଆଣ୍ଡ ଟ୍ରାଇବାଲ ଡେଭୋଲପମେଣ୍ଟ (ସିଆଇଆରଟିଡି) ପକ୍ଷରୁ ଆସନ୍ତା ୯ ତାରିଖରେ ସ୍ଥାନୀୟ ସଂସ୍କୃତି ଭବନ ଠାରେ ଜାତୀୟ ହସ୍ତତନ୍ତ ଦିବସ ପାଳନ ଅବସରରେ ବସ୍ତ୍ର ଉତ୍ସବ ୨୦୨୬ ଅନୁଷ୍ଠିତ ହେବ। ଏଥିପାଇଁ ସୋମବାର ପୂର୍ବାହ୍ନରେ ହେରାଗୋହିର ସାହି ଜଗଦେବ ଭବନ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବସ୍ତ୍ର ଉତ୍ସବର ଆୟୋଜକ ରୁଚିମିତ୍ରା ଜଗଦେବ ମହାପାତ୍ର ଉତ୍ସବ ର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏହି ଉତ୍ସବର ମୂଳ ଉଦ୍ଦେଶ୍ୟ ହେଉଛି ଓଡ଼ିଶାର ହସ୍ତତନ୍ତ ସମେତ ଭାରତର ବିଭିନ୍ନ ରାଜ୍ୟର ସମୃଦ୍ଧ ହସ୍ତତନ୍ତ ପରମ୍ପରାକୁ ପ୍ରୋତ୍ସାହନ ଦେବା। ସ୍ଥାନୀୟ ତନ୍ତୁବାୟ ଓ କାରିଗରମାନଙ୍କୁ ସମ୍ମାନ ଜଣାଇବା ଓ କାମ ଯୋଗାଇବା। ନୂତନ ପିଢ଼ିଙ୍କ ମନରେ ହସ୍ତତନ୍ତ ପ୍ରତି ଗର୍ବ ଓ ଆଗ୍ରହ ସୃଷ୍ଟି କରିବା। ଏହି ସାମାଜିକ ପଦକ୍ଷେପକୁ ସଫଳ କରିବା ପାଇଁ ବଲିଉଡ଼ର ଜଣେ ପ୍ରସିଦ୍ଧ ଫ୍ୟାଶନ୍ ଡିଜାଇନର୍, ଟେଲିଭିଜନ୍ ଆଙ୍କର୍, ଶିଶୁ କଳାକାର, ଅଭିନେତା, ସେଲିବ୍ରିଟି ଷ୍ଟାଇଲିଷ୍ଟ, ରାପର୍ ଏବଂ କୋରିଓଗ୍ରାଫର୍ ଏଥିରେ ଯୋଗଦାନ କରିବେ। ଏହି କାର୍ଯ୍ୟକ୍ରମ ରେ ଡବ୍ଲୁଆଇସିସିଆଇ ଓଡିଶା, ହ୍ୟୁମାନ ରାଇଟ୍ସ କାଉନସିଲ, ପୁରୀ ଜିଲ୍ଲା ସହଯୋଗ କରିବେ। ବ୍ୟାଙ୍କିଙ୍ଗ୍, ଆଇନ, ପ୍ରଶାସନ, ଶିକ୍ଷା, କଳା, ସଂସ୍କୃତି, ଉଦ୍ୟୋଗ ଏବଂ ସମାଜସେବା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଏଥିରେ ସାମିଲ ହେବେ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଜାତୀୟ ହସ୍ତତନ୍ତ ଦିବସ ପାଳନ, ଭବ୍ୟ ହସ୍ତତନ୍ତ ଫ୍ୟାଶନ୍ ଶୋ, ୩ ବର୍ଷରୁ ବୟସ୍କ ପର୍ଯ୍ୟନ୍ତ ପ୍ରତିଯୋଗୀଙ୍କ ଅଂଶଗ୍ରହଣ କରିବେ।

ଏଥିରେ ସମ୍ମାନିତ ଅତିଥିଭାବେ ଡ଼ଃ ଧୀରେନ ରାୟ ପୁରୀ ଅର୍ବାନ୍ କୋ-ଅପରେଟିଭ୍ ବ୍ୟାଙ୍କର ନିର୍ଦ୍ଦେଶକ ଡ଼ଃ ପ୍ରଧାନ ଧୀରେନ ରାୟଶ୍ରୀ, ଅବସରପ୍ରାପ୍ତ ବ୍ୟାଙ୍କିଙ୍ଗ୍ ଅଧିକାରୀ କୈଳାଶ ଚନ୍ଦ୍ର ସାହୁ, ଆଇଡବ୍ଲୁ ଶ୍ରୀକ୍ଷେତ୍ର ସଭାନେତ୍ରୀ ରାଜଲକ୍ଷ୍ମୀ ଦାସ ଓ ସମ୍ପାଦିକା ମିନତୀ ନାୟକ ଓ ସିଆଇଆରଟିଡିର ସଭ୍ୟସଭ୍ୟା ମାନେ ଯୋଗ ଦେଇଥିଲେ। 'ବସ୍ତ୍ର ଉତ୍ସବ ୨୦୨୬ କେବଳ ଏକ ଫ୍ୟାଶନ୍ ଶୋ ନୁହେଁ, ବରଂ ଭାରତୀୟ ହସ୍ତତନ୍ତ ପରମ୍ପରା, ଆମ ତନ୍ତୁବାୟ ଏବଂ ସ୍ୱଦେଶୀ ବସ୍ତ୍ର ସଂସ୍କୃତିକୁ ସମ୍ମାନ ଜଣାଇବାର ଏକ ଜନଆନ୍ଦୋଳନ ହେବ।

## ଶ୍ରାବଣ ମାସର ପ୍ରଥମ ସୋମବାରରେ ଚଳଚଞ୍ଚଳ ଶୈବ ପୀଠ

# ‘ବୋଲ ବମ୍’ ଧ୍ୱନିରେ କମ୍ପିଲା ପରିବେଶ

।। ଭୁବନେଶ୍ୱର।୩।୮ (ଜାଓ) : ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର ଅବସରରେ ରାଜ୍ୟର ବିଭିନ୍ନ ଶିବ ମନ୍ଦିରରେ




ଭକ୍ତମାନଙ୍କର ଭିଡ଼ ପରିଲକ୍ଷିତ ହୋଇଛି। ହଜାର ହଜାର କାଉଡ଼ିଆ ସକାଳୁ ପ୍ରମୁଖ ଶିବାଳୟଗୁଡ଼ିକରେ ପହଞ୍ଚି ଭଗବାନ ଶିବଙ୍କୁ ଜଳାଭିଷେକ କରିଛନ୍ତି। ମନ୍ଦିର ପରିସର ‘ବୋଲ ବମ’ ଧ୍ୱନିରେ ମୁଖରିତ ହୋଇଉଠିଥିବା ବେଳେ ସମଗ୍ର ପରିବେଶ ଭକ୍ତିମୟ ହୋଇପଡ଼ିଛି।

କାଉଡ଼ିଆମାନେ ପାରମ୍ପରିକ ରୀତିନୀତି ଅନୁଯାୟୀ କାନ୍ଧରେ ବାଉଁଶର କାଉଡ଼ ବହନ କରି, ସେଥିରେ ଜଳଭରା କଳସ ଝୁଲାଇ ନିକଟସ୍ଥ ନଦୀ ଓ ଜଳସ୍ରୋତରୁ ପାଣି ଆଣି ଭଗବାନ ଶିବଙ୍କୁ ଅର୍ପଣ କରିଛନ୍ତି। ଅନେକ ଭକ୍ତ ଖାଲି ପାଦରେ ଦୀର୍ଘ ଦୂରତା ଅତିକ୍ରମ କରି ମନ୍ଦିରରେ ପହଞ୍ଚିଛନ୍ତି। ଶ୍ରାବଣ ସୋମବାରରେ ଜଳାଭିଷେକର ବିଶେଷ ଧାର୍ମିକ ମହତ୍ତ୍ୱ ରହିଥିବା ବେଳେ ଏହାକୁ ଅତ୍ୟନ୍ତ ଶୁଭ ବୋଲି ବିଶ୍ୱାସ କରାଯାଏ।

ଶ୍ରଦ୍ଧାଳୁମାନଙ୍କ ବିଶ୍ୱାସ ଅନୁସାରେ, ଶ୍ରାବଣ ସୋମବାରରେ ନିଷ୍ଠା ଓ ଭକ୍ତିଭାବରେ ଭଗବାନ ଶିବଙ୍କ ପୂଜା ଓ ଜଳାଭିଷେକ କଲେ ସ୍ୱାସ୍ଥ୍ୟ, ସମୃଦ୍ଧି, ଶାନ୍ତି ଏବଂ ଆଧ୍ୟାତ୍ମିକ ଉନ୍ନତି ଲାଭ ହୁଏ। ଏହା ସହ ଭଗବାନ ଶିବ ଭକ୍ତଙ୍କର ସରଳତା ଓ ଭକ୍ତିରେ ଶୀଘ୍ର ପ୍ରସନ୍ନ ହୋଇ ସେମାନଙ୍କର ମନୋକାମନା ପୂରଣ କରନ୍ତି ବୋଲି ମଧ୍ୟ ମାନ୍ୟତା ରହିଛି। ରାଜ୍ୟର ପ୍ରମୁଖ ତୀର୍ଥସ୍ଥଳମାନଙ୍କ ମଧ୍ୟରେ କଟକସ୍ଥିତ ଧବଳେଶ୍ୱର ମନ୍ଦିରରେ ଶତାଧିକ ଭକ୍ତ ଜଳାଭିଷେକ ପାଇଁ ପହଞ୍ଚିଥିବା ବେଳେ, ଭୁବନେଶ୍ୱରର ପ୍ରସିଦ୍ଧ ଲିଙ୍ଗରାଜ ମନ୍ଦିରରେ ସକାଳୁଠାରୁ ଭକ୍ତମାନଙ୍କର ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ମନ୍ଦିର ପ୍ରଶାସନ ପକ୍ଷରୁ ଦର୍ଶନ ଓ ପୂଜା-ଅର୍ଚ୍ଚନା ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି।

ଭାରି ଜନସମାଗମକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ଶିବ ମନ୍ଦିରରେ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅତିରିକ୍ତ ପୁଲିସ ବଳ ମୁତୟନ କରାଯିବା ସହ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହାସହ ମହାନଦୀ ଏବଂ ଅନ୍ୟାନ୍ୟ ଜଳସ୍ରୋତ ନିକଟରେ ମଧ୍ୟ ପ୍ରଶାସନ ପକ୍ଷରୁ ବିଶେଷ ସତର୍କତା ଅବଲମ୍ବନ କରାଯାଇଛି। ନିକଟରେ ହୋଇଥିବା ବର୍ଷା ଓ ବନ୍ଧରୁ ଜଳ ଛଡ଼ାଯିବା ଫଳରେ ନଦୀର ଜଳସ୍ତର ବୃଦ୍ଧି ପାଇଥିବାରୁ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଅତିରିକ୍ତ ସତର୍କତା ଏବଂ ନିରୀକ୍ଷଣ ବ୍ୟବସ୍ଥା କରାଯାଇଛି।



ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ଜଣାଉଛନ୍ତି ରାଜ୍ୟପାଳ ହରିବାବୁ କମ୍ଭମ୍ପତି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

## ଭିଜିଲାନ୍ସ ଜାଲରେ ଟ୍ରାଫିକ୍ ଇନ୍ସପେକ୍ଟର ମୁକେଶ ମିଶ୍ର

।। ଭୁବନେଶ୍ୱର।।୩।୮ (ଜାଓ) : ଭିଜିଲାନ୍ସ ଜାଲରେ ଲାଞ୍ଚୁଆ ଟ୍ରାଫିକ୍ ଇନ୍ସପେକ୍ଟର। ୨୦ ହଜାର ଟଙ୍କା ଲାଞ୍ଚ ନେଲା ବେଳେ ଧରାପଡିଲେ ସୁନ୍ଦରଗଡ ପରିବହନ ବିଭାଗ ଟ୍ରାଫିକ ଇନ୍ସପେକ୍ଟର ମୁକେଶ ମିଶ୍ର। ଏକ ଗାଡ଼ି ପାସ୍ କରିବା ପାଇଁ



ଲାଞ୍ଚ ନେଉଥିବା ବେଳେ ଧରାପଡିବାରୁ ରାଉରକେଲା ଭିଜିଲାନ୍ସ ଗିରଫ କରିଛି। ଇନ୍ସପେକ୍ଟର ଶ୍ରୀ ମିଶ୍ର ଜଣେ ଟ୍ରକ ମାଲିକଙ୍କଠାରୁ ୨୦ ହଜାର ଟଙ୍କା ମାସିକିଆ ବଟି ନେଉଥିବା ବେଳେ ତାଙ୍କୁ ଗିରଫ କରାଯାଇଛି।

ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି ଯେ ସୁନ୍ଦରଗଡ଼ ଜିଲାର ଖଣି ଅଞ୍ଚଳରେ ମାଲ ପରିବହନ ସମୟରେ ପରିବହନ ବିଭାଗ କୌଣସି ପ୍ରକାର ସମସ୍ୟା ସୃଷ୍ଟି ନ କରିବା ପାଇଁ ଏହି ଅଞ୍ଚଳର ଜଣେ ଟ୍ରକ ମାଲିକଙ୍କ ଦୁଇଟି ହାଇୱା ବାବଦକୁ ଟ୍ରାଫିକ ଇନ୍ସପେକ୍ଟର ଶ୍ରୀ ମିଶ୍ର ମାସକୁ ୧୦ ହଜାର ଟଙ୍କା ହିସାବରେ ଜୁନ୍ ଓ ଜୁଲାଇ ମାସର ୨୦ ହଜାର ଟଙ୍କା ମାଗିଥିଲେ। କିନ୍ତୁ ଟ୍ରକ ମାଲିକ ତାଙ୍କୁ ତତ୍କାଳ ଲାଞ୍ଚ ନ ଦେଇ ଭିଜିଲାନ୍ସ ବିଭାଗରେ ଫେରାଦ ହୋଇଥିଲେ। ଇନ୍ସପେକ୍ଟର ଶ୍ରୀ ମିଶ୍ର ଆଜି ରାଉରକେଲା-ସୁନ୍ଦରଗଡ଼ ରାସ୍ତାର ବଡ଼ଗାଁ ଗରିଆମାଲରେ ଟ୍ରକ ମାଲିକଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ କାବୁ କରି ନେଇଥିଲେ। ତାଙ୍କ ପାଖରୁ ରଙ୍ଗବୋଳା ୨୦ ହଜାର ଟଙ୍କା ଜବତ ହୋଇଛି। ରାଉରକେଲା ଭିଜିଲାନ୍ସ ଏସପି ହରେକୃଷ୍ଣ ମାଝୀଙ୍କ ତତ୍ତ୍ୱାବଧାନରେ ଦୁଇ ଜଣ ଡିଏସପି, ଛଅ ଜଣ ଇନ୍ସପେକ୍ଟର ଓ ଦୁଇ ଜଣ ଏଏସଆଇଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଟିମ୍ ଏହି ଚଢ଼ଉ କରିଥିଲେ। ପରବର୍ତ୍ତୀ ସମୟରେ ଅଭିଯୁକ୍ତଙ୍କ ଆୟ ବହିର୍ଭୂତ ସଂପତ୍ତି ଠାବ କରିବା ପାଇଁ ତିନୋଟି ସ୍ଥାନରେ ଏକକାଳୀନ ତଲାସି ଚାଲିଥିବା ଭିଜିଲାନ୍ସ ସୂତ୍ରରୁ ପ୍ରକାଶ।।

## ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପିସି ପିଏନଡିଟି ଆଇନର କାର୍ଯ୍ୟାନ୍ୱୟନ ସମୀକ୍ଷା

# ଅବୈଧ ଲିଙ୍ଗ ଚୟନ କରିବାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ହେବ କାର୍ଯ୍ୟାନୁଷ୍ଠାନ

।। ଭୁବନେଶ୍ୱର।। ୩।୮ (ଜାଓ) :ଭୁବନେଶ୍ୱରସ୍ଥିତ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ସୋମବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅଧ୍ୟକ୍ଷତାରେ ପିସି ପିଏନଡିଟି ଆଇନ ସମ୍ବନ୍ଧିତ ରାଜ୍ୟ ସୁପରଭାଇଜରି ବୋର୍ଡ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ଲିଙ୍ଗ ଅନୁପାତରେ ଉନ୍ନତି ଅଣାଯାଇପାରିବ ସେ ଦିଗରେ ରାଜ୍ୟସ୍ତରୀୟ ବୈଠକରେ ଆଲୋଚନା ହୋଇଛି। ଲିଙ୍ଗ ଅନୁପାତ ଅନୁସାରେ ନିମ୍ନସ୍ତରରେ ଥିବା ଜିଲ୍ଲାଗୁଡିକ ଫଳାଫଳ କିପରି ଉନ୍ନତି ହେବ ସେ ବାବଦରେ ପଦକ୍ଷେପ ନିଆଯିବ। ଜିଲ୍ଲାସ୍ତରୀୟ କମିଟିକୁ ସୁଦୃଢ଼ କରାଯିବା ସହ ଅଲ୍ଟ୍ରାସାଉଣ୍ଡ କ୍ଲିନିକ ଗୁଡିକ ଅଧିକ ନିରୀକ୍ଷଣ ଏବଂ ମନିଟରିଂ କରାଯିବ। ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି।

ବୋର୍ଡ ଗୁରୁତ୍ୱାରୋପ କରିଛି ଯେ ପିସି ପିଏନଡିଟି ଆଇନର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ଦୃଢ଼ ନିୟମ, କଠୋର ଆଇନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗଗୁଡ଼ିକୁ ସାମିଲ କରି ସମନ୍ୱୟଦ୍ୱାରା ଅନୁପାତରେ ଉନ୍ନତି ଅଣାଯାଇହେବ। ବୋର୍ଡ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଆଇନର କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାରେ ହୋଇଥିବା ଅଗ୍ରଗତି ସମୀକ୍ଷା କରିଛି। ଓଡ଼ିଶା ଅଲ୍ଟ୍ରାସାଉଣ୍ଡ ସୁବିଧାର ଅନଲାଇନ୍ ପଞ୍ଜୀକରଣ ଏବଂ ନବୀକରଣ, ଅନଲାଇନ୍ ଫର୍ମ-ଏଫ ରିପୋର୍ଟିଂ, ପଞ୍ଜିକୃତ ଡାକ୍ତରୀ ପ୍ରାକ୍ଟିସନର ଯାଞ୍ଚ ପାଇଁ ଓଡ଼ିଶା କାଉନସିଲ ଅଫ୍ ମେଡିକାଲ୍ ରେଜିଷ୍ଟ୍ରେସନ ) ସହିତ ସମନ୍ୱୟ ଏବଂ ଆଭା ପଞ୍ଜୀକୃତ ହିତାଧିକାରୀ ପ୍ରମାଣୀକରଣ କାର୍ଯ୍ୟକ୍ଷମ କରିଛି, ଯାହା ସ୍ୱଚ୍ଛତା, ଦାୟିତ୍ୱ ଏବଂ ତଦାରଖରେ ଉଲ୍ଲେଖନୀୟ ଉନ୍ନତି ଆସିଛି ବୋଲି ବୈଠକରେ ମତପ୍ରକାଶ ପାଇଛି।

ବୋର୍ଡ ୨୦୨୪ ରୁ ୨୦୨୬ ମଧ୍ୟରେ ନିଆଯାଇଥିବା



କାର୍ଯ୍ୟାନୁଷ୍ଠାନ ପଦକ୍ଷେପଗୁଡ଼ିକର ସମୀକ୍ଷା ମଧ୍ୟ କରିଥିଲା, ଯେଉଁଥିରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ଦ୍ୱାରା ୬୪୯ଟି ଏବଂ ରାଜ୍ୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ୧୧ ଟି ଯାଞ୍ଚ ଅନ୍ତର୍ଭୁକ୍ତ ଥିଲା। ସେଥିରୁ ଛଅଟି ବେଆଇନ ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍ ସିଲ୍, ଛଅଟି ଅଲ୍ଟ୍ରାସାଉଣ୍ଡ ମେସିନ୍ ଜବତ, ଏଫଆଇଆର୍ ପଞ୍ଜିକରଣ, ଅଭିଯୋଗ ଏବଂ ସରକାରୀ ଡାକ୍ତରଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବୋର୍ଡ ଗୁରୁତ୍ୱାରୋପ କରିଥିଲା ଯେ ଆଇନ ଅନୁଯାୟୀ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ କଠୋର କରାଯିବା, ଅବୈଧ ଲିଙ୍ଗ ଚୟନ କରିବାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ପାଇଁ ମେଡିକାଲ କଲେଜ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମ୍ଭାବ୍ୟ ପିତାମାତାଙ୍କୁ ସଚେତନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏ ବାବଦରେ ସୂଚନାଦାତା ପ୍ରୋତ୍ସାହନ ଯୋଜନା ଅନୁସାରେ, ଜଣେ ସୂଚନାଦାତା ଅଣପଞ୍ଜିକୃତ ଅଲ୍ଟ୍ରାସାଉଣ୍ଡ କ୍ଲିନିକ୍, ଲିଙ୍ଗ ଚୟନ କିମ୍ବା ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପ୍ରଦାନ କରିଲେ ୨୫୦୦୦ ଟଙ୍କାର ପ୍ରୋତ୍ସାହନ ପାଇବ।

ବୋର୍ଡ ଜନ୍ମ ସମୟରେ ଲିଙ୍ଗ ଅନୁପାତର ବିଶ୍ଳେଷଣ ସମୀକ୍ଷାରେ ଯାଜପୁରକୁ ସବୁଠୁ ଉନ୍ନତ ପ୍ରଦର୍ଶନ କରିଥିବା ଜିଲ୍ଲା ଏବଂ ନୟାଗଡ, ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ ଏବଂ ଖୋର୍ଦ୍ଧାକୁ ରାଜ୍ୟର ସବୁଠାରୁ ପାଂଚ ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଚିହ୍ନଟ କରିଛି। ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିରୀକ୍ଷଣକୁ ତୀବ୍ର କରିବାକୁ, ଫର୍ମ-ଏଫ ରେକର୍ଡର ଶତ ପ୍ରତିଶତ ଯାଂଚ ସୁନିଶ୍ଚିତ କରିବାକୁ ଏବଂ ଏହି ଜିଲ୍ଲାଗୁଡ଼ିକରେ ଜନ୍ମ ସମୟରେ ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ଅଧିକ ସଚେତନତା ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ବୈଠକରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ତଥା କମିଶନର ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍ ଡ଼ି ଡ଼. ବୃନ୍ଦା ଡ଼ି ଏବଂ ଅନ୍ୟ ନିମନ୍ତ୍ରିତ ସଦସ୍ୟ ଉପସ୍ଥିତ ଥିଲେ।

## ମହିଳାଙ୍କୁ ଟାଣି ନେଲା କୁମ୍ଭୀର

।। କେନ୍ଦ୍ରାପଡା।।୩।୮ (ଜାଓ) : ପୁଣି କେନ୍ଦ୍ରାପଡ଼ାରେ କୁମ୍ଭୀର ଆତଙ୍କ। ମହିଳାଙ୍କୁ ଟାଣିନେଲା କୁମ୍ଭୀର। ପଟ୍ଟାମୁଣ୍ଡାଇ ବ୍ଲକର ଦାମୋଦର ପାଟଣା ଗାଁରେ ଘଟିଛି ଅଭାବନୀୟ ଘଟଣା। ଶୌଚ ହେବାକୁ ଯାଇଥିବା ବେଳେ କୁମ୍ଭୀର ଆକ୍ରମଣର ଶିକାର ହୋଇଛନ୍ତି ଜଣେ ମହିଳା। ମହିଳାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛି ଅଗ୍ନିଶମ ବାହିନୀ।

ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ବ୍ଲକ ଅଳପୁଆ ପଞ୍ଚାୟତ ଦାମୋଦର ପାଟଣା ଗାଁ ର ସୁଚିତ୍ରା ଦାସ, ସକାଳୁ ଶୌଚ ହେବା ପାଇଁ ନଦୀ କୂଳକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ସେ ଘରକୁ ଫେରି ନଥିଲେ। ବହୁ ସମୟ ଧରି ନଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ତାଙ୍କୁ ଖୋଜାଖୋଜି କରି ଥିଲେ। ନଈ କୂଳରେ ତାଙ୍କ ବ୍ୟବହୃତ ଜିନିଷପତ୍ର ପଡ଼ିଥିବା ଦେଖି କୁମ୍ଭୀର ତାଙ୍କୁ ଟାଣି ନେଇଥିବା ସନ୍ଦେହ କରିଥିଲେ। କୁମ୍ଭୀର ଟାଣି ନେଇଥିବା ସ୍ପଷ୍ଟ ହେବା ପରେ ପୁଲିସ ଓ ଅଗ୍ନିଶମବାହିନୀଙ୍କୁ ଖବର ଦିଆଯାଇଥିଲା।

ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ବ୍ୟାପକ ସର୍ଚ୍ଚ ଅପରେସନ୍ ଆରମ୍ଭ କରିଛି। ଏହି ଘଟଣା ପରେ ସମଗ୍ର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୁଚିତ୍ରା ଜଣେ ପାଚିକା ଭାବେ କାର୍ଯ୍ୟ କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ ବୋଲି ପ୍ରାଥମିକ ସୂଚନାରୁ ଜଣା ପଡ଼ିଛି।

## ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିଶ୍ୱଭୂଷଣଙ୍କ ଜନ୍ମଦିବସ ପାଳିତ

।। ଭୁବନେଶ୍ୱର।।୩।୮ (ଜାଓ) : ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବିଶିଷ୍ଟ ରାଜନେତା, ପ୍ରାକ୍ତନ ମନ୍ତ୍ରୀ, ରାଜ୍ୟପାଳ, ସାହିତ୍ୟିକ, ପାଇକ ସଂଗ୍ରାମୀ, ନାଟ୍ୟକାର ତଥା ଓଡ଼ିଆ ଭାଷା, ସାହିତ୍ୟର ଅଗ୍ରଣୀ ପୁରୋଧା ବିଶ୍ୱଭୂଷଣ ହରିଚନ୍ଦନଙ୍କ ୯୩ତମ ସ୍ୱନକ୍ଷତ୍ର ଦିବସ ସହିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ସଭାପତି ଭାବେ ଓଡିଶାର ସଂସ୍କୃତି ପୁରୁଷ ଡ଼ଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଂଯୋଜକ ତଥା ଅଭିଯାନର ଅଧ୍ୟକ୍ଷ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ, ମୁଖ୍ୟଅତିଥି ଭାବେ ଓଡିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ବିଶିଷ୍ଟ ଅତିଥି ସନ୍ଥ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ବିଶିଷ୍ଟ ରାଜନେତା ନିରଞ୍ଜନ ପଟ୍ଟନାୟକ, ବିଧାୟକ ଗଣେଶ୍ୱର ବେହେରା, ଡ଼ଃ ହରେକୃଷ୍ଣ ଶତପଥୀ, ପ୍ରାକ୍ତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପ୍ରାକ୍ତନ ସାଂସଦ ପ୍ରସନ୍ନ ପାଟଶାଣୀ, ଭାଷାବିଜ୍ଞାନୀ ଡ଼ ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଅତିଥି ସମୂହ ଉପସ୍ଥିତ ରହିବା ସହ




ଏହିପରି ପୂଜ୍ୟପୂଜା କାର୍ଯ୍ୟକ୍ରମ ଆଜିର ବହୁ ପ୍ରାସଙ୍ଗିକତା ବହନ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଜଣେ ସରଳ, ନିଷ୍ଠାପର, ଦକ୍ଷ, ସାହିତ୍ୟିକ, ରାଜନେତା, ସଂଗ୍ରାମୀ, ତଥା ବହୁ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ବୋଲି ଅତିଥି ସମୂହ ମତବ୍ୟକ୍ତ କରିଥିଲେ। ଆଜିର ଯୁବପୀଢ଼ି ଓ ଆଗାମୀ ପୀଢ଼ିଙ୍କ ମାର୍ଗଦର୍ଶନ ଉକ୍ତ କାର୍ଯ୍ୟକ୍ରମ ହେବ ବୋଲି ଡ଼ଃ ଜ୍ଞାନେନ୍ଦ୍ର ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ, ବିଧାୟକ ବାବୁ ସିଂ ଓ ଗବେଷକ ବାଳ ମୁକୁନ୍ଦ ଦାସଙ୍କୁ ‘ବିଶ୍ୱଭୂଷଣ ହରିଚନ୍ଦନ ସମ୍ମାନ-୨୦୨୬’ ପ୍ରଦାନ କରାଯାଇଥିଲା। ସ୍ନିଗ୍ଧା ଏକାଡେମୀର ଅଧ୍ୟକ୍ଷା ଶ୍ରୀମତୀ ବିଚିତ୍ରା ରଥଙ୍କ ସଂଯୋଜନାରେ ଝିଅମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିବା ସହ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀ ଜଗନ୍ନାଥଙ୍କ ଉପରେ ଆଧାରିତ ସଙ୍ଗୀତ ସିଡ଼ିକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମକୁ ମୁଖପାତ୍ର ପତ୍ରକାର ଅରବିନ୍ଦ ତ୍ରିପାଠୀ, ସଂଯୋଜକ ବାପୁ ଓଝା, ଚିରଞ୍ଜିବୀ ସେଠୀ, ସାହିତ୍ୟିକା ସରୋଜିନୀ ମିଶ୍ର, ସନ୍ତୋଷ ଲେଙ୍କା, ନାରାୟଣ ଖୁଂଟିଆ, ସାମ୍ବାଦିକା ରୀନା ମହାନ୍ତ ପ୍ରମୁଖ ପରିଚ୍ଛଳନା କରିଥିଲେ।

## ଦିବ୍ୟାଙ୍ଗଙ୍କ ପାଇଁ ବଦଳିଲା ଗାଇଡଲାଇନ୍

# ବାର୍ଷିକ ୫ଲକ୍ଷ ଆୟ ଥିବା ପରିବାରର ଦିବ୍ୟାଙ୍ଗଙ୍କୁ ମିଳିବ ମାଗଣା ଉପକରଣ ଓ ଶିକ୍ଷାବୃତ୍ତି

।। ଭୁବନେଶ୍ୱର।।୩।୮ (ଜାଓ) : ଦିବ୍ୟାଙ୍ଗଙ୍କ ପାଇଁ ବଦଳିଲା ଗାଇଡଲାଇନ୍। ବାର୍ଷିକ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ ଥିବା ପରିବାରର ଦିବ୍ୟାଙ୍ଗଙ୍କୁ ମିଳିବ ମାଗଣା ଉପକରଣ ଓ ଶିକ୍ଷାବୃତ୍ତି। ପୂର୍ବରୁ ୨ ଲକ୍ଷ ୪୦ ହଜାର ଆୟ ଥିବା ପରିବାରଙ୍କୁ ଯୋଜନାର ଫାଇଦା ମିଳୁଥିଲା।

ରାଜ୍ୟ ସରକାର ‘ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ’ ଯୋଜନାର ଗାଇଡଲାଇନରେ ସଂଶୋଧନ କରିଛନ୍ତି। ପରିବାରର ବାର୍ଷିକ ଆୟ ସୀମାକୁ ବୃଦ୍ଧି କରାଯାଇଛି। ଯେଉଁ ପରିବାରର ବାର୍ଷିକ ଆୟ ୫ଲକ୍ଷରୁ ୧୦ଲକ୍ଷ ଟଙ୍କା ମଧ୍ୟରେ ଥିବ ସେମାନଙ୍କୁ ଭିନ୍ନକ୍ଷମ ଉପକରଣର ମୋଟ ମୂଲ୍ୟର ମାତ୍ର ୨୫ ପ୍ରତିଶତ ଅର୍ଥ ଦେବାକୁ ପଡିବ। ସେହିପରି ୧୦ଲକ୍ଷରୁ ଅଧିକ ବାର୍ଷିକ ଆୟ ଥିବା ପରିବାରଗୁଡିକୁ ମୋଟ ଖର୍ଚ୍ଚର ୫୦ ପ୍ରତିଶତ ବହନ କରିବାକୁ ହେବ ବୋଲି ଉଲ୍ଲେଖ ରହିଛି।

ପୂର୍ବରୁ ବାର୍ଷିକ ୨ଲକ୍ଷ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ଆୟ ଥିବା ପରିବାରକୁ ସମ୍ପୂର୍ଣ୍ଣ ମାଗଣାରେ ଓ ଏହାଠୁ ଅଧିକ ଥିବା ପରିବାରକୁ ୫୦ ପ୍ରତିଶତ ରିହାତି ମୂଲ୍ୟରେ ଭିନ୍ନକ୍ଷମ ସହାୟକ ଉପକରଣ ଯୋଗାଇ ଦିଆଯାଉଥିଲା। ସେହିପରି ଶିକ୍ଷା ବୃତ୍ତିରେ ଦଶମ ଶ୍ରେଣୀ ପରବର୍ତ୍ତୀ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ଭିନ୍ନକ୍ଷମମାନଙ୍କ ସନ୍ତାନଙ୍କ ପାଇଁ ପୂର୍ବରୁ ପରିବାରର ବାର୍ଷିକ ଆୟ ସୀମା ୨.୪୦ଲକ୍ଷ ଟଙ୍କାରୁ କମ୍ ରହିଥିଲା। ଏବେ ସେହି ଆୟସୀମାକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

## ସୋଆ ପକ୍ଷରୁ ଚେନ୍ନାଇରେ ‘ଆଲିସିପ୍++ ୨.୦’ ଆୟୋଜିତ

।। ଭୁବନେଶ୍ୱର।।୩।୮ (ଜାଓ) : ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବା ସହ ସମାବେଶୀ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଚେନ୍ନାଇଠାରେ ‘ଆଲିସିପ୍++ ୨.୦’ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ‘ପ୍ରାକ୍ଟିସିଂ ଆଲିସିପ୍’ ପ୍ରସଙ୍ଗକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୬୦ରୁ ଅଧିକ ଶିଳ୍ପପତି, ମାନବ ସମ୍ବଳ (ଏଚ୍ଆର୍) ବିଶେଷଜ୍ଞ, ଶିକ୍ଷାବିତ୍ ଏବଂ ବିଭିନ୍ନ କ୍ଷେତ୍ରର ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିଥିଲେ।




କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ବିଶିଷ୍ଟ ଆଥଲେଟ୍, ପ୍ରସିଦ୍ଧ ଆଥଲେଟିକ୍ସ ପ୍ରଶିକ୍ଷକ ଏବଂ ପୂର୍ବତନ ଆନ୍ତର୍ଜାତିକ ସ୍ପ୍ରିଂଟର ପ୍ରେମାନନ୍ଦ ଜେ.ଙ୍କ ସହ ଏକ ତଫାୟାରସାଇଡ୍ ଚାଟ୍। ପ୍ୟାରିସ୍ ଅଲିଂପିକ୍ସ ପାଇଁ ଭାରତୀୟ ଜାତୀୟ ସ୍ପ୍ରିଂଟ ଦଳକୁ ପ୍ରଶିକ୍ଷଣ ଦେଇଥିବା ପ୍ରେମାନନ୍ଦ ନେତୃତ୍ୱ, ଦୃଢ଼ତା, ଅନୁଶାସନ ଏବଂ ପରାମର୍ଶ ଦାନର ପରିବର୍ତ୍ତନଶୀଳ ଶକ୍ତି ସଂପର୍କରେ ନିଜର ଅଭିଜ୍ଞତା ବଖାଣିଥିଲେ। ଏଥି ସହିତ ଏହି କାର୍ଯ୍ୟକ୍ରମରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡର ଗ୍ଲୋବାଲ୍ ହେଡ୍-କାପାବିଲିଟିଜ୍, ଟ୍ରାନ୍ସଫର୍ମେସନ୍ ଆଣ୍ଡ କଲ୍ଚର, ଶ୍ରୀମତି ଅର୍ଚ୍ଚନା ଗ୍ରୋଭରଙ୍କ ସଂଚାଳନାରେ ‘ସମାବେଶୀ ଓ ଭବିଷ୍ୟତ୍ ପ୍ରସ୍ତୁତ କାର୍ଯ୍ୟକ୍ଷେତ୍ର ଗଠନରେ ଆଲିସିପର ଭୂମିକା’ ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ରକେଟ୍ ଇଣ୍ଡିଆର ଆସିଷ୍ଟାଂଟ ଭାଇସ୍ ପ୍ରେସିଡେଂଟ ଶ୍ରୀମତି ସୁଗନ୍ୟା ବୀରରାଘବନ, ଫୁଡ୍‌ହବ୍‌ର ମାନବ ସମ୍ବଳ ବିଭାଗ ମୁଖ୍ୟ ସୁରେଶ ଆଦେ, ନର୍ଡେକ୍ସ ଗ୍ରୁପ୍‌ର ସିନିୟର ମ୍ୟାନେଜର ଶ୍ରୀମତି ଅର୍ଚ୍ଚନା ମୁକୁନ୍ଦନ, କାର୍ଟେକ୍‌ର ଗ୍ଲୋବାଲ୍ ଟ୍ୟାଲେଂଟ ହେଡ୍ ଶ୍ରୀ ଆର. କେ. ରାମଚନ୍ଦ୍ରନ୍ ଏବଂ ଏମ୍‌ଫାସିସ୍‌ର ଇଣ୍ଡିଆ କ୍ୟାଂପସ୍ ହେଡ୍ ଶ୍ରୀ ଏମ୍. ଡି. ଜୋଶୁଆ ଡେଭିଡ୍ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଉପସ୍ଥିତ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଭବିଷ୍ୟତର କାର୍ଯ୍ୟକ୍ଷେତ୍ର ପାଇଁ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିବାରେ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସୋଆର କର୍ପୋରେଟ୍ ରିଲେସନ୍ସ ଆଣ୍ଡ ପ୍ଲେସମେଂଟ ଡିନ୍ ଡକ୍ଟର ରାଜ କୁମାର ହୋତା କାର୍ଯ୍ୟକ୍ଷେତ୍ରର ସଂସ୍କୃତି ଓ ଦୈନନ୍ଦିନ ନେତୃତ୍ୱରେ ଆଲିସିପର ମୂଲ୍ୟବୋଧକୁ ସାମିଲ କରିବାର ଆବଶ୍ୟକତା ଉପରେ ମତ ରଖିଥିଲେ।

# ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଏମ୍ସ ଭୁବନେଶ୍ୱର ସମ୍ମାନିତ

।।ଭୁବନେଶ୍ୱର।।୩।୮ (ଜାଓ) : ଜାତୀୟ ସ୍ତରରେ ପୁଣିଥରେ ନିଜର ଛାପ ଛାଡ଼ିଛି ଏମ୍ସ ଭୁବନେଶ୍ୱର। ଆଜି ନୂଆଦିଲ୍ଲୀରେ ଅନୁଷ୍ଠିତ ୧୬ତମ ଭାରତୀୟ ଅଙ୍ଗ ଦାନ ଦିବସ ପାଳନ ଅବସରରେ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ ‘ଅଙ୍ଗ ପ୍ରତିରୋପଣରେ ଉଦୀୟମାନ ସରକାରୀ ପ୍ରତିଷ୍ଠାନ’ ପୁରସ୍କାର ପ୍ରଦାନ କରାଯାଇଛି। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନ (ନୋଟ୍ଟୋ) ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ମୁଖ୍ୟ ଅତିଥି କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସଚିବ ଶ୍ରୀମତୀ ପୁଣ୍ୟ ସଲିଳା ଶ୍ରୀବାସ୍ତବ, ଡିଜିଏଚ୍ଏସ ଡ. ଲଭନୀଶ ଜି. କୃଷ୍ଣ, ଅତିରିକ୍ତ ସଚିବ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଶ୍ରୀ ବିଜୟ ନେହରା, ଏବଂ ନୋଟ୍ଟୋ ନିର୍ଦ୍ଦେଶକ ଡ. ଅନିଲ କୁମାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏମ୍ସ ଭୁବନେଶ୍ୱର ପକ୍ଷରୁ ଅଧ୍ୟକ୍ଷା ଡ. ଅନୀତା ସକ୍ସେନା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ମୁଖ୍ୟ ଡ. ବ୍ରହ୍ମଦତ ପଟ୍ଟନାୟକ ପ୍ରମୁଖ ପୁରସ୍କାର ଗ୍ରହଣ କରିଥିଲେ।

ଏମ୍ସ ଭୁବନେଶ୍ୱରକୁ ଅଙ୍ଗ ପ୍ରତିରୋପଣରେ ଉଲ୍ଲେଖନୀୟ ଅଗ୍ରଗତି, ବିଶେଷକରି ପ୍ରତିରୋପଣ ପ୍ରକ୍ରିୟାରେ ଉଲ୍ଲେଖନୀୟ




ବୃଦ୍ଧି ନିମନ୍ତେ ସମ୍ମାନିତ କରାଯାଇଥିଲା। ୨୦୨୪ ରେ ୧୬ଟି ପ୍ରତିରୋପଣରୁ ୨୦୨୫ ରେ ଏହିଁ ସଂଖ୍ୟା ୬୩ରେ ପହଂଚିଛି।

ଏହି ଅବସରରେ କୃତଜ୍ଞତା ପ୍ରକାଶ କରି, ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ଜାତୀୟ ମାନ୍ୟତା ଆମର ପ୍ରତିରୋପଣ ଦଳ, ଇଂଟେନସିଭ୍ କେୟାର ବିଶେଷଜ୍ଞ, ନର୍ସିଂ ଷ୍ଟାଫ୍, ପ୍ରତିରୋପଣ ସଂଯୋଜକ ଏବଂ ସହାୟକ କର୍ମଚାରୀଙ୍କ ଅଟଳ ପ୍ରତିବଦ୍ଧତା, ବହୁବିଧ ଦଳଗତ କାର୍ଯ୍ୟ ଏବଂ ନିରନ୍ତର ସମର୍ପଣ ଭାବକୁ ପ୍ରତିଫଳିତ କରେ। ଆମେ ଅଙ୍ଗଦାତା ପରିବାରମାନଙ୍କ ପ୍ରତି ସମାନ ଭାବରେ କୃତଜ୍ଞ, ଯେଉଁମାନଙ୍କର ନିସ୍ୱାର୍ଥପର ନିଷ୍ପତ୍ତି ଅଗଣିତ ଜୀବନ ବଂଚାଇଛି ଏବଂ ସମାଜକୁ ପ୍ରେରଣା ଦେଇଛି। ଏମ୍ସ ଭୁବନେଶ୍ୱର ପୂର୍ବ ଭାରତରେ ପ୍ରତିରୋପଣ ସେବାକୁ ବିସ୍ତାର କରିବା ଏବଂ ଅଙ୍ଗଦାନ ସଚେତନତାକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି।

ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ, ଏମ୍ସ ଭୁବନେଶ୍ୱର ସଫଳତାର ସହିତ ୭୮ଟି ବୃକକ୍ ପ୍ରତିରୋପଣ କରିଛି, ଯେଉଁଥିରେ ୬୧ଟି ଜୀବିତ ଦାତା ବୃକକ୍ ପ୍ରତିରୋପଣ ଏବଂ ୧୭ଟି ମୃତ ଦାତା ବୃକକ୍ ପ୍ରତିରୋପଣ ଅନ୍ତର୍ଭୁକ୍ତ। ପ୍ରତିଷ୍ଠାନ ଚାରିଟି ଜୀବିତ ଦାତା ଯକୃତ ପ୍ରତିରୋପଣ ଏବଂ ଜଣେ ମୃତ ଦାତା ଯକୃତ ପ୍ରତିରୋପଣ ସମାପ୍ତ କରିବା ସହିତ ଛଅଟି ସଫଳ ଅଙ୍ଗଦାନକୁ ମଧ୍ୟ ବ୍ୟବସ୍ଥିତ କରିଛି।

## ରାଜ୍ୟମାନଙ୍କ ଉପରେ ବଢ଼ୁଛି ଋଣଭାର

ରାଜ୍ୟମାନେ ଅଧିକ ଋଣ କରୁଛନ୍ତି ଫଳତଃ ଋଣଭାର ବଢ଼ିବା ସହ ବିକାଶ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ନିର୍ବାଚନୀ ଯୋଜନା, ସରକାରୀ କର୍ମଚାରୀଙ୍କ ବେତନ ଓ ପେନସନ ବାବଦ ଖର୍ଚ୍ଚ ମଧ୍ୟ ବଢ଼ିବାରେ ଲାଗିଛି । ଏହି କାରଣରୁ ଦେଶର ଅନେକ ରାଜ୍ୟର ରାଜକୋଷୀୟ ସନ୍ତୁଳନ ବିଗିଡ଼ିବାରେ ଲାଗିଛି । ଏହି ସନ୍ଦର୍ଭରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେଦେଶର କେତେକ ରାଜ୍ୟରେ ଆର୍ଥିକ ଦୁରାବସ୍ଥା ମଧ୍ୟ ଦେଖାଗଲାଣି । ରିପୋର୍ଟରେ ପ୍ରକାଶିତ ତଥ୍ୟ ଅନୁସାରେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି ପ୍ରତିଭୂତି ସବୁ ଆର୍ଥିକ ବର୍ଷ ୨୦୨୭-୨୮ରୁ ୨୦୩୧-୩୨ ମଧ୍ୟରେ ପରିପକ୍ୱ ହୋଇଯିବ । ରାଜ୍ୟ ସରକାରମାନେ ଜାରି କରିଥିବା ପ୍ରତିଭୂତି ବାବଦ ଅର୍ଥ ପାଖାପାଖି ୨୪ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ । ୨୦୨୬ ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାଜ୍ୟ ସରକାର ମାନଙ୍କର ସମୁଦାୟ ବାକିଥିବା ପ୍ରତିଭୂତି ସବୁ ପାଖାପାଖି ୭୩ ଲକ୍ଷ କୋଟି ଥିଲା । ରାଜ୍ୟ ସରକାରମାନଙ୍କୁ ଏ ବାବଦରେ ଋଣ ପରିଶୋଧ ପାଇଁ ଧନ ବା ଅର୍ଥର ଆବଶ୍ୟକତା ପଡ଼ିବ ଏବଂ ରାଜକୋଷୀୟ କ୍ଷତିର ଭରଣା ପାଇଁ ନୂଆ ପ୍ରତିଭୂତି ଜାରି କରିବାକୁ ପଡ଼ିବ । ଏହାର ଅର୍ଥ ହେଉଛି ଆଗାମୀ ବର୍ଷମାନଙ୍କରେ ରାଜ୍ୟ ସରକାର ମାନେ ନୂଆ ପ୍ରତିଭୂତି ଜାରି କରିବେ ଯାହାର ପ୍ରଭାବ ସ୍ୱାଭାବିକ ଭାବେ ବଜାର ଋଣ ଉପରେ ପଡ଼ିବ । ଯଦିଓ ଚଳିତ ବର୍ଷରେ ଏହି ପ୍ରତିଭୂତିର ପରିପକ୍ୱତା ଅବଧିରେ କିଛି ସୁଧାର ଆସିଛି କିନ୍ତୁ ଏହାର ନିର୍ଭରର ମାତ୍ରା ମଧ୍ୟ କିଛି ଅଧିକ ନୁହେଁ । ମାର୍ଚ୍ଚ ୨୦୨୦ ପରଠାରୁ ରାଜ୍ୟ ସରକାରମାନଙ୍କର ବକେୟା ପ୍ରତିଭୂତିର ଆକାର ଦୁଇଗୁଣରୁ ଅଧିକ ହୋଇଯାଇଛି ଏବଂ ଏହି ଅବଧିରେ ଏସବୁ ପ୍ରତିଭୂତି ବାର୍ଷିକ ୧୪ ପ୍ରତିଶତ ଚକ୍ରବୃଦ୍ଧି ହିସାବରେ ବଢ଼ିଯାଇଛି । ଏହି ତୁଳନାରେ କେନ୍ଦ୍ର ସରକାରଙ୍କ ଋଣ ବାର୍ଷିକ ୧୨ ପ୍ରତିଶତ ବଢ଼ିଛି । ସାର୍ବଜନିକ ଋଣ ବୃଦ୍ଧିକୁ ରୋକିବା ପାଇଁ ରାଜକୋଷୀୟ ଉତ୍ତର ଦାୟିତ୍ୱ ଆଇନ ପ୍ରଣୟନ କରାଯାଇଥିଲା । ଏହି ଆଇନ ପ୍ରଣୟନର ଉଦ୍ଦେଶ୍ୟ ଥିଲା ରାଜ୍ୟମାନଙ୍କର ଋଣ ସେମାନଙ୍କର ଜିଡିପିର ୩ ପ୍ରତିଶତରୁ ଅଧିକ ନହେଉ । କିନ୍ତୁ ଏହି ସୀମା ପାର କରିଥିବା ରାଜ୍ୟମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ରାଜ୍ୟମାନଙ୍କର ଋଣ ବୃଦ୍ଧିର ପ୍ରମୁଖ କାରଣ ହେଉଛି ବର୍ଦ୍ଧିତ ବଜେଟ କ୍ଷତି । ରାଜ୍ୟ ସରକାରମାନଙ୍କର ଆର୍ଥିକ ସ୍ଥିତି ବାବଦରେ ଗତ ଜାନୁୟାରୀ ମାସରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଏକ ରିପୋର୍ଟ ଜାରି କରିଥିଲେ । ରିଜର୍ଭ ବ୍ୟାଙ୍କଙ୍କ ରିପୋର୍ଟ ଅନୁସାରେ ରାଜ୍ୟ ମାନଙ୍କର ପରିଶୋଧ କରିବାକୁ ଥିବା ଧନରାଶି ୨୦୧୮-୧୯ ଆର୍ଥିକ ବର୍ଷରେ ଜିଡିପିର ୨୫.୩ ପ୍ରତିଶତ ଥିଲା ଓ ୨୦୨୫-୨୬ ବଜେଟ ପରେ ଏହା ୨୯.୨ ପ୍ରତିଶତରେ ପହଞ୍ଚି ଯାଇଥିଲା । ରିଜର୍ଭ ବ୍ୟାଙ୍କ ତାଙ୍କ ରିପୋର୍ଟରେ ଏହି ହାରକୁ କମ୍ କରାଯିବା ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ରାଜ୍ୟ ସରକାର ମାନଙ୍କର ଅନେକ ଯୋଜନାରେ ଲାଭାର୍ଥୀମାନେ ଉପକୃତ ହେଉଛନ୍ତି । କିନ୍ତୁ ରାଜକୋଷ ଉପରେ ଏସବୁ ଯୋଜନାର ଯେଉଁ ପ୍ରଭାବ ପଡୁଛି ତାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ । ଷୋଡଶ ଅର୍ଥ କମିଶନଙ୍କ ପକ୍ଷରୁ ୨୧ଟି ରାଜ୍ୟ ଉପରେ କରାଯାଇଥିବା ଅଧ୍ୟୟନରୁ ସ୍ପଷ୍ଟ ଯେ, ଏସବୁ ରାଜ୍ୟରେ ସବସିଡି ଖର୍ଚ୍ଚ ୨୦୧୮-୧୯ ଆର୍ଥିକ ବର୍ଷରେ ଜିଡିପିର ୧.୨ ପ୍ରତିଶତ ଥିଲା । କିନ୍ତୁ ୨୦୨୪-୨୫ରେ ଏହା ୨.୭ ପ୍ରତିଶତରେ ପହଞ୍ଚିଯାଇଛି । ରାଜ୍ୟ ସରକାରମାନେ ସବସିଡି ବାବଦରେ ରାଜସ୍ୱ ଆୟର ୨୦ ପ୍ରତିଶତ ବ୍ୟୟ କରୁଛନ୍ତି । ଯଦି ଅବସ୍ଥା ଏପରି ରହେ ତେବେ ଆଗାମୀ ଦିନରେ ରାଜ୍ୟ ମାନଙ୍କର ବିକାଶ ଯୋଜନା ପ୍ରଭାବିତ ହେବ ।

# ସଂସ୍କାର ଅପେକ୍ଷାରେ ପରୀକ୍ଷା ପ୍ରଣାଳୀ

**ସୌମ୍ୟ ରଞ୍ଜନ ଦାଶ**

ଶିକ୍ଷା ଓ ପ୍ରତିଯୋଗିତାମୂଳକ ପରୀକ୍ଷା କେବଳ କ୍ୟାରିୟର ଗଢ଼ିବାର ମାଧ୍ୟମ ନୁହେଁ, ବରଂ ଏହା ଏକ ଯୁବକର ଭବିଷ୍ୟତ, ତାର ପରିବାରର ଆଶା ଏବଂ ସର୍ବୋପରି ଏକ ରାଷ୍ଟ୍ରର ପ୍ରଗତିର ଆଧାରଶିଳା । ଜଣେ ଛାତ୍ର କିମ୍ବା ଚାକିରି ପ୍ରାର୍ଥୀ ବର୍ଷ ବର୍ଷ ଧରି ନିଜର ସମୟ, ଅକ୍ଲାନ୍ତ ପରିଶ୍ରମ, ଅର୍ଥ ଏବଂ ସର୍ବୋପରି ନିଜର ସ୍ୱପ୍ନକୁ ଏହି ପରୀକ୍ଷା ମଇଦାନରେ ବାଜି ଲଗାଇଥାଏ । ସେ ନିଜ ଜୀବନର ଅନେକ ଛୋଟବଡ଼ ସୁଖ, ସାମାଜିକ ଉତ୍ସବ ଏବଂ ଆରାମକୁ ଜଳାଞ୍ଜଳି ଦେଇ କେବଳ ଗୋଟିଏ ଲକ୍ଷ୍ୟକୁ ଧରି ଅନ୍ଧାରିଆ କୋଠରୀରେ ମୁଣ୍ଡ ଗୁଞ୍ଜି ପାଠ ପଢ଼ିଥାଏ । କିନ୍ତୁ ବିଡ଼ମ୍ବନାର ବିଷୟ ହେଉଛି, ଆଜିର ଭାରତରେ ପରୀକ୍ଷା ବାତିଲ ଏକ ସାଧାରଣ ଘଟଣାରେ ପରିଣତ ହୋଇଛି, ଯାହା ଗଣତନ୍ତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭର ଅସଫଳତାକୁ ଦର୍ଶାଉଛି । ପେପର ଲିକ୍, ବ୍ୟାପକ ଅନିୟମିତତା ଓ ପ୍ରଶାସନିକ ପରିଚାଳନାର ବିଫଳତା ହେତୁ ବାରମ୍ବାର ପରୀକ୍ଷା ବାତିଲ ହେବା କେବଳ ଏକ ବୈଷୟିକ ତ୍ରୁଟି ନୁହେଁ, ବରଂ ଏହା ଲକ୍ଷ ଲକ୍ଷ ଯୁବପିଢ଼ିର ଭବିଷ୍ୟତ ଓ ସେମାନଙ୍କ ସ୍ୱପ୍ନ ସହ ଏକ କ୍ରୂର ପରିହାସ ।

ସମ୍ପ୍ରତି ଦେଶରେ ପରୀକ୍ଷା ପରିଚାଳନାକୁ ନେଇ ସବୁଠୁ ବଡ଼ ବିବାଦ ନିଟ୍ ପରୀକ୍ଷାକୁ କେନ୍ଦ୍ର କରି ଦେଖାଦେଇଛି । ପ୍ରାୟ ୨୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏହି ଚିକିତ୍ସା ବିଜ୍ଞାନ ପ୍ରବେଶିକା ପରୀକ୍ଷା ପାଇଁ ଦିନରାତି ଏକ କରିଥିଲେ । କିନ୍ତୁ ପରୀକ୍ଷା ପରେ ଯେଉଁଭଳି ଭାବେ ପ୍ରଶ୍ନପତ୍ର ପ୍ରଘଟର ଅଭିଯୋଗ ଆସିଲା ଏବଂ ଗ୍ରେସ୍ ମାର୍କ ଭଳି ଅଜବ ନିୟମ ସାମ୍ନାକୁ ଆସିଲା, ତାହା ସାରା ଦେଶକୁ ସ୍ତବ୍ଧ କରିଦେଇଛି । ଏହା କୌଣସି ଏକ ନିର୍ଦ୍ଦିଷ୍ଟ ବର୍ଷର କଥା ନୁହେଁ, ବରଂ ଏହା ଏକ ପୁନରାବୃତ୍ତି ପ୍ରକ୍ରିୟାରେ ପରିଣତ ହେଲାଣି । ଏହା ବ୍ୟତୀତ ବିଭିନ୍ନ ରାଜ୍ୟରେ ପୋଲିସ ନିଯୁକ୍ତି, ଶିକ୍ଷକ ନିଯୁକ୍ତି ଏବଂ ଅନ୍ୟାନ୍ୟ ପ୍ରଶାସନିକ ସେବା ପାଇଁ ହେଉଥିବା ପରୀକ୍ଷାଗୁଡ଼ିକରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳୁଛି । ନିଟ୍ ଠାରୁ ଆରମ୍ଭ କରି ରେଳବାଇ ପରୀକ୍ଷା ପର୍ଯ୍ୟନ୍ତ ପ୍ରତିଟି କ୍ଷେତ୍ରରେ ପରୀକ୍ଷାର୍ଥୀଙ୍କ ମନରେ ଏକ ପ୍ରକାର ଭୟ ବସା ବାନ୍ଧିଲାଣି ଯେ, ସେମାନେ ଦେଉଥିବା ପରୀକ୍ଷାଟି ପ୍ରକୃତରେ ସଫଳତାର ସହ ଶେଷ ହେବ ତ ? ଏହି ଅନିଶ୍ଚିତତା ଯୁବସମାଜ ମଧ୍ୟରେ ଏକ ଗଭୀର ମାନସିକ ଅବସାଦ ସୃଷ୍ଟି କରୁଛି ।

ଜଣେ ସାଧାରଣ ବର୍ଗର କିମ୍ବା ମଧ୍ୟବିତ୍ତ ପରିବାରର ଛାତ୍ର ପାଇଁ ପରୀକ୍ଷା ଦେବା କେବଳ ଏକ ତିନି ଘଣ୍ଟାର ପ୍ରକ୍ରିୟା ନୁହେଁ । ଏହା ତାଙ୍କ ପରିବାରର ଆର୍ଥିକ ବୋଝ ଏବଂ ଆଶାର ପ୍ରତିଫଳନ । ଅନେକ ଛାତ୍ର ଗାଁ ଗହଳିରୁ ଆସି ସହରର ଛୋଟ ମେସ୍‌ରେ ରହି, ଖାଇବା ପିଇବା କଷ୍ଟ କରି ପାଠ ପଢ଼ିଥାନ୍ତି । ପରିବାର ଲୋକେ ଋଣ କରି କିମ୍ବା ଜମିବାଡ଼ି ବିକ୍ରି କରି ପିଲାଙ୍କୁ କୋଚିଂ ପାଇଁ ପଠାଇଥାନ୍ତି । ଯେତେବେଳେ ଶେଷ ମୁହୂର୍ତ୍ତରେ ଘୋଷଣା କରାଯାଏ ଯେ ପରୀକ୍ଷା ବାତିଲ ହୋଇଯାଇଛି, ସେତେବେଳେ ସେହି ପରିବାରର ମେରୁଦଣ୍ଡ ଭାଙ୍ଗିଯାଏ । ପୁଣିଥରେ ସେହି ବହିପତ୍ର ଖୋଲିବା, ସେହି ଚାପକୁ ସହିବା ଏବଂ ପୁଣିଥରେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବା ଜଣେ ସାଧାରଣ ମଣିଷ ପକ୍ଷେ ଅତ୍ୟନ୍ତ କଷ୍ଟକର । ଏହି ବିଳମ୍ବ କାରଣରୁ ଅନେକ ପରୀକ୍ଷାର୍ଥୀଙ୍କ ବୟସ ସୀମା ମଧ୍ୟ ଅତିକ୍ରମ କରିଯାଉଛି, ଯାହା ସେମାନଙ୍କୁ ଚାକିରି ପାଇବାର ସୁଯୋଗରୁ ସବୁଦିନ ପାଇଁ ବଞ୍ଚିତ କରୁଛି ।

ଏହି ଅନବରତ ପରୀକ୍ଷା ବାତିଲ ପ୍ରକ୍ରିୟା ଯୁବପିଢ଼ିର ମାନସିକ ସ୍ୱାସ୍ଥ୍ୟ ଉପରେ ଏକ ଗମ୍ଭୀର ପ୍ରଭାବ ପକାଉଛି । ଆଜିର ପ୍ରତିଯୋଗିତାମୂଳକ ଯୁଗରେ ପିଲାମାନେ ଆଗରୁ ହିଁ ଅତ୍ୟଧିକ ଚାପରେ ରହୁଛନ୍ତି । ପଢ଼ାପଢ଼ିର ଚାପ ସାଙ୍ଗକୁ ପରିବାରର ଆଶା ଓ ସାମାଜିକ ପ୍ରତିଷ୍ଠାର ଭୟ ସେମାନଙ୍କୁ ସବୁବେଳେ ବ୍ୟତିବ୍ୟସ୍ତ କରି ରଖିଥାଏ । ଏଭଳି ସ୍ଥିତିରେ ପେପର ଲିକ୍ କିମ୍ବା ଦୁର୍ନୀତି ଖବର ସେମାନଙ୍କୁ ଶାରୀରିକ ଓ ମାନସିକ ସ୍ତରରେ ଦୁର୍ବଳ କରିଦେଉଛି । ଯେତେବେଳେ ଜଣେ ଯୁବକ ଅନୁଭବ କରେ ଯେ ତା'ର ପରିଶ୍ରମର କୌଣସି ମୂଲ୍ୟ ନାହିଁ ଏବଂ କେବଳ ଅସାଧୁ ଉପାୟରେ ଲୋକେ ସଫଳତା ପାଉଛନ୍ତି, ସେତେବେଳେ ସେ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଏ । ଏହା କେବଳ ଏକ ବ୍ୟକ୍ତିଗତ କ୍ଷତି ନୁହେଁ, ବରଂ ଏହା ଦେଶର ମାନବ ସମ୍ବଳର ବଡ଼ ଅପଚୟ ।

ସବୁଠୁ ବିପଜ୍ଜନକ କଥା ହେଉଛି, ଏହି ବ୍ୟବସ୍ଥା ଯୁବପିଢ଼ିର ନୈତିକତା ଓ ମୂଲ୍ୟବୋଧକୁ ମଧ୍ୟ କ୍ଷୟ କରୁଛି । ଯେଉଁ ଯୁବକମାନେ ଆଗାମୀ ଦିନରେ ଦେଶର ଶାସନ ଓ ପ୍ରଶାସନ ଚଳାଇବେ, ସେମାନେ ଯଦି ଆରମ୍ଭରୁ ଦୁର୍ନୀତି ଓ ପ୍ରଶ୍ନପତ୍ର କାରବାର ଦେଖିବେ, ତେବେ ସେମାନଙ୍କ ମନରେ ନୈତିକତା ରହିବ କେଉଁଠୁ ? ସିଷ୍ଟମ୍ ଉପରେ ଅବିଶ୍ୱାସ ସୃଷ୍ଟି ହେଲେ ଯୁବପିଢ଼ି ବିପଥଗାମୀ ହେବାର ସମ୍ଭାବନା ଅଧିକ ଥାଏ । ଯେତେବେଳେ ପରିଶ୍ରମୀ ପିଲାଟିଏ ଦେଖେ ଯେ ଟଙ୍କା ବଳରେ କିଛି ଲୋକ ପ୍ରଶ୍ନପତ୍ର କିଣି ସଫଳ ହେଉଛନ୍ତି, ସେତେବେଳେ ତା'ର ଲୋକତନ୍ତ୍ର ଉପରୁ ଭରସା ତୁଟିଯାଏ । ଏହା ସମାଜରେ ଏକ ବିପଜ୍ଜନକ ସଙ୍କେତ ପ୍ରଦାନ କରୁଛି । ଏକ ସୁସ୍ଥ ସମାଜ ଗଠନ ପାଇଁ ଯୋଗ୍ୟତା ଏବଂ ସ୍ୱଚ୍ଛତା ଅପରିହାର୍ଯ୍ୟ, ଯାହା ଆଜିର ସମୟରେ ବିପଦରେ ପଡ଼ିଥିବା ପରି ମନେହେଉଛି ।

ଏହି ସଙ୍କଟ ପାଇଁ ସରକାର ଏବଂ ପରୀକ୍ଷା ପରିଚାଳନା କରୁଥିବା ସଂସ୍ଥା ଯଥା ରାଜ୍ୟ ଚୟନ ଆୟୋଗମାନଙ୍କ ଦାୟିତ୍ୱହୀନତାକୁ କେବେବି ଅସ୍ୱୀକାର କରାଯାଇପାରିବ ନାହିଁ । ପ୍ରଶ୍ନପତ୍ର ତିଆରି ହେବାଠାରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପର୍ଯ୍ୟନ୍ତ ଯଦି ସୁରକ୍ଷା ବ୍ୟବସ୍ଥା ଏତେ ଦୁର୍ବଳ ରହୁଛି, ତେବେ ଏହା ଏକ ଯୋଜନାବଦ୍ଧ ଅପରାଧ ବୋଲି କହିବା ଭୁଲ୍ ହେବ ନାହିଁ । କେବଳ ଘଟଣା ଘଟିବା ପରେ ତଦନ୍ତ ନିର୍ଦ୍ଦେଶ ଦେବା କିମ୍ବା କିଛି କର୍ମଚାରୀଙ୍କୁ ନିଲମ୍ବିତ କରିଦେଲେ ସମସ୍ୟାର ସମାଧାନ ହୋଇନଥାଏ । ଏଥିପାଇଁ ଏକ ସମ୍ପୂର୍ଣ୍ଣ ସଂସ୍କାରର ଆବଶ୍ୟକତା ରହିଛି । ସରକାର ନିକଟରେ 'ସାର୍ବଜନୀନ ପରୀକ୍ଷା ଅଧିନିୟମ, ୨୦୨୪' ପ୍ରଣୟନ କରିଛନ୍ତି, ଯେଉଁଥିରେ କଠୋର ଦଣ୍ଡ ଓ ଜରିମାନାର ବ୍ୟବସ୍ଥା ରହିଛି । କିନ୍ତୁ ଆଇନର ପ୍ରକୃତ ସଫଳତା ଏହାର କାର୍ଯ୍ୟକାରିତା ଉପରେ ନିର୍ଭର କରେ ।

ସମସ୍ୟାର ସମାଧାନ ପାଇଁ ପରୀକ୍ଷା ପ୍ରଣାଳୀକୁ ଅଧିକ ଡିଜିଟାଲ୍ ଏବଂ ସୁରକ୍ଷିତ କରିବା ଜରୁରୀ । କୃତ୍ରିମ ବୁଦ୍ଧିମତ୍ତା ଏବଂ ବ୍ଲକଚେନ୍ ଟେକ୍ନୋଲୋଜି ସାହାଯ୍ୟରେ ପ୍ରଶ୍ନପତ୍ରର ସୁରକ୍ଷା ବଳୟକୁ ଅଧିକ ଦୃଢ଼ କରାଯାଇପାରିବ । ପରୀକ୍ଷା କେନ୍ଦ୍ରଗୁଡ଼ିକରେ କେବଳ ସରକାରୀ ସଂସ୍ଥାମାନଙ୍କୁ ସାମିଲ କରିବା ଏବଂ ବେସରକାରୀ ସଂସ୍ଥାଗୁଡ଼ିକ ଉପରେ କଠୋର ନଜର ରଖିବା ଆବଶ୍ୟକ । ପେପର ସେଟିଂ ପ୍ରକ୍ରିୟାରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ପରିଚୟ ସମ୍ପୂର୍ଣ୍ଣ ଗୋପନ ରହିବା ସହ ସେମାନଙ୍କର କାର୍ଯ୍ୟକଳାପକୁ କଡ଼ାକଡ଼ି ମନିଟରିଂ କରାଯିବା ଉଚିତ । ଏହା ସହିତ, ପରୀକ୍ଷା ପରିଚାଳନା କରୁଥିବା ଅଧିକାରୀମାନଙ୍କୁ ଜବାବଦେହିତା ଭିତରକୁ ଆଣିବା ଦରକାର । ଯଦି କୌଣସି ପରିଚାଳନାଗତ ତ୍ରୁଟି ଯୋଗୁଁ ପରୀକ୍ଷା ବାତିଲ ହୁଏ, ତେବେ ସମ୍ପୃକ୍ତ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ ।

ଏହା ବ୍ୟତୀତ, ଛାତ୍ରଛାତ୍ରୀମାନଙ୍କୁ କେବଳ ଏକ ରୋଲ୍ ନମ୍ବର ଭାବେ ନଦେଖି ସେମାନଙ୍କୁ ଜଣେ ଜଣେ ମଣିଷ ଭାବେ ସମ୍ମାନ ଦେବା ଶିଖିବାକୁ ହେବ । ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରତି ସରକାର ଓ ଶିକ୍ଷା ସଂସ୍ଥାଗୁଡ଼ିକ ଅଧିକ ଯତ୍ନବାନ ହେବା ଉଚିତ । ପରୀକ୍ଷା ବାତିଲ ପରେ ପରୀକ୍ଷାର୍ଥୀମାନଙ୍କୁ ମାଗଣା ଯାତାୟାତ ସୁବିଧା, ପରବର୍ତ୍ତୀ ପରୀକ୍ଷା ପାଇଁ ଆର୍ଥିକ ସହାୟତା ଏବଂ ସର୍ବୋପରି ମନସ୍ତାତ୍ତ୍ୱିକ ପରାମର୍ଶ ପ୍ରଦାନ କରାଯିବା ଆବଶ୍ୟକ । ଯୁବପିଢ଼ିଙ୍କ ମଧ୍ୟରେ ଧୈର୍ଯ୍ୟ ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଶିକ୍ଷାୟତନଗୁଡ଼ିକରେ କାର୍ଯ୍ୟକ୍ରମମାନ ହେବା ଦରକାର । ନ୍ୟାୟିକ ସଂସ୍ଥାଗୁଡ଼ିକ ମଧ୍ୟ ଏପରି ମାମଲାଗୁଡ଼ିକର ଶୁଣାଣିକୁ ତ୍ୱରାନ୍ୱିତ କରିବା ଉଚିତ, ଯାହାଦ୍ୱାରା ଅପରାଧୀମାନଙ୍କ ମନରେ ଭୟ ସୃଷ୍ଟି ହେବ ଏବଂ ନିର୍ଦ୍ଦୋଷ ଛାତ୍ରମାନେ ନ୍ୟାୟ ପାଇପାରିବେ ।

ପରିଶେଷରେ କୁହାଯାଇପାରେ ଯେ, ପରୀକ୍ଷା ବାତିଲ ହେବା କେବଳ ଏକ ପ୍ରଶାସନିକ ସମସ୍ୟା ନୁହେଁ, ଏହା ଏକ ଜାତୀୟ ସଙ୍କଟ । ଯେଉଁ ଦେଶର ଯୁବସମାଜ ନିରାଶାବାଦୀ ହୋଇପଡ଼ନ୍ତି, ସେହି ଦେଶର ଭବିଷ୍ୟତ ଅନ୍ଧକାରମୟ ହୋଇଯାଏ । ଭାରତ ପରି ଏକ ଯୁବବହୁଳ ଦେଶରେ ଯଦି ପ୍ରତିଭାର ଉପଯୁକ୍ତ ମୂଲ୍ୟାଙ୍କନ ହୋଇପାରିବ ନାହିଁ, ତେବେ 'ବିକଶିତ ଭାରତ'ର ସ୍ୱପ୍ନ କେବଳ ଏକ ସ୍ଲୋଗାନରେ ସୀମିତ ରହିଯିବ । ସରକାର, ପ୍ରଶାସନ, ଶିକ୍ଷାବିତ୍ ଏବଂ ସମାଜର ପ୍ରତ୍ୟେକ ବର୍ଗଙ୍କୁ ଏକାଠି ହୋଇ ଏହି ଦୁର୍ନୀତି ବିରୋଧରେ ଲଢ଼ିବାକୁ ହେବ । ଯୁବପିଢ଼ିର ପରିଶ୍ରମକୁ ସମ୍ମାନ ଦେବା ଏବଂ ସେମାନଙ୍କ ସ୍ୱପ୍ନକୁ ସୁରକ୍ଷିତ ରଖିବା ହେଉଛି ଏକ ସଭ୍ୟ ରାଷ୍ଟ୍ରର ସବୁଠୁ ବଡ଼ କର୍ତ୍ତବ୍ୟ । ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଦିଗରେ ଦୃଢ଼ ପଦକ୍ଷେପ ନେବାର ସମୟ ଏବେ ଆସିଯାଇଛି, ନଚେତ୍ ଇତିହାସ କେବେବି ଏହି ଦାୟିତ୍ୱହୀନତାକୁ କ୍ଷମା କରିବ ନାହିଁ । ଯୁବକମାନଙ୍କ ଆଖିରେ ଥିବା ସ୍ୱପ୍ନଗୁଡ଼ିକ ଯେମିତି ଲୁହରେ ପରିଣତ ନହୁଅନ୍ତି, ସେଥିପାଇଁ ଆମକୁ ଏକ ଦୁର୍ନୀତିମୁକ୍ତ ଓ ସୁଦୃଢ଼ ପରୀକ୍ଷା ପ୍ରଣାଳୀ ଗଠନ କରିବାକୁ ପଡ଼ିବ ।

ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ
ମୋ ୮୮୯୯୫୯୫୨୩୧୫

# ଇଷ୍ଟଭୃତି

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆର୍ଯ୍ୟ ଓ ସମାଜର ଆଦିମ ନୀତି-ନିୟାମକ ଋଷିବୃନ୍ଦ ନିତ୍ୟ ଆଚରଣଯୋଗ୍ୟରୂପେ ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନ, ଦାନ ଓ ପ୍ରତିଗ୍ରହ - ଏହି ଷଟ୍ କର୍ମ ସମସ୍ତଙ୍କ ପାଇଁ ନିର୍ଦ୍ଧାରଣ କରିଛନ୍ତି । ଏଗୁଡ଼ିକ ଦେଶ-କାଳ-ପାତ୍ର ନିର୍ବିଶେଷରେ ସମସ୍ତେ ପ୍ରତିଦିନ ଅନୁଷ୍ଠାନ କରି ଚାଲିବେ । ଏହା ନିତ୍ୟ କର୍ମ ବା ନିତ୍ୟ କର୍ତ୍ତବ୍ୟରୂପେ ଆମ ଦେଶରେ ପ୍ରସିଦ୍ଧ । ଆଜି କିନ୍ତୁ ଏ ସମ୍ପର୍କୀୟ ବାସ୍ତବ ଅନୁଷ୍ଠାନ ତ ଦୂରର କଥା, ସାଧାରଣ ଧାରଣା ମଧ୍ୟ ଲୋକ ସମାଜରେ ବିରଳ । କିନ୍ତୁ ମଣିଷ ଜୀବନ ପାଇଁ ଉକ୍ତ କର୍ମ ଗୁଡ଼ିକର ଅପରିହାର୍ଯ୍ୟତା ଦୃଷ୍ଟିରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏଗୁଡ଼ିକର ଅପରିହାର୍ଯ୍ୟତା ଦୃଷ୍ଟିରୁ କରାଇଛନ୍ତି । ଏଥିରେ ଦାନ ଓ ପ୍ରତିଗ୍ରହର ସମ୍ମିଶ୍ରଣରେ ଇଷ୍ଟଭୃତିର ପ୍ରବର୍ତ୍ତନ କରିଛନ୍ତି । ଏ ସମ୍ପର୍କରେ ତାଙ୍କର ଏକ ନିର୍ଦ୍ଦେଶ ହେଲା 'ଦିନ ଗୁଜରାନୀ ଆୟ ଥେକେ, କର ଇଷ୍ଟଭୃତି ଆହରଣ, ଜଳଗ୍ରହଣେର ପୂର୍ବେଇ କରିସ୍ ଇଷ୍ଟେ ନିବେଦନ । ନିତ୍ୟ ଏମ୍‌ନି ନିୟମିତ, ଯେମନ୍ ପାରିସ୍ କରେଇ ଯା, ମାସଟି ଯବେ ଶେଷ ହବେ ତୁଇ, ଇଷ୍ଟସ୍ଥାନେ ପାଠାସ ତା । ଇଷ୍ଟ ସ୍ଥାନେ ପାଠିୟେ ଦିଏ ଆରୋ ଦୁଟି ଭୋଜ୍ୟ ରାଖିସ୍, ଗୁଜୁଭାଇ ବା ଗୁରୁଜନେର ଦୁଜନାକେ ସେଇଟି ଦିସ୍ । ପାଡା-ପଡ଼ଶୀର ସେବାର କାଜେ, ରାଖିସ୍ କିନ୍ତୁ କିଛୁ ଆରୋ, ଉପଯୁକ୍ତ ଆପଦ୍‌ଗ୍ରସ୍ତେ ଦିତେଇ ହବେ ଯେଟୁକ ପାର । ଏ ସବ୍ ଗୁଲିର ଆଚରଣେ, ଇଷ୍ଟଭୃତି ନିଖୁଁତ ହୟ, ଏ ନା କରେ ଇଷ୍ଟଭୃତି, ଜାନିସ୍ କିନ୍ତୁ ପୂର୍ଣ୍ଣ ନାୟ ।।

'ନୌକା ଯେପରି ଦଉଡି ଦ୍ୱାରା ଟଣା ହୋଇଯାଏ, ଇଷ୍ଟଭୃତି ମଧ୍ୟ ସେହିପରି ମଣିଷକୁ ଟାଣି ନେଇଯାଏ । ଗୋଟିଏ ସୁକେନ୍ଦ୍ରିକ ଧନ୍ଦା ଲାଗି ରହେ, ସେଇଥିରେ ମଣିଷ ଠିକ୍ ରହେ । ଅବଶ୍ୟ ଚାନ୍ଦା ପରି କରିଲେ ହୁଏ ନାହିଁ । ମୁଣ୍ଡରେ ଗୋଟାଏ ଚାପ ଲାଗି ରହିବା ଆବଶ୍ୟକ । ଆଉ ସବୁ କିଛି ମାଧ୍ୟମରେ ତାଙ୍କୁ ଉପଚୟୀ କରିବାର ବୁଦ୍ଧି ଦରକାର । ତାହେଲେ ହିଁ ମଣିଷ ଉପଚୟୀ ହୁଏ । ନିଜେ ଉପଚୟୀ ହେବାର ବୁଦ୍ଧି ରହିଲେ ଏହି ପ୍ରବୃତ୍ତିଟା ହିଁ ବଡ଼ ହୁଏ, ପ୍ରତ୍ୟାଶା ବିଧୁର ହୋଇଥାଏ । ସେଥିରେ ମଣିଷର ନିୟନ୍ତ୍ରଣ ବି ହୁଏନାହିଁ, ବିକାଶ ବି ହୁଏ ନାହିଁ, ତେଣୁ ଉପଚୟୀ ମଧ୍ୟ ହୋଇଉଠେ ନାହିଁ । 'ଇଷ୍ଟଭୃତି ହେଲେ ବି ଗୋଟାଏ ଉଦ୍‌ବୃତ୍ତ ଶକ୍ତି ରହି ହିଁ ଯାଏ ଏବଂ ସବୁ କାର୍ଯ୍ୟରେ ହିଁ ତାର ସାହାଯ୍ୟ ପାଇବା ହୁଏ । ଇଷ୍ଟଭରଣ ଧନ୍ଦା ଯାହାର ମନ-ମୁଣ୍ଡରେ ଲାଗିରହେ, ତାର ପ୍ରବୃତ୍ତିଗୁଡ଼ିକ ମଧ୍ୟ ଧୀରେ ଧୀରେ ସୁବିନ୍ୟସ୍ତ ହୋଇଉଠେ, ତାର ସବୁକିଛି ଭିତରେ ଗୋଟାଏ ଏକସୂତ୍ର ନିବଦ୍ଧ ସମାହାର ହୋଇଥାଏ, ତେଣୁ ବୋଧ ବି ସେହିପରି ଭାବେ ଫୁଟିଉଠେ । ତାଛଡ଼ା ସେ କେବଳ ଭାବବିଳାସୀ ହୁଏ ନାହିଁ, ତାର ଭାବିବା କରିବା ମଧ୍ୟରେ ଗୋଟିଏ ସଙ୍ଗତି ରହେ । ଏହି ଭାବରେ ଜୀବନରେ କୃତକାର୍ଯ୍ୟତାର ପଥ ତାର ଖୋଲିଯାଏ । ନିତ୍ୟ ଇଷ୍ଟଭୋଗର ନୈବେଦ୍ୟ ନିବେଦନ କରି ଗୋଟାଏ ଆତ୍ମପ୍ରସାଦ ଲାଭ କରାଯାଏ । ପ୍ରସାଦର ମଧ୍ୟରେ ପ୍ରସାର ମଧ୍ୟ ଅଛି । ଦେଇ ପୁଷ୍ଟ କରିବା ମଧ୍ୟରେ ହିଁ ପାଇ ପୁଷ୍ଟ ଓ ଉନ୍ନତ ହେବାର ପଥ ଅଛି । ପୁଣି ଇଷ୍ଟଭୃତି କ୍ରମବର୍ଦ୍ଧମାନ କରି ରଖିବାକୁ ହୁଏ । ଏହିପରି ପ୍ରଚେଷ୍ଟା ନେଇ ଚଳିଲେ, ଏହିପରି ତପସ୍ୟାରତ ରହିଲେ, ତାର ଉନ୍ନତି ଅନିବାର୍ଯ୍ୟ । ଭୋଜ୍ୟଟା ବା ପଇସାଟା ମୂଳ ନୁହେଁ, ଏହାର ମୂଳ କଥା ହେଲା, ଇଷ୍ଟଙ୍କୁ ଦେବାର ଆବେଗ, ତାଙ୍କୁ ନଦେଇ ନଖୁଆଇ ଆମକୁ ଭଲ ଲାଗେ ନାହିଁ, ତେଣୁ ସର୍ବାଗ୍ରେ ଆମର ତାଙ୍କ ସେବାର ଆୟୋଜନ ।

ଏହି ଆବେଗ ଯେତେବେଳେ ମଣିଷର ଅନ୍ତରରେ ନିଶା ପରି ପାଇବସେ, ସେ ସେତେବେଳେ ତାର ସବୁ କରିବା ଭିତର ଦେଇ ତାଙ୍କୁ ହିଁ ଅର୍ଘ୍ୟନନ୍ଦିତ କରିବାକୁ ଚାହେଁ, ଜୀବନରେ ଯେପରି ତାର ଗୋଟାଏ ଅଫୁରନ୍ତ ଉତ୍ସାହ ଜାଗିଉଠେ ।' ଇଷ୍ଟଭୃତିର ଗୁଣର କଥା କହି ଶେଷ କରାଯାଏନାହିଁ । ମୁଁ ଏହାକୁ କୁହେ ସାମର୍ଥ୍ୟଯୋଗ । ଏଥିରେ ମନୁଷ୍ୟ ଯୋଗ୍ୟ ହୋଇଉଠେ । ନିୟମିତ ଭାବେ ଆସେଟିକ୍ ୱେରେ ତାପସଭାବେ ଇଷ୍ଟଭୃତି କରିଲେ ବୋଧ କରିପାରିବେ, ବିପଦ-ଆପଦ କଟିବାର କ୍ଷମତା କେତେ ପରିମାଣରେ ବଢ଼ିଯାଉଛି । ଦୁନିଆ ଟଳମଳ କରିବାକୁ ବସିଲେ ବି ଆପଣ ଅଟଳଭାବେ ରହିପାରିବେ । ବର୍ମାର ଯୁଦ୍ଧ ସମୟରେ ନୂଆ ଖାଲି ଓ କଲିକତାର ଦଙ୍ଗା ସମୟରେ ଭୂରି ଭୂରି ଦୃଷ୍ଟାନ୍ତ ଦେଖାଯାଇଛି - ଯେଉଁମାନେ ନିଷ୍ଠାର ସହିତ ଯଜନ-ଯାଜନ-ଇଷ୍ଟଭୃତି କରନ୍ତି, ସେମାନେ ପରମପିତାଙ୍କ ଦୟାରେ କି ଭାବେ ସମୂହ ବିପଦର ହାତରୁ ରକ୍ଷା ପାଇଯାନ୍ତି । ଅବଶ୍ୟ ଆତ୍ମସ୍ୱାର୍ଥର ଲୋଭରେ କରିବା ଉଚିତ ନୁହେଁ । ପରମପିତାଙ୍କୁ ଭଲପାଇ ତାଙ୍କ ପଥରେ ଚଳିଲେ, ପରମପିତା ସେମାନଙ୍କ ହାତ ଧରି ଚଳାଇ ନେଇ ମଙ୍ଗଳର କୋଳରେ ସମାସୀନ କରନ୍ତି । ବିଶ୍ୱାସ ଅବିଶ୍ୱାସର କଥା ନାହିଁ । ତାଙ୍କୁ ଦେବା, ଏହି ସୁକେନ୍ଦ୍ରିକ ଆକୃତିରେ ଯାହା ଦେବାର ତାହା ହେବ । ଯେଉଁଥିରେ ସୁକେନ୍ଦ୍ରିକ ହେବ, ଅର୍ଜନ କରିବ ଯାହାପାଇଁ, ଆମର ଆଡ଼ଜେଷ୍ଟମେଣ୍ଟ ସେହିପରି ହେବ । ଆମର ବନ୍ଧୁବାନ୍ଧବ, ପୁଅବୋହୂ, ଆତ୍ମୀୟସ୍ୱଜନ, ଟଙ୍କା-ପଇସା, ପ୍ରବୃତ୍ତି, ଘରସଂସାର, ଯାବତୀୟ ଯାହା କିଛିର ତଦନୁପାତିକ ମିନିଙ୍ଗଫୁଲ ହେବାକୁ ପଡ଼ିବ । ଆମର ଯାହାକିଛି ଦେଇ ତାଙ୍କୁ ଫୁଲଫିଲ କରିବା । ସେ ହିଁ ସର୍ବାଗ୍ରେ, ଆମେ ବି ସେଠାରେ ତଳେଇ ଯାଇଛୁ । ଆମେ ଖାଇବା ଆଗରୁ ତାଙ୍କୁ ନିବେଦନ ମାନେ ଆମେ ଆମର ଜଗତ ନେଇ ତାଙ୍କୁ ମୁଖ୍ୟ କରି ଚଳୁଛୁ । ଦୈନନ୍ଦିନ ଏହି କରିବା ଫଳରେ ଏପରି ଶକ୍ତି ସଞ୍ଚିତ ହୋଇଥାଏ ଯେ, ବିଶେଷ ବିପଦ ଆପଦ ମୁହୂର୍ତ୍ତରେ ତାଙ୍କ ପ୍ରଭାବରେ ସହଜରେ ହିଁ ଆମ୍ଭେମାନେ ବିପଦରୁ ଉତ୍ତୀର୍ଣ୍ଣ ହୋଇପାରୁ । ଇଷ୍ଟାନୁଗ ଚଳନରେ ଆୟୁର ଅପବ୍ୟୟ ହୁଏ କମ୍ । ତେଣୁ ମୂଳ ସମ୍ଭାବ୍ୟତାର ପୂର୍ଣ୍ଣ ସୁଯୋଗଟା ପାଇବା ହୁଏ । ଇଷ୍ଟଭୃତି ଯାହାର ଯେପରି କ୍ଷମତା, ସେହିପରି ଭାବେ ଯଦି କରୁ, ତାହା ଆମର ଜୀବନକୁ ବାନ୍ଧି ରଖିବ । ଆପଦ-ବିପଦ ମଧ୍ୟ ଦେଇ ବଞ୍ଚାଇନେଇ ଚାଲିବ ।

*ପ୍ରତିରିତ୍ୱକ ଓ ଅବସର ପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ନାଲି ଚା', ମୁଢ଼ି ଓ ହଜିଯାଇଥିବା ସମୟ

**ମିଲନ କୁମାର ମିଶ୍ର (ଭରଦ୍ୱାଜ)**

ସମୟ କେବଳ କ୍ୟାଲେଣ୍ଡରର ପୃଷ୍ଠା ବଦଳାଏ ନାହିଁ; ସେ ଆମ ଜୀବନର ସ୍ୱାଦ, ସମ୍ପର୍କର ଉଷ୍ମତା ଓ ସ୍ମୃତିର ରଙ୍ଗକୁ ମଧ୍ୟ ବଦଳାଇ ଦିଏ । ଆଜି ଯେତେବେଳେ ସକାଳର ଜଳଖିଆ ମାନେ ପିଜା, ବର୍ଗର, ସ୍ୟାଣ୍ଡୱିଚ୍ କିମ୍ବା ପ୍ୟାକେଟବନ୍ଦ ଖାଦ୍ୟରେ ସୀମିତ ହୋଇଯାଇଛି, ସେତେବେଳେ ଅଜାଣତରେ ମନ ପଚାରି ଉଠେ କୁଆଡ଼େ ଗଲା ସକାଳର ଗରମ ଚା ଓ ମୁଢ଼ିର ଦିନ ସବୁ ।

ସେ ଥିଲା ଏକ ସରଳ, ନିରାଡ଼ମ୍ବର, କିନ୍ତୁ ଅପରିମିତ ଆନନ୍ଦର ସମୟ । ଭୋରର ଶୀତଳ ପବନ, ଅଗଣାର ତୁଳସୀ ଚଉରା, ରୋଷେଇ ଘରୁ ଭାସିଆସୁଥିବା ନାଲି ଚା'ର ସୁଗନ୍ଧ ଆଉ ହାତରେ ଗୋଟିଏ ଥାଳି ପୂର୍ଣ୍ଣ ମୁଢ଼ି । ମୁଢ଼ି କେବଳ ସକାଳର ଜଳଖିଆ ନ ଥିଲା; ଏହା ଥିଲା ଘରର ସ୍ନେହ, ପରିବାରର ଏକତା ଓ ଜୀବନର ସରଳ ସୁଖର ପ୍ରତୀକ ।

ସେହି ସମୟରେ ସକାଳ ଆରମ୍ଭ ହେଉଥିଲା କଥାବାର୍ତ୍ତାରେ । ବାପା ଖବରକାଗଜ ପଢୁଥିଲେ, ମା' ଚା' ବାଣ୍ଟୁଥିଲେ, ଆଇ ଓ ଜେଜେମା ମାନେ ନାତିନାତୁଣୀଙ୍କୁ କାହାଣୀ କହୁଥିଲେ । ଚା'ର କପରୁ ଉଠୁଥିବା ବାଷ୍ପ ସହ ପରିବାରର ହସ ମଧ୍ୟ ଆକାଶକୁ ଉଠୁଥିଲା । ସେତେବେଳେ ମୋବାଇଲ୍‌ର ପରଦା ନଥିଲା, କିନ୍ତୁ ମଣିଷର ମୁହଁରେ ହସ ଥିଲା । ସୋସିଆଲ ମିଡିଆ ନଥିଲା, କିନ୍ତୁ ସାମାଜିକ ସମ୍ପର୍କ ଥିଲା । ଚା'ର ଚୁମୁକ ମଣିଷକୁ ମଣିଷ ସହ ଯୋଡୁଥିଲା ।

ଗାଆଁର ଚା' ଦୋକାନଗୁଡ଼ିକ ଥିଲା ଏକ ପ୍ରକାରର ଲୋକସଭା । ଚାଷୀ, ଶିକ୍ଷକ, ଶ୍ରମିକ, ଛାତ୍ର ସମସ୍ତେ ଏକାଠି ବସି ଚା' ପିଉଥିଲେ, ମୁଢ଼ି ଖାଉଥିଲେ, ଦେଶ-ବିଦେଶର ଖବରଠାରୁ ଆରମ୍ଭ କରି ଗାଁର ସମସ୍ୟା ପର୍ଯ୍ୟନ୍ତ ଆଲୋଚନା କରୁଥିଲେ । ସେଠାରେ ଧନୀ ଗରିବର ଭେଦ ନଥିଲା; ଗୋଟିଏ କପ୍ ନାଲି ଚା ଓ ମୁଠାଏ ମୁଢ଼ି ସମସ୍ତଙ୍କୁ ସମାନ କରି ଦେଉଥିଲା ।

ଆଜି ଆମ ପାଖରେ ଖାଦ୍ୟର ବିକଳ୍ପ ବଢ଼ିଛି, କିନ୍ତୁ ସ୍ୱାଦ କମିଛି । ସୁବିଧା ବଢ଼ିଛି, କିନ୍ତୁ ସମୟ କମିଛି । ଘରେ ସମସ୍ତେ ଅଛନ୍ତି, କିନ୍ତୁ ଏକାଠି ବସି ଚା ପିଇବାର ଅବକାଶ ନାହିଁ । ମୁଢ଼ିର ସ୍ଥାନ ନେଇଛି ମହଙ୍ଗା ପ୍ୟାକେଟ ବନ୍ଦ ଖାଦ୍ୟ ଆଉ କଥାବାର୍ତ୍ତାର ସ୍ଥାନ ନେଇଛି ମୋବାଇଲ୍ ପରଦା । ଫଳରେ ଆମେ ଆଧୁନିକ ହୋଇଛୁ ସତ, କିନ୍ତୁ ଅନେକ ଛୋଟ ଛୋଟ ସୁଖକୁ ହରାଇ ବସିଛୁ ।

ସେତେବେଳେ ଗରମ ଚା' ଓ ମୁଢ଼ି କେବଳ ଗୋଟିଏ ଜଳଖିଆ ନଥିଲା ସେଥିରେ ଥିଲା ଆତ୍ମୀୟତାର ସ୍ୱାଦ, ପରିଶ୍ରମୀ ଜୀବନର ଶକ୍ତି ଓ ଓଡ଼ିଆ ଘରର ସଂସ୍କୃତିର ସୁଗନ୍ଧ । ଅଳ୍ପ ଖର୍ଚ୍ଚରେ ମଧ୍ୟ କିପରି ସନ୍ତୁଷ୍ଟିରେ ବଞ୍ଚିହୁଏ, ତାହାର ଜୀବନ୍ତ ଉଦାହରଣ ଥିଲା ଏହି ସରଳ ଜଳଖିଆ ।

ପ୍ରକୃତରେ, ଯେଉଁ ଦିନଗୁଡ଼ିକୁ ଆମେ ସାଧାରଣ ଭାବି ଅବହେଳା କରିଥିଲୁ, ଆଜି ସେହି ଦିନଗୁଡ଼ିକ ଅସାଧାରଣ ସ୍ମୃତି ହୋଇ ଫେରି ଆସୁଛି । ସମୟ ଆମକୁ ବୁଝାଇ ଦେଇଛି ଯେ ସୁଖ ସବୁବେଳେ ବିଳାସରେ ନଥାଏ; ସେ ଲୁଚି ରହେ ଛୋଟ ଛୋଟ ଅଭ୍ୟାସରେ, ଘରର ସରଳ ରୋଷେଇରେ, ପରିବାର ସହ କାଟିଥିବା କିଛି ମୁହୂର୍ତ୍ତରେ ।

ବେଳେବେଳେ ମନରେ ପ୍ରଶ୍ନ ଆସେ, ଆଧୁନିକତାକୁ ଗ୍ରହଣ କରିବା ସହିତ ଆମେ ଆମର ପୁରୁଣା ଦିନର ସେହି ମିଠା ସ୍ମୃତିକୁ ବଞ୍ଚାଇ ରଖି ପାରନ୍ତେନି ? ସପ୍ତାହରେ ଅତି କମରେ ଗୋଟିଏ ସକାଳ ପରିବାର ସହ ଗରମ ଚା ଓ ମୁଢ଼ି ଖାଇବା, କିଛି ସମୟ କଥା ହେବା ଓ ମୋବାଇଲକୁ ଦୂରେଇ ରଖି ପାରନ୍ତେନି ? କାରଣ ଆସନ୍ତାକାଲି ଆମ ପିଲାମାନେ ମଧ୍ୟ ହୁଏତ ପଚାରିବେ 'କୁଆଡେ ଗଲା ସେହି ସକାଳ, ଯେତେବେଳେ ସମସ୍ତେ ଏକାଠି ବସି ଚା ପିଉଥିଲେ ।

ସମୟର ସ୍ରୋତରେ ଅନେକ କିଛି ବଦଳିଯାଏ, କିନ୍ତୁ ସ୍ମୃତିର ସ୍ୱାଦ କେବେ ବଦଳେ ନାହିଁ । ଆଜି ମଧ୍ୟ କୌଣସି ଘରୁ ଯେତେବେଳେ ଗରମ ଚା'ର ସୁଗନ୍ଧ ଭାସି ଆସେ, ମନର ଭିତରୁ ଗୋଟିଏ ପ୍ରଶ୍ନ ନିରବରେ ଉଠି ଆସେ କୁଆଡ଼େ ଗଲା ସକାଳର ଗରମ ଚା' ଓ ମୁଢ଼ିର ଦିନ ସବୁ ବୋଧହୁଏ ସେମାନେ କେଉଁଠି ହଜି ଯାଇନାହାନ୍ତି; ଆମ ବ୍ୟସ୍ତ ଜୀବନର କୋଳାହଳ ଭିତରେ କେବଳ ଚାପି ହୋଇ ରହିଯାଇଛନ୍ତି ।

ମାର୍ଫତ: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱରପୁର ଶାସନ, କେନ୍ଦୁଝର ବଜାର,
୭୫୮୦୦୨, ମୋ: ୭୦୦୮୨୪୧୨୮୭

# ରାତ୍ରୀକାଳୀନ ଉତ୍ତାପ ହଜାଇ ଦେଉଛି ନିଦ୍ରା

**ସୌଭାଗ୍ୟ ରଞ୍ଜନ ମହାନ୍ତି**



ଜଳବାୟୁ ପରିବର୍ତ୍ତନ ଏବଂ ଏହାର ପ୍ରଭାବ ଏବେ ବିଶ୍ୱବ୍ୟାପୀ ଉଦ୍‌ବେଗର କାରଣ ହୋଇଥିବାବେଳେ ମଣିଷର ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଅବିଶ୍ୱନୀୟ ହୋଇଥିଲେ ମଧ୍ୟ ସତ୍ୟ । ରିପୋର୍ଟରେ କୁହାଯାଇଛି ଯେ, ଜଳବାୟୁ ପରିବର୍ତ୍ତନ ମାନବର ନିଦ୍ରା ହଜାଇ ଦେଇଛି । ବହୁ ଖ୍ୟାତନାମା ନିରପେକ୍ଷ ବୈଜ୍ଞାନିକ ଓ ଭାବବିନିୟମକାରୀ (କମ୍ୟୁନିକେଟର)ଙ୍କୁ ନେଇ ଗଠିତ 'କ୍ଲାଇମେଟ ସେଂଟ୍ରାଲ' ନାମକ ଏକ ସଂଗଠନ ପକ୍ଷରୁ ନିକଟରେ ପ୍ରକାଶିତ ସଦ୍ୟତମ ରିପୋର୍ଟରେ ଏହି ଚାଂଚଲ୍ୟକର ତଥ୍ୟ ପ୍ରକାଶ କରିଛି । ସେଂଟ୍ରାଲ କ୍ଲାଇମେଂଟ ବିଶ୍ୱବ୍ୟାପୀ ବହୁ ଉତପ୍ତସ୍ଥାନ ଚିହ୍ନଟ କରିଛି, ଯେଉଁ ସ୍ଥାନଗୁଡିକରେ ଜଳବାୟୁ ପରିବର୍ତ୍ତନ ପ୍ରଭାବରେ ଲୋକଙ୍କ ନିଦ ହଜିଯାଇଛି । ଅର୍ଥାତ ସେଠାରେ ଲୋକଙ୍କ ନିଦ୍ରାର ଅବଧି ହ୍ରାସ ପାଇଛି । ମେଡିକାଲ ସାଇନସ୍‌ର ତଥ୍ୟ ଜଣେ ବ୍ୟକ୍ତି ରାତିରେ ଅତିକମରେ ୬ଘଂଟା ଶୋଇବା ଜରୁରୀ । କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏବେ ନିଦ୍ରାର ଅବଧି ୬ଘଂଟାରୁ କମିବାରେ ଲାଗିଛି । କ୍ଲାଇମେଟ ସେଂଟ୍ରାଲର ଲୋକଙ୍କ ନିଦ ହଜିବା ବା ହ୍ରାସ ପାଇବା ତାଲିକାରେ ଭାରତ ସେମାନଙ୍କ ମଧ୍ୟରେ ନିଦ ହଜିବା ବା ହ୍ରାସ ପାଇବା ତାଲିକାରେ ଭାରତ ସେମାନଙ୍କ ମଧ୍ୟରେ ପ୍ରମୁଖ ସ୍ଥାନରେ ରହିଛି । ରାତ୍ରିକାଳୀନ ତାପମାତ୍ରା ବୃଦ୍ଧି ନିଦ୍ରାହରଣର ମୁଖ୍ୟ କାରଣ ଭାବେ ଉଭା ହୋଇଛି । ରାତିରେ ଶୋଇବା ଲାଗି ଶରୀର ପାଇଁ ଯେତିକି ପରିମାଣର ଥଣ୍ଡା ଆବଶ୍ୟକ, ତାହା ନମଳିବା ଯୋଗୁଁ ଲୋକ ଅନିଦ୍ରାରେ ଛଟପଟ ହେବା ସାର ହେଉଛି । କ୍ଲାଇମେଟ ସେଂଟ୍ରାଲର ରିପୋର୍ଟ ଅନୁଯାୟୀ ୨୦୨୦ରୁ ୨୦୨୫ ମଧ୍ୟରେ ରାତ୍ରିକାଳୀନ ତାପମାତ୍ରା ବୃଦ୍ଧି ଯୋଗୁଁ ଆନ୍ତର୍ଜାତିକ ସ୍ତରରେ ଲୋକାମନେ ବାର୍ଷିକ ହାରାହାରି ୫୬ ଘଂଟା ନିଦ୍ରା ହରାଇଛନ୍ତି । କିନ୍ତୁ ଭାରତରେ ଉଷ୍ମ ଓ ଆଦ୍ର ସ୍ଥାନଗୁଡିକରେ ବସବାସ କରୁଥିବା ଲୋକାମନେ ରାତ୍ରିକାଳୀନ ତାପମାତ୍ରା ଯୋଗୁଁ ବାର୍ଷିକ ହାରାହାରି ୯୦ଘଂଟା ନିଦ୍ରା ହରାଇଥିବା ଅନୁଧ୍ୟାନ ରିପୋର୍ଟରେ କୁହାଯାଇଛି । ବିଶେଷକରି ତାମିଲନାଡୁ, ପୁଡୁଚେରୀ, କେରଳ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଓଡିଶା ସମେତ ବହୁ ରାଜ୍ୟରେ ରାତ୍ରି ତାପମାତ୍ରା ଉଚ୍ଚସ୍ତରରେ ରହୁଥିବାରୁ ଲୋକଙ୍କ ନିଦ୍ରା ବ୍ୟାଘାତ ହେଉଥିବା କୁହାଯାଏ । ଉଲ୍ଲେଖଯୋଗ୍ୟ ଯେ, କ୍ଲାଇମେଟ ସେଂଟ୍ରାଲ ବିଶ୍ୱବ୍ୟାପୀ ୧୩୩୮ଟି ସହରରେ କରିଥିବା ତଥ୍ୟ ସଂଗ୍ରହରୁ ଏହା ଜଣାପଡିଛି । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଦେଶର ଆଇଟି ହବ୍ ଭାବେ ପରିଚିତ ଟୀର ହରିତ ସହର ବେଙ୍ଗାଲୁରରେ ଜଳବାୟୁ ପରିବର୍ତ୍ତନ ରାତ୍ରିକାଳୀନ ନିଦ୍ରା ଉପରେ ଗଭୀର ପ୍ରଭାବ ପକାଇଥିବା ରିପୋର୍ଟରେ କୁହାଯାଇଛି । ବେଙ୍ଗାଲୁରର ବାସିନ୍ଦା ବାର୍ଷିକ ୮ଘଂଟା ନିଦ ହଜାଉଥିବା କୁହାଯାଏ । କୋଲକତା ମଧ୍ୟ ଏହାଠାରୁ ବହୁ ଦୂରରେ ନୁହେଁ । କୋଲକତାରେ ବାର୍ଷିକ ହାରାହାରି ୮୦ ଘଂଟା ମଧ୍ୟରୁ ୫ଜଣ ଲୋକେ ନିଦ୍ରା ହରାଉଛନ୍ତି । ଭୁବନେଶ୍ୱରରେ ମଧ୍ୟ ରାତ୍ରିକାଳୀନ ନିଦ୍ରା ବ୍ୟାଘାତ କିଛି କମ ନୁହେଁ । ଅସହ୍ୟ ଗରମ ଯୋଗୁଁ ରାତିରେ ଗରିବ, ଅସହାୟ ଓ ମଧ୍ୟବିତ ଲୋକମାନେ ଛଟପଟ ହେଉଥିବା କୁହାଯାଇଛି । ରିପୋର୍ଟରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ୭୦ ଦଶକରୁ ଜଳବାୟୁ ପରିବର୍ତ୍ତନରୁ ସ୍ଥିତି ବିଗିଡିବାରେ ଲାଗିଛି । ରାତ୍ରିରେ ତାପମାତ୍ରା ବୃଦ୍ଧି ଓ ଉଚ୍ଚ ଆର୍ଦ୍ରତା ବୃଦ୍ଧି ଏକ ସାଧାରଣ ଘଟଣାରେ ପରିଣତ ହୋଇଛି । ତେବେ ସହରାଚଂଳ ତୁଳନାରେ ଗ୍ରାମାଚଂଳରେ ରାତ୍ରୀକାଳୀନ ଉଷ୍ମତାର ଆପାତତଃ କମ୍ ରହିଛି । ସହରାଚଂଳରେ କଂକ୍ରିଟ ନିର୍ମାଣ, ପିଚୁ, ଦିନରେ କାଚଦ୍ୱାରା ଅବଶୋଷିତ ଉତ୍ତାପ ସୂର୍ଯ୍ୟାସ୍ତ ପରେ ଧୀରେ ଧୀରେ ନିର୍ଗତ ହେବା ଯାନବାହାନକରୁ ନିର୍ଗତ ଧୂଆଁ, ଏବଂ ବୃକ୍ଷ ତଥା ବନାନୀ ହ୍ରାସ ରାତ୍ରି କାଳୀନ ଉତାପ ବୃଦ୍ଧିର କାରଣ ବୋଲି କୁହାଯାଏ । ଏହା ସତ ଯେ ନିଦ୍ରା ହେଉଛି ଏକ ଜୈବିକ (ବାୟୋଲୋଜିକାଲ) ଆବଶ୍ୟକତା । ଯାହାକି ମଣିଷ ଶରୀରରେ ପ୍ରତିରୋଧ କ୍ଷମତା, ହୃଦୟ ସଂକ୍ରାନ୍ତ ସ୍ୱାସ୍ଥ୍ୟ, ହଜମକ୍ରୀୟା, ବୌଦ୍ଧିକଶକ୍ତି ଏବଂ ଭାବନାତ୍ମକ ଶକ୍ତି ବୃଦ୍ଧି କରିଥାଏ । ଯେତେବେଳେ ଶରୀର ଉତାପ ଛାଡିପାରେ ନାହିଁ, ସେତେବେଳେ ଅନିଦ୍ରା ରହିବା ସାର ହୋଇଥାଏ । ଦେଶରେ ଧନୀକ ତଥା ଉଚ୍ଚ ଆୟବର୍ଗର ଲୋକମାନେ ଘରକୁ ଥଣ୍ଡା ରଖିବା ପାଇଁ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରିଥିବା ବ୍ୟୟଭାର ଦୃଷ୍ଟିରୁ ଗରିବ, ମଧ୍ୟବିତ ତଥା ସ୍ୱଳ୍ପ ଆୟକାରୀମାନେ ଅସୁରକ୍ଷିତ ହୋଇ ରହିଛନ୍ତି । ଏହି ଦୃଷ୍ଟିରୁ ନିଦ୍ରା ଏବେ ବ୍ୟୟବହୁଳ ହୋଇପଡିଛି । ସେହିପରି ନିଦ ହାନୀ ମଧ୍ୟ ମାନବ ସମ୍ବଳ ଓ ଶ୍ରମ କ୍ଷେତ୍ରକୁ ପ୍ରଭାବିତ କରିବାରେ ଲାଗିଛି । ରାତ୍ରି ନିଦ୍ରା ବ୍ୟାଘାତରୁ ଉତ୍ପନ ଆଳସ୍ୟତା ଯୋଗୁଁ ଉତ୍ପାଦନ ହ୍ରାସ ପାଇବାର ମୁଖ୍ୟ କାରଣ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ସମ୍ବିଧାନର ୨୧ ଧାରା ଅନୁସାରେ ନିଦ୍ରାକୁ ସୁପ୍ରିମକୋର୍ଟ ଏକ ମୌଳିକ ଅଧିକାର ଭାବେ ଚିହ୍ନଟ କରିଛନ୍ତି । ରାତ୍ରିକାଳୀନ ବିଶ୍ରାମ ବା ନିଦ୍ରା ଏହି ଅଧିକାରରୁ ପୃଥକ ନୁହେଁ । ତେଣୁ ଜଳବାୟୁ ପରିବର୍ତ୍ତନ ମୁକାବିଲା ପ୍ରତି ଅଗ୍ରାଧିକାର ଦେବାର ସମୟ ଏବେ ଉପନୀତ ।

## ସଂସଦରେ ଅର୍ଥମନ୍ତ୍ରୀଙ୍କ ଘୋଷଣା

# ୟୁନିଫାଏଡ୍ ପେନସନ୍ ଯୋଜନା ହେବନି ପରିବର୍ତ୍ତନ

।। ନୂଆଦିଲ୍ଲୀ ।। ୩ । ୮(ଏଜେନ୍ସି) : ଯଦି ଆପଣ କେନ୍ଦ୍ର ସରକାରଙ୍କ କର୍ମଚାରୀ ଓ ୟୁନିଫାଏଡ୍ ପେନସନ୍ ସ୍କିମ୍ (ୟୁପିଏସ୍)କୁ ନେଇ କୌଣସି ପରିବର୍ତ୍ତନ କିମ୍ବା ବନ୍ଦ ନେଇ ଚିନ୍ତିତ ତେବେ ଏହି ଖବର ଆଶ୍ୱସ୍ତି ଆଣିଦେବ । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲୋକସଭାରେ ସ୍ପଷ୍ଟ ଭାବରେ କହିଛନ୍ତି, ସରକାରଙ୍କ ୟୁନିଫାଏଡ୍ ପେନଶନ୍ ସ୍କିମକୁ ବଦଳାଇ ଏହା ସ୍ଥାନରେ ନୂଆ ଯୋଜନା ଆଣିବାର କୌଣସି ପ୍ରସ୍ତାବ ରଖିନାହାନ୍ତି ଅର୍ଥାତ ବର୍ତ୍ତମାନ ୟୁପିଏସ୍ ପୂର୍ବ ଭଳି ଜାରି ରହିବ । ଆସନ୍ତୁ ବିସ୍ତାରିତ ଭାବରେ ଜାଣିବା ଏହାର ପୁରା ଡିଟେଲ୍ସ ।

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଲିଖିତ ଜବାବ୍‌ରେ କହିଛନ୍ତି ୧୯ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ୧,୧୮,୧୯୫ କର୍ମଚାରୀ ୟୁପିଏସ୍ ବିକଳ୍ପକୁ ଚୟନ କରିଛନ୍ତି । ଏଥିରେ ନୂଆ ନିଯୁକ୍ତ କର୍ମଚାରୀ, ବର୍ତ୍ତମାନର କର୍ମଚାରୀ ଓ ପୂର୍ବରୁ ଅବସରପ୍ରାପ୍ତ କର୍ମଚାରୀ ମଧ୍ୟ ରହିଛନ୍ତି । ସରକାର ଏହି ଯୋଜନା ୧ ଏପ୍ରିଲ ୨୦୨୫ ରୁ ଏନପିଏସ୍ ଅନୁସାରେ, ଏକ ବିକଳ୍ପ ଭାବରେ ଆରମ୍ଭ କରିଥିଲେ । ଏହାର ଉଦ୍ଦେଶ୍ୟ କର୍ମଚାରୀଙ୍କୁ ଅବସର ପରେ ନିଶ୍ଚିତ ମାସିକ ପେନସନ୍ ଦେବା ଓ ଦରଦାମ ବୃଦ୍ଧିର ପ୍ରଭାବରୁ ତାଙ୍କର ଆୟକୁ ସୁରକ୍ଷା ଦେବା । ସରକାରଙ୍କ କହିବା ଅନୁସାରେ,ୟୁପିଏସ୍ ସେହି କର୍ମଚାରୀଙ୍କ ପାଇଁ ରହିଛି, ଯେଉଁମାନେ ରିଟାୟରମେଣ୍ଟ ପରେ ନିଶ୍ଚିତ ପେନସନ୍ ଚାହାନ୍ତି । ଏହା ସହ ଏହି ଯୋଜନା ସରକାରୀ ଆର୍ଥିକ ବ୍ୟବସ୍ଥା ଉପରେ ବଡ଼ ବୋଝ ନପକାଇ ଯୋଗଦାନ ଆଧାରିତ ମଡେଲ ଉପରେ କାମ କରିଥାଏ । ଅର୍ଥମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଯୋଜନା ଲାଗୁ ହେବାର ଏବେ ଏକ ବର୍ଷରୁ ଅଧିକ ସମୟ ହୋଇଛି । ତେଣୁ ସରକାର ଏପର୍ଯ୍ୟନ୍ତ



ଏହାର ପ୍ରଦର୍ଶନରେ କୌଣସି ଔପଚାରିକ ସମୀକ୍ଷା କରିନାହାନ୍ତି ।

ତେବେ ଆସନ୍ତୁ ଜାଣିବା ଏହି ୟୁପିଏସ୍ କ'ଣ । ଏହା ହେଉଛି କେନ୍ଦ୍ର ସରକାରଙ୍କ ଦ୍ୱାରା ସରକାରୀ କର୍ମଚାରୀମାନଙ୍କ ପାଇଁ ଅନୁମୋଦିତ ଏକ ନୂତନ ପେନଶନ୍ ଯୋଜନା, ଯାହା ୧ ଏପ୍ରିଲ ୨୦୨୫ ରୁ ସାରା ଦେଶରେ ଲାଗୁ ହୋଇଛି । ଏହି ଯୋଜନାଟି ପୁରୁଣା ପେନଶନ୍ ଯୋଜନାର ସୁରକ୍ଷା ଏବଂ ନୂତନ ପେନଶନ୍ ଯୋଜନାର ସନ୍ତୁଳନକୁ ନେଇ ପ୍ରସ୍ତୁତ କରାଯାଇଛି, ଯାହା କର୍ମଚାରୀମାନଙ୍କୁ ଏକ ସ୍ଥିର ଓ ନିଶ୍ଚିତ ପେନଶନ୍ ପ୍ରଦାନ କରିଥାଏ । ୟୁପିଏସ୍‌ର ଲାଭ କେବଳ କର୍ମଚାରୀଙ୍କ ପର୍ଯ୍ୟନ୍ତ ସୀମିତ ନୁହେଁ । ୩୧ ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ଏନ୍‌ପିଏସ୍ ଅନୁସାରେ ଅତି କମ୍‌ରେ ୧୦ ବର୍ଷର ନିୟମିତ ସେବା ପୁରା କରି ଅବସର ନେଇଥିବା କର୍ମଚାରୀ ଏହି ଯୋଜନାର ବିକଳ୍ପ ଚୟନ କରିପାରନ୍ତି । କର୍ମଚାରୀ ଅବସର ନେବା ପୂର୍ବରୁ ଶେଷ ୧୨ ମାସର ହାରାହାରି ମୂଳ ଦରମାର ୫୦ ପ୍ରତିଶତ ଅର୍ଥରାଶି ମାସିକ ପେନଶନ୍ ଆକାରରେ ପାଇବେ । ଏଥିପାଇଁ ଅନ୍ୟୁନ ୨୫ ବର୍ଷର ଚାକିରି ଅବଧି ଜରୁରୀ । କମ୍ ବର୍ଷର ଚାକିରି (ସର୍ବନିମ୍ନ ୧୦ ବର୍ଷ) ପାଇଁ ଏହା ଅନୁପାତିକ ହାରରେ ମିଳିବ । ଏହାଛଡା ଏଭଳି କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କର ଆଇନଗତ ଜୀବନସାଥୀ ମଧ୍ୟ ଯୋଜନାର ଲାଭ ନେଇପାରିବେ । କର୍ମଚାରୀଙ୍କ ଦାବି ଉପରେ ୟୁପିଏସ୍ ଚୟନ କରିବାର ଅନ୍ତିମ ତାରିଖ ସରକାର ବଢାଇ ୩୦ ନଭେମ୍ବର ୨୦୨୫ କରି ଦିଆଯାଇଛି । ଏହା ସହ ୟୁପିଏସ୍ ଚୟନ କରୁଥିବା କର୍ମଚାରୀଙ୍କୁ ଗ୍ରାଚୁଇଟି,ମୃତ୍ୟୁ କିମ୍ବା ଦିବ୍ୟାଙ୍ଗ ସ୍ଥିତିରେ ସିସିଏସ୍ ପେନଶନ୍ ନିୟମର ଲାଭ ଓ ଏନ୍‌ପିଏସ୍ ଫେରାଇବାର ବିକଳ୍ପ ମଧ୍ୟ ଦିଆଯାଇଛି । ମୋଟ ଭାବରେ ସରକାର ସ୍ପଷ୍ଟ ସଙ୍କେତ ଦେଇଛନ୍ତି ବର୍ତ୍ତମାନ ୟୁପିଏସ୍ ଜାରି ରଖାଯିବ ଓ ଏଥିରେ ପରିବର୍ତ୍ତନର କୌଣସି ଯୋଜନା ନାହିଁ ।

# ନେପାଳକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବାକୁ ଦାବି ଘୋରଧରିଲା

।। କାଠମାଣ୍ଡୁ ।। ୩ । ୮(ଏଜେନ୍ସି) : ନେପାଳକୁ ପୁଣି ଏକ ବୈଦିକ ସନାତନ ହିନ୍ଦୁ ରାଷ୍ଟ୍ର ଭାବେ ପ୍ରତିଷ୍ଠା କରିବା ଦାବି ତୀବ୍ର ହୋଇଛି । ଏହି ଦାବିରେ ବିଭିନ୍ନ ହିନ୍ଦୁ ସଂଗଠନ ସହ ସାଧାରଣ ଲୋକେ ରବିବାରଠାରୁ ବିଭିନ୍ନ ସ୍ଥାନରେ ରାସ୍ତାକୁ ଓହ୍ଲାଇଛନ୍ତି । ବାଲେନ୍ଦ୍ର ଶାହ ସରକାର ହିନ୍ଦୁ ସମୁଦାୟର ସୁରକ୍ଷା ଓ ସେମାନଙ୍କ ଦାବି ପ୍ରତି ଉଦାସୀନ ରହିଥିବା ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି ।



ସିରାହା ଜିଲ୍ଲାରେ ଲୋକମାନେ ଶାସକ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟିର ସାଂସଦ ବବ୍‌ଲୁ ଗୁପ୍ତାଙ୍କୁ ଘେରାଉ କରି ଜବାବ ମାଗିଛନ୍ତି । ପରିବର୍ତ୍ତନ ଓ ନେପାଳକୁ ପୁଣି ହିନ୍ଦୁ ରାଷ୍ଟ୍ର କରିବା ଆଶାରେ ସେମାନେ ନିଜ ଜନପ୍ରତିନିଧିଙ୍କୁ ସମର୍ଥନ କରିଥିଲେ । କିନ୍ତୁ ସାଂସଦ ଏବେ ହିନ୍ଦୁ ସମୁଦାୟର ସୁରକ୍ଷା ଓ ଅଧିକାର ପକ୍ଷରେ ଖୋଲାଖୋଲି କହୁ ନ ଥିବାରୁ ସେମାନଙ୍କ ଆଶା ଭଙ୍ଗ ହୋଇଥିବା ବିକ୍ଷୋଭକାରୀମାନେ କହିଛନ୍ତି । ଜୁଲାଇ ୨୬ ରାତିରେ ଭାରତ ସୀମାନ୍ତ ସୁନସରୀ ଜିଲ୍ଲାର ଦେୱାନଗଞ୍ଜରେ ଏକ ହିନ୍ଦୁ ଧାର୍ମିକ ଶୋଭାଯାତ୍ରା ବେଳେ ଡିଜେ ବଜାଇବା ଓ ଧାର୍ମିକ ପତାକା ଲଗାଇବାକୁ ନେଇ ଦୁଇ ସମୁଦାୟ ମଧ୍ୟରେ ବିବାଦ ହୋଇଥିଲା । ଏହା ପରେ ବିଭିନ୍ନ ଅଞ୍ଚଳକୁ ହିଂସା ବ୍ୟାପିବାରୁ ଅନ୍ୟୁନ ୩ ଜଣଙ୍କ ମୃତ୍ୟୁ ହେବା ସହ ୨୫ରୁ ଅଧିକ ଆହତ ହୋଇଥିଲେ । ପୁଲିସ ଗୁଳିରେ ସୁନସରୀରେ ୨ ଜଣ ଏବଂ ସିରାହାରେ ହୋଇଥିବା ପରବର୍ତ୍ତୀ ବିକ୍ଷୋଭରେ ଆଉ ଜଣେ ପ୍ରାଣ ହରାଇଥିଲେ । ଏକାଧିକ ସହରରେ କର୍ଫ୍ୟୁ ଜାରି କରାଯିବା ପରେ ହିଂସା ଏବେ ହ୍ରାସ ପାଇଛି ।

ଘଟଣା ପରେ ହିନ୍ଦୁ ସଂଗଠନଗୁଡିକ ସରକାରଙ୍କୁ ୧୫ ଦଫା ଦାବିପତ୍ର ଦେଇଛନ୍ତି । ଦେୱାନଗଞ୍ଜ ହିଂସାର ନିରପେକ୍ଷ ତଦନ୍ତ, ଦୋଷୀ ଓ ଷଡ଼ଯନ୍ତ୍ରକାରୀଙ୍କୁ ତୁରନ୍ତ ଗିରଫ, ତଦନ୍ତ କମିଟି ରିପୋର୍ଟ ସାର୍ବଜନୀନ କରିବା ଏବଂ ଗୁଳିଚାଳନା ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ପରିଚୟ ପ୍ରକାଶ କରି ସେମାନଙ୍କ ବିରୋଧରେ ଆଇନଗତ ପଦକ୍ଷେପ ଏଥିରେ ଅନ୍ତର୍ଭୁକ୍ତ । ସୁରକ୍ଷା ବ୍ୟବସ୍ଥାରେ ଅବହେଳା ପାଇଁ ଦାୟୀ ଅଧିକାରୀଙ୍କୁ ଦଣ୍ଡ, ମୃତକଙ୍କୁ ସହିଦ ମାନ୍ୟତା, ପରିବାରକୁ କ୍ଷତିପୂରଣ ଏବଂ ଆହତଙ୍କ ମାଗଣା ଓ ଉନ୍ନତ ଚିକିତ୍ସା ପାଇଁ ମଧ୍ୟ ଦାବି କରାଯାଇଛି । ବୌଦ୍ଧ ଓ କିରାତ ପରମ୍ପରାର ସମ୍ମାନ ଅକ୍ଷୁଣ୍ଣ ରଖି ନେପାଳକୁ 'ବୈଦିକ ସନାତନ ହିନ୍ଦୁ ରାଷ୍ଟ୍ର' ଭାବେ ପୁନଃପ୍ରତିଷ୍ଠା ପାଇଁ ସଂସଦରେ ପ୍ରସ୍ତାବ ଆଣିବାକୁ ସଂଗଠନଗୁଡିକ ଦାବି କରିଛନ୍ତି । ଏଥିସହ ରୋହିଙ୍ଗ୍ୟା, ବାଂଲାଦେଶୀ ଓ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରି ବହିଷ୍କାର କରିବା, ସୀମା ସୁରକ୍ଷାକୁ ଦୃଢ କରିବା ଏବଂ ୧୯୯୦ ପରେ ଦିଆଯାଇଥିବା ନେପାଳୀ ନାଗରିକତାର ଯାଞ୍ଚ ପାଇଁ କୁହାଯାଇଛି । ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ କିନ୍ତୁ ହିନ୍ଦୁ ରାଷ୍ଟ୍ର ପୁନଃପ୍ରତିଷ୍ଠା ଦାବିକୁ ସମର୍ଥନ କରିନାହାନ୍ତି । ହିନ୍ଦୁ ରାଷ୍ଟ୍ର ସହ ରାଜତନ୍ତ୍ର ପ୍ରତ୍ୟାବର୍ତ୍ତନ ପ୍ରସଙ୍ଗ ଯୋଡିହୋଇଥିବାରୁ ଏହା ଦେଶର ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କରିବ ବୋଲି ସେ କହିଛନ୍ତି । ତାଙ୍କ ସରକାର ସଂଘୀୟ ବ୍ୟବସ୍ଥାକୁ ଦୃଢ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ଶାହ ସ୍ପଷ୍ଟ କରିଛନ୍ତି ।

# ଯୌନ ନିର୍ଯାତନା ମାମଲାରେ ବ୍ରିଜଭୂଷଣ ନିର୍ଦ୍ଦୋଷରେ ଖଲାସ

।। ନୂଆଦିଲ୍ଲୀ ।। ୩ । ୮(ଏଜେନ୍ସି) : ମହିଳା କୁସ୍ତିଯୋଦ୍ଧାଙ୍କ ଯୌନ ନିର୍ଯାତନା ମାମଲାରେ ପୂର୍ବତନ ଭାରତୀୟ କୁସ୍ତି ମହାସଂଘ ସଭାପତି ଓ ପୂର୍ବତନ ସାଂସଦ ବ୍ରିଜଭୂଷଣ ଶରଣ ସିଂହଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି । ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ସୋମବାର ତାଙ୍କୁ ସମସ୍ତ ଅଭିଯୋଗରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଏହି ମାମଲାରେ ସହ-ଅଭିଯୁକ୍ତ ତଥା ପୂର୍ବତନ କୁସ୍ତି ମହାସଂଘ ସଚିବ ବିନୋଦ ତୋମରଙ୍କୁ ମଧ୍ୟ କୋର୍ଟ ଦୋଷମୁକ୍ତ କରିଛନ୍ତି ।



୨୦୨୩ ମସିହାରେ ଅନ୍ତର୍ଜାତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ, ସାକ୍ଷୀ ମଲିକ ଓ ଅନ୍ୟ କେତେକ ମହିଳା କୁସ୍ତିଯୋଦ୍ଧା ବ୍ରିଜଭୂଷଣ ଶରଣ ସିଂହଙ୍କ ବିରୋଧରେ ଯୌନ ନିର୍ଯାତନା, ମାନସିକ ଉତ୍ପୀଡ଼ନ ଏବଂ ଅପରାଧିକ ଧମକ ଦେବା ଭଳି ଗୁରୁତର ଅଭିଯୋଗ ଆଣିଥିଲେ । ଏହାକୁ ନେଇ ଦେଶବ୍ୟାପୀ ଚର୍ଚ୍ଚା ସହ କୁସ୍ତିଯୋଦ୍ଧାଙ୍କ ଦୀର୍ଘ ଆନ୍ଦୋଳନ ମଧ୍ୟ ହୋଇଥିଲା । ମାମଲାର ଶୁଣାଣି ସମୟରେ ବ୍ରିଜଭୂଷଣ ଶରଣ ସିଂହ ଓ ବିନୋଦ ତୋମର କୋର୍ଟରେ ଉପସ୍ଥିତ ଥିଲେ । ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ କୋର୍ଟ ୨ ଜୁଲାଇ ୨୦୨୬ରେ ରାୟ ସଂରକ୍ଷିତ ରଖିଥିଲେ । ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ୍ ଅଶ୍ୱିନୀ ପନୱାର ଶେଷରେ ଉଭୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଜାନୁଆରୀ ୨୦୨୩ରେ ଏହି ମାମଲା ସାମ୍ନାକୁ ଆସିଥିବା ବେଳେ ବ୍ରିଜଭୂଷଣ ୨୦ ଜୁଲାଇ ୨୦୨୩ରୁ ନିୟମିତ ଜାମିନରେ ରହିଥିଲେ । ୧୦ ମେ ୨୦୨୪ରେ ଦିଲ୍ଲୀ ପୋଲିସର ଚାର୍ଜସିଟ୍ ଆଧାରରେ କୋର୍ଟ ଅଭିଯୋଗ ଗଠନ କରିବା ପରେ ବିଚାର ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଏହି ମାମଲାରେ ମୋଟ ୧୨୭ଟି ଶୁଣାଣି ହୋଇଥିଲା । ରାୟ ପରେ ବ୍ରିଜଭୂଷଣ ଶରଣ ସିଂହ କହିଛନ୍ତି, ଯେଉଁଦିନ ମୋ ବିରୋଧରେ ଅଭିଯୋଗ ଆସିଥିଲା, ସେହିଦିନ ମୁଁ କହିଥିଲି ଯେ ଯଦି ଗୋଟିଏ ବି ଅଭିଯୋଗ ସତ ପ୍ରମାଣିତ ହୁଏ, ତେବେ ମୁଁ ଖୁସିରେ ଫାଶୀରେ ଝୁଲିପଡ଼ିବି । ଆଜି କୋର୍ଟ ମୋତେ ସମ୍ମାନର ସହ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

## କେରଳରେ ବର୍ଷା ଓ ବନ୍ୟାର ତାଣ୍ଡବ

# ୧୫ ମୃତ, ୭ ନିଖୋଜ

।। ତିରୁବନନ୍ତପୁରମ ।। ୩ । ୮(ଏଜେନ୍ସି) : କେରଳରେ ବର୍ଷାଜନିତ ଘଟଣାରେ ମୃତ୍ୟୁ ସଂଖ୍ୟା ୧୫କୁ



ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଭିଡି ସତୀସନ୍ ସୋମବାର କହିଛନ୍ତି । ସାତ ଜଣ ଏବେବି ନିଖୋଜ ଅଛନ୍ତି । କୋଟ୍ଟାୟମ ଜିଲ୍ଲାରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ରିପୋର୍ଟ ହୋଇଛି, ଯେଉଁଥିରେ ପୁଞ୍ଜାର ବିଧାନସଭା ନିର୍ବାଚନମଣ୍ଡଳୀର ଦୁଇଜଣ ଓ ପାଣି ଟାଙ୍କିରେ ପଡ଼ି ବୁଡ଼ି ଯାଇଥିବା ଜଣେ ଶିଶୁ ସାମିଲ ଅଛନ୍ତି ।

ଏର୍ଣ୍ଣାକୁଲମରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଇଡୁକ୍କି ଓ ମୁଭାଟ୍ଟୁପୁଝାରେ ଜଣେ ଲେଖାଏଁଙ୍କର ମୃତ୍ୟୁ ହୋଇଛି । କୋଲ୍ଲମରେ ଦୁଇଜଣ, ମାଲାପ୍ପୁରମରେ ଚାରି ଜଣ, କନ୍ନୁରରେ ଜଣେ ଓ କୋଝିକୋଡରେ ଜଣେ ପ୍ରାଣ ହରାଇଛନ୍ତି । ସାତ ଜଣ ଏବେବି ନିଖୋଜ ଅଛନ୍ତି । କୋଲ୍ଲମରେ ଦୁଇଜଣ, କନ୍ନୁରରେ ଦୁଇଜଣ, ମାଲାପ୍ପୁରମରେ ଜଣେ ଏବଂ ଇଡୁକ୍କି ଏବଂ ମୁଭାଟ୍ଟୁପୁଝାରେ ଜଣେ ନିଖୋଜ ଅଛନ୍ତି ବୋଲି ସତୀସନ୍ କହିଛନ୍ତି ।

ସୋମବାର ସକାଳ ୯ଟା ସୁଦ୍ଧା ରାଜ୍ୟରେ ୩୧୬ଟି ରିଲିଫ୍ ଶିବିର କାର୍ଯ୍ୟ କରୁଛି, ବର୍ଷା ଓ ବନ୍ୟା ଯୋଗୁଁ ବିସ୍ଥାପିତ ୧୧,୦୧୮ ଜଣଙ୍କୁ ଆଶ୍ରୟ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ରାଜ୍ୟର ବନ୍ୟା ପରିସ୍ଥିତିର ସମୀକ୍ଷା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସୋମବାର ଓ ଆସନ୍ତା ୬ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି ଓ ଏହି ସମୟରେ ୪୦-୫୦ କିଲୋମିଟର ବେଗରେ ପବନ ବହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଉତ୍ତର କେରଳ ଉପକୂଳରେ ୨.୭ ରୁ ୩.୫ ମିଟର ଉଚ୍ଚ ଜୁଆର ଉଠିବା ନେଇ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର ସତର୍କ କରାଇଛି ଓ ମତ୍ସ୍ୟଜୀବୀ ତଥା ଉପକୂଳବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି ।

## ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି

# ରାଜ୍ୟ ଗୁଡିକର ଏଫଆଇଆର ପ୍ରତ୍ୟାହାର କରିବାର ସ୍ୱାଧୀନତା ଅଛି କିନ୍ତୁ ଗୁରୁତର ଅପରାଧୀଙ୍କୁ ଆଶ୍ୱସ୍ତି ମିଳିବ ନାହିଁ

।। ନୂଆଦିଲ୍ଲୀ ।। ୩ । ୮(ଏଜେନ୍ସି) : କକ୍ରୋଚ୍ ଜନତା ପାର୍ଟି(ସିଜେପି) ପ୍ରତିବାଦ ସମୟରେ ଘଟିଥିବା ହିଂସା ସମ୍ପର୍କିତ ଆବେଦନଗୁଡ଼ିକର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି । ପୂର୍ବ ଆଦେଶକୁ ସଂଶୋଧନ କରି ଶୀର୍ଷକୋର୍ଟ କହିଛନ୍ତି ଯେ, ଗମ୍ଭୀର ଅପରାଧର ଅଭିଯୁକ୍ତମାନଙ୍କୁ କୌଣସି ଆଶ୍ୱସ୍ତି ମିଳିବ ନାହିଁ । ରାଜ୍ୟଗୁଡ଼ିକର



ମାମଲା ପ୍ରତ୍ୟାହାର କରିବାର ସ୍ୱାଧୀନତା ରହିବ, ଅର୍ଥାତ୍ ସେମାନେ ପ୍ରତିବାଦକାରୀଙ୍କ ବିରୋଧରେ ମାମଲା ଶେଷ କରିପାରିବେ କିମ୍ବା ପ୍ରତ୍ୟାହାର କରିପାରିବେ । ଏହାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୧୯ ତାରିଖରେ ଅନୁଷ୍ଠିତ ହେବ ।

ଯେଉଁମାନଙ୍କ ବିରୋଧରେ ସାମାନ୍ୟ ଅଭିଯୋଗ ଅଛି କିମ୍ବା ରାଜନୈତିକ କାରଣରୁ ପ୍ରତିବାଦ କରୁଛନ୍ତି ସେମାନେ ଆଶ୍ୱସ୍ତି ପାଇବେ । କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହଟା କହିଛନ୍ତି ଯେ ସରକାର ପ୍ରତିବାଦକାରୀଙ୍କ ବିରୋଧରେ ଏଫଆଇଆର ଦାଖଲ କରିବା ସମ୍ପର୍କରେ ତାଙ୍କର ପୂର୍ବ ପ୍ରତିଶ୍ରୁତି ଅନୁସାରେ ସମ୍ପୂର୍ଣ୍ଣ ଭାବରେ ଦୃଢ ନିଶ୍ଚୟ ଅଛନ୍ତି । ସୁପ୍ରିମକୋର୍ଟ ତାଙ୍କ ୨୮ ଜୁଲାଇ ଆଦେଶକୁ ସ୍ପଷ୍ଟ କରି କହିଛନ୍ତି ଯେ ଦିଲ୍ଲୀ ଏବଂ ଅନ୍ୟ ଯେକୌଣସି ରାଜ୍ୟ ପ୍ରତିବାଦକାରୀଙ୍କ ବିରୋଧରେ ଦାୟର ହୋଇଥିବା ଏଫଆଇଆରକୁ ବନ୍ଦ କିମ୍ବା ପ୍ରତ୍ୟାହାର କରିପାରିବେ ।

# ଗୁପ୍ତଚରୀ ଅଭିଯୋଗରେ ଇରାନରେ ୨ ଜଣଙ୍କୁ ମୃତ୍ୟୁଦଣ୍ଡ

।। ତେହେରାନ ।। ୩ । ୮(ଏଜେନ୍ସି) : ଆମେରିକା ଏବଂ ଇସ୍ରାଏଲ ସହିତ ଚାଲିଥିବା ଯୁଦ୍ଧ ମଧ୍ୟରେ ଇସ୍ରାଏଲର ମୋସାଦ ଗୁପ୍ତଚର ସଂସ୍ଥା ପାଇଁ ଗୁପ୍ତଚରୀ କାର୍ଯ୍ୟ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଜଣଙ୍କୁ ସୋମବାର ଇରାନ ଫାଶୀ ଦେଇଛି ବୋଲି ଦେଶର ନ୍ୟାୟପାଳିକା କହିଛି । ସରକାରୀ ଆଇଆରଏନଏ ନ୍ୟୁଜ୍ ଏଜେନ୍ସି ଅନୁଯାୟୀ, ନ୍ୟାୟପାଳିକା ସେମାନଙ୍କୁ ଓମିଦ୍ ବେହଜାଦ୍ ଏବଂ ପୋରିଆ ସଫଭାତ୍ ଭାବରେ ଚିହ୍ନଟ କରିଛି । ସେମାନେ ଗୁପ୍ତଚରୀ ଏବଂ ଦେଶଦ୍ରୋହ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିଲେ । ନ୍ୟାୟପାଳିକା କହିଛି ଯେ



ଏହି ଦୁଇଜଣ ୧୩ ଜୁନ୍ ୨୦୨୫ରେ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଏବଂ ୨୮ ଫେବ୍ରୁଆରି ୨୦୨୬ରେ ଆମେରିକା ଏବଂ ଇସ୍ରାଏଲ ମିଳିତ ଆକ୍ରମଣ ସମୟରେ ମୋସାଦ ଅଧିକାରୀମାନଙ୍କୁ ଇରାନୀ ସାମରିକ ଏବଂ ସୁରକ୍ଷା ସ୍ଥାନ ବିଷୟରେ ସମନ୍ୱୟ, ଫଟୋଗ୍ରାଫ୍ ଏବଂ ସୂଚନା ଯୋଗାଇଥିବା ଅଭିଯୋଗରେ ସେମାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ ।

# ବିଶ୍ୱର ୧୦ ଧନୀ ନେତାଙ୍କ ତାଲିକାରେ ପୁଟିନ୍ ଏକ ନମ୍ବର

।। ନୂଆଦିଲ୍ଲୀ ।। ୩ । ୮(ଏଜେନ୍ସି) : ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରମୁଖ୍ୟଙ୍କ ଏକ ନୂତନ ତାଲିକା ପ୍ରକାଶ ପାଇଛି, ଯେଉଁଥିରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବିଶ୍ୱର ସବୁଠାରୁ ଧନୀ ରାଷ୍ଟ୍ରପତି ବୋଲି ଦର୍ଶାଯାଇଛି । ଆଶ୍ଚର୍ଯ୍ୟଜନକ ଭାବରେ, ଆମେରିକା ରାଷ୍ଟ୍ରପତିଙ୍କ ଠାରୁ ସାଉଦି ଯୁବରାଜ ଏବଂ ବ୍ରୁନେଇର ସୁଲତାନ ପର୍ଯ୍ୟନ୍ତ ଅନ୍ୟ କେହି ତାଙ୍କ ନିକଟତର ହୋଇନାହାଁନ୍ତି ।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜକୁ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ବ୍ୟକ୍ତି ବୋଲି କୁହନ୍ତି, କିନ୍ତୁ ଗୋଟିଏ ଦୃଷ୍ଟିରୁ, ସେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଠାରୁ ବହୁତ ପଛରେ ଅଛନ୍ତି । ତାହା ହେଉଛି ସମ୍ପତ୍ତି । ଟ୍ରମ୍ପ ହୁଏତ ଏକ ପାରିବାରିକ ବ୍ୟବସାୟର ମାଲିକ ହୋଇଥିବେ, ଏବଂ ତାଙ୍କର ସମଗ୍ର ପରିବାର ଏବେ ବି ବ୍ୟବସାୟରେ ଜଡିତ । କିନ୍ତୁ ପୁଟିନଙ୍କ ସମ୍ପତ୍ତି ଟ୍ରମ୍ପଙ୍କ ସମଗ୍ର ପରିବାରର ମିଳିତ ରୋଜଗାର ଅପେକ୍ଷା ଅନେକ ଗୁଣ ଅଧିକ ।

ଯଦିଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସମ୍ପତ୍ତି ସର୍ବଦା ଏକ ରହସ୍ୟ ହୋଇ ରହିଛି । ତାଙ୍କର ସମ୍ପତ୍ତି କେବେବି ସରକାରୀ ଭାବରେ ପ୍ରକାଶ କରାଯାଇନାହିଁ । ତଥାପି, ଡିସେମ୍ବର ୨୦୨୫ ରେ ଆମେରିକୀୟ ନିବେଶକ ବିଲ୍ ବ୍ରାଉଡରଙ୍କ ଦ୍ୱାରା କରାଯାଇଥିବା ଏକ ଦାବି ଅନୁସାରେ, ପୁଟିନଙ୍କ ମୋଟ ସମ୍ପତ୍ତି ପ୍ରାୟ ୨ଶହ ବିଲିୟନ ଡଲାର କିମ୍ବା ପ୍ରାୟ ୧୭.୪ ଲକ୍ଷ କୋଟି ହୋଇପାରେ । ଯଦିଓ ପୁଟିନଙ୍କ ବିଷୟରେ ଏହି ଦାବିକୁ ଲଗାତାର ଭାବରେ ଅସ୍ୱୀକାର କରିଆସିଛି, ବିଲ୍ ବ୍ରାଉଡରଙ୍କ ଉଦ୍ଧୃତିରେ ଏହି ସୂଚନା ବିଶ୍ୱର ସବୁଠାରୁ ବିଶ୍ୱସ୍ତ ପତ୍ରିକା ମଧ୍ୟରୁ ଗୋଟିଏ ଭାବରେ ବିବେଚିତ ପ୍ରସିଦ୍ଧ ପତ୍ରିକା ଫର୍ଚ୍ଚୁନରେ ପ୍ରକାଶିତ ହୋଇଥିଲା ।

ଏହି ବିଶ୍ୱ ନେତାମାନେ କେବଳ ସେମାନଙ୍କର ରାଜନୈତିକ ଶକ୍ତି ପାଇଁ ନୁହେଁ ବରଂ ସେମାନଙ୍କର ସମ୍ପତ୍ତି ପାଇଁ ମଧ୍ୟ ଖବରରେ ଅଛନ୍ତି, ଯାହା କୋଟି କୋଟି ଡଲାରରେ ପହଞ୍ଚିଛି । ସେମାନଙ୍କ ମଧ୍ୟରେ, କେତେକ ଲୋକ ବ୍ୟବସାୟରୁ ପ୍ରଚୁର ସମ୍ପତ୍ତି ଅର୍ଜନ କରିଛନ୍ତି, ଯେତେବେଳେ କେତେକ ରାଜ ପରିବାରରୁ ଆସିଛନ୍ତି ଏବଂ ଉତ୍ତରାଧିକାରୀ ଭାବରେ ପ୍ରଚୁର ସମ୍ପତ୍ତି ପାଇଛନ୍ତି ।

## ତେଜିଲା କାବେରୀ ପାଣି କଳି

# କର୍ଣ୍ଣାଟକ ବିରୋଧରେ ସୁପ୍ରିମକୋର୍ଟ ଗଲେ ବିଜୟ

।। କର୍ଣ୍ଣାଟକ ।। ୩ । ୮(ଏଜେନ୍ସି) : କର୍ଣ୍ଣାଟକା ବିରୋଧରେ ସୁପ୍ରିମକୋର୍ଟରେ ପହଞ୍ଚିଛି ତାମିଲନାଡୁ । ନିର୍ଦ୍ଦେଶ ସତ୍ତ୍ୱେ କାବେରୀ ପାଣି ଛାଡୁନି କର୍ଣ୍ଣାଟକା । ତାମିଲନାଡୁ ଭାଗର ପାଣି ରାଜ୍ୟକୁ ମିଳୁନି । କାବେରୀ ଜଳ ପରିଚାଳନା ପ୍ରାଧିକରଣ(ସିଡବ୍ଲୁଏମଏ) ଓ କାବେରୀ ଜଳ ନିୟନ୍ତ୍ରଣ କମିଟିର ନିର୍ଦ୍ଦେଶକୁ କର୍ଣ୍ଣାଟକା ଅଣଦେଖା କରୁଥିବା ଅଭିଯୋଗ କରି ମୁଖ୍ୟମନ୍ତ୍ରୀ ବିଜୟଙ୍କ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଛି ।

ତାମିଲନାଡୁ ସରକାର ସୋମବାର ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟଙ୍କ ନିର୍ଦ୍ଦେଶରେ ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଛନ୍ତି । କାବେରୀ ଜଳ ପରିଚାଳନା କର୍ତ୍ତୃପକ୍ଷଙ୍କ ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ କର୍ଣ୍ଣାଟକା ସରକାର ତାମିଲନାଡୁକୁ ନିଜ ଭାଗର କାବେରୀ ଜଳ ଛାଡୁ ନଥିବା ଆବେଦନରେ ଦର୍ଶାଯାଇଛି । ଜୁଲାଇ ୨୮ରେ ଅନୁଷ୍ଠିତ କାବେରୀ ଜଳ ନିୟନ୍ତ୍ରଣ କମିଟିର ୧୩୯ତମ ବୈଠକରେ କାବେରୀ ନଦୀ ଅବବାହିକାର ଜଳବିଜ୍ଞାନ ଓ ପାଣିପାଗ ପରିସ୍ଥିତିର ସମୀକ୍ଷା କରାଯାଇଥିଲା । କମିଟି କର୍ଣ୍ଣାଟକକୁ ଜୁଲାଇ ୨୯ରୁ ଅଗଷ୍ଟ ୧୨ ପର୍ଯ୍ୟନ୍ତ ୧୫ ଦିନ ଧରି ପ୍ରତି ସେକେଣ୍ଡରେ ୩,୫୦୦ କ୍ୟୁସେକ୍ ଜଳ ବିଲିଗୁଣ୍ଡଲୁ ଠାରେ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲା । କୃଷ୍ଣରାଜ ସାଗର ଓ କବିନୀ ଜଳଭଣ୍ଡାରରୁ ଏହି ପାଣି ଛାଡ଼ିବାକୁ କୁହାଯାଇଥିଲା ।



ପରେ ଜୁଲାଇ ୩୦ରେ କାବେରୀ ଜଳ ପରିଚାଳନା ପ୍ରାଧିକରଣର ୫୪ତମ ଜରୁରୀ ବୈଠକରେ ମଧ୍ୟ ଏହି ନିଷ୍ପତ୍ତିକୁ ସମର୍ଥନ କରାଯାଇଥିଲା । ବର୍ଷା ଓ ଜଳ ଉପଲବ୍ଧତାର ସମୀକ୍ଷା ପରେ ପ୍ରାଧିକରଣ ପାଣି ଛାଡିବାକୁ ନିର୍ଦ୍ଦେଶ ଜାରି କରିଥିଲା । କିନ୍ତୁ ତାମିଲନାଡୁ ସରକାର ଅଭିଯୋଗ କରିଛନ୍ତି ଯେ ଜୁଲାଇ ୨୯ରୁ ଅଗଷ୍ଟ ୨ ମଧ୍ୟରେ ବିଲିଗୁଣ୍ଡଲୁରେ ପହଞ୍ଚିଥିବା ଜଳର ପରିମାଣ ପ୍ରତି ସେକେଣ୍ଡ ପିଛା ମାତ୍ର ୧୫୮ରୁ ୫୫୦ କ୍ୟୁସେକ୍ ମଧ୍ୟରେ ଥିଲା । ଏହା ନିର୍ଦ୍ଦିଷ୍ଟ ୩,୫୦୦ କ୍ୟୁସେକ୍ ଠାରୁ ବହୁତ କମ୍ । ତାମିଲନାଡୁ କହିଛି ଯେ କର୍ଣ୍ଣାଟକାର ଜଳଭଣ୍ଡାରଗୁଡ଼ିକରେ ପର୍ଯ୍ୟାପ୍ତ ଜଳ ଉପଲବ୍ଧ ଥିବାରୁ ନିର୍ଦ୍ଦେଶ ପାଳନରେ କୌଣସି ବାଧା ନଥିଲା । ଅଗଷ୍ଟ ୩ ସୁଦ୍ଧା କୃଷ୍ଣରାଜ ସାଗରରେ ୨୩.୦୭୮ ଟିଏମସି, କବିନୀରେ ୧୮.୬୧୦ ଟିଏମସି, ହରଙ୍ଗୀରେ ୭.୮୨୭ ଟିଏମସି ଓ ହେମାବତୀରେ ୨୮.୦୨୨ ଟିଏମସି ଜଳ ଗଚ୍ଛିତ ହୋଇ ରହିଛି ।

ଏହି ୪ଟି ଜଳଭଣ୍ଡାରରେ ମୋଟ ୭୭.୫୩୭ ଟିଏମସି ଜଳ ରହିଥିବା ବେଳେ ସେଥିରୁ ୬୭.୫୧୭ ଟିଏମସି ବ୍ୟବହାର ଯୋଗ୍ୟ ଜଳ ବୋଲି ତାମିଲନାଡୁ ସରକାର ନିଜ ଆବେଦନରେ ଦର୍ଶାଇଛନ୍ତି । ତାମିଲନାଡୁର ଯୁକ୍ତି ହେଉଛି ଯେ ଅନୁପାତିକ ଜଳ ବଣ୍ଟନ ନୀତି ଅନୁସାରେ ବିଲିଗୁଣ୍ଡଲୁରେ ସେମାନଙ୍କୁ ୨୬.୯୫୪ ଟିଏମସି ଜଳ ମିଳିବା କଥା । କିନ୍ତୁ ବର୍ତ୍ତମାନ ସମୟରେ ପ୍ରାଧିକରଣ କେବଳ ୪.୫୩୬ ଟିଏମସି ଜଳ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲା । ତଥାପି କର୍ଣ୍ଣାଟକା ସେହି ନିର୍ଦ୍ଦେଶ ଅନୁସାରେ ପାଣି ଛାଡି ନାହିଁ । କୃଷ୍ଣରାଜ ସାଗର ଓ କବିନୀ ଜଳଭଣ୍ଡାର ଅଞ୍ଚଳରେ ପ୍ରବଳ ବର୍ଷା ହେଉଥିବାରୁ ସେଠାରେ ଜଳ ପ୍ରବାହ ଯଥେଷ୍ଟ ବଢ଼ିଛି ବୋଲି ମଧ୍ୟ ତାମିଲନାଡୁ ସରକାର କହିଛନ୍ତି ।

## ୟୁପିଆଇରେ ନୂଆ ରେକର୍ଡ

# ୨୯.୮୮ ଲକ୍ଷ କୋଟିର ନେଣଦେଣ ସହ ରଚିଲା ଇତିହାସ

।। ନୂଆଦିଲ୍ଲୀ ।। ୩ । ୮(ଏଜେନ୍ସି) : ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ରେ ଜୁଲାଇରେ ୨୩୬୬ କୋଟି ସଂଖ୍ୟକ ଟ୍ରାଞ୍ଜାକ୍ସନ ସହ କୌଣସି ମାସରେ ନେଣଦେଣର ନୂଆ ରେକର୍ଡ ହାସଲ ହୋଇଛି । ଏହାର ମୋଟ ମୂଲ୍ୟ ୨୯.୮୮ ଲକ୍ଷ କୋଟି ଟଙ୍କା ରହିଥିବା ନ୍ୟାସନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ସୂଚନା ଦେଇଛି । ଜୁନ୍ ମାସ ତୁଳନାରେ ଜୁଲାଇର ଟ୍ରାଞ୍ଜାକ୍ସନ ସଂଖ୍ୟାରେ ୪.୧% ଏବଂ ମୂଲ୍ୟରେ ୩.୩% ବୃଦ୍ଧି ପରିଲକ୍ଷିତ ହୋଇଛି । କ୍ୟାଶ ଫ୍ରି ପେମେଣ୍ଟସର ସହପ୍ରତିଷ୍ଠାତା ରିଜୁ ଦତ୍ତ କହିଛନ୍ତି, ଏହି ଅଭିବୃଦ୍ଧି ସମ୍ପୂର୍ଣ୍ଣ ଭାବେ ବ୍ୟବସ୍ଥିତ ଢଙ୍ଗରେ ରହିଛି । ଗତ ବର୍ଷ ଜୁଲାଇକୁ ଦେଖିଲେ ନେଣଦେଣ ମୂଲ୍ୟ ୧୯% ବଢିଛି ।ପେନିୟରବାଏର ପ୍ରତିଷ୍ଠାତା ଆନନ୍ଦ କୁମାର ବଜାଜ କହିଛନ୍ତି, ମେଟ୍ରୋ ସହର ବାଦ ଏବେ ଟିୟର ୨, ଟିୟର ୩ ଏବଂ ଗ୍ରାମାଞ୍ଚଳ ବଜାରରେ ୟୁପିଆଇ ଦୈନନ୍ଦିନ ନେଣଦେଣରେ ଏକ ପ୍ରମୁଖ ସ୍ଥାନରେ ରହିଛି । ଖାଉଟିମାନେ ସ୍ଥାନିୟ ବଜାରରେ କିଣାକିଣି, ରିଚାର୍ଜ, ବିଲ୍ ପେମେଣ୍ଟସ, ଟଙ୍କା ପଠାଇବା ଲାଗି ୟୁପିଆଇର




ବ୍ୟବହାର କରୁଛନ୍ତି । ଏହାର ବ୍ୟାପକତା ଏବଂ ଭରସା ମଧ୍ୟ ବଢିଛି ।

# ଆରଡ଼ିରେ କଡ଼ା ସୁରକ୍ଷା ବ୍ୟବସ୍ଥା: ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଭଦ୍ରକ, ୩।୮ (ଜାଓ): ପ୍ରସିଦ୍ଧ ବାବା ଆଖଣ୍ଡଳମଣିଙ୍କ ପୀଠ ଆରଡ଼ିରେ ଆଜି ଅନୁଷ୍ଠିତ ହେଉଥିବା ଶ୍ରାବଣୀ ମହୋତ୍ସବ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନର ବନ୍ୟା ପରିସ୍ଥିତି ସତ୍ତ୍ୱେ ଏପର୍ଯ୍ୟନ୍ତ ପ୍ରାୟ ୨୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେଇଛି। ତେବେ ସନ୍ଧ୍ୟା ସୁଧା ଶ୍ରଦ୍ଧାଳୁଙ୍କ ସଂଖ୍ୟା ଆହୁରି ବଢ଼ିପାରେ ।





ଶାନ୍ତିଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ ପରିଚାଳନା ପାଇଁ ପୁଲିସର ୧୨ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ସମ୍ଭାବ୍ୟ ଜରୁରୀ ପରିସ୍ଥିତି ଓ ବନ୍ୟାଜନିତ ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫର ୨ଟି ୟୁନିଟ୍‌ର ୭ଟି ଟିମ୍ ସଜାଗ ରହିଛନ୍ତି। ଅଗ୍ନିଶମ ଓ ଜରୁରୀକାଳୀନ ସେବା ବିଭାଗର ୨ଟି ଟିମ୍ ଫାୟାର ଟେଣ୍ଡର ସହ ମୁତୟନ ହୋଇଛନ୍ତି।

ସ୍ୱାସ୍ଥ୍ୟ ସେବା ପାଇଁ ମନ୍ଦିର ପରିସରରେ ଏକ ମେଡିକାଲ୍ ଟିମ୍ ନିୟୋଜିତ ହୋଇଥିବା ବେଳେ ଜରୁରୀକାଳୀନ ରୋଗୀ ପରିବହନ ପାଇଁ ଏକ ଆମ୍ବୁଲାନ୍ସ ମୁତୟନ କରାଯାଇଛି। ଆରଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖାଯାଇଛି।

ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ନିଃଶୁଳ୍କ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ ସୁନିଶ୍ଚିତ କରାଯାଇଛି।

ଯାଜପୁର-ଆରଡ଼ିକୁ ସଂଯୋଗ କରୁଥିବା କଇଁଆଙ୍ଗୋଳା–ଆରଡ଼ି ରାସ୍ତା ବନ୍ୟା କ୍ଷତି ଯୋଗୁଁ ସାମୟିକ ଭାବେ ବନ୍ଦ ରହିଛି। ଏନ୍‌ଏଚ୍-୨୦ କର୍ତ୍ତୃପକ୍ଷ ପକ୍ଷରୁ ମରାମତି କାର୍ଯ୍ୟ ଚାଲିଥିବା ବେଳେ ଶ୍ରଦ୍ଧାଳୁମାନଙ୍କୁ ବିକଳ୍ପ ରାସ୍ତା ବ୍ୟବହାର କରିବାକୁ ଅନୁରୋଧ କରାଯାଇଛି। ସେହିପରି ସୁରକ୍ଷା ଦୃଷ୍ଟିରୁ ସନ୍ଧ୍ୟା ୬ଟା ପରଠାରୁ ସମସ୍ତ ୩ଟି ଘାଟକୁ ସମ୍ପୂର୍ଣ୍ଣ ବନ୍ଦ ରଖାଯିବ ଏବଂ ଏହାକୁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯାଇଛି।

# ଭାରତୀୟ ଗ୍ରାମୀଣ ଡାକ କର୍ମଚାରୀ ସଂଘର ଦ୍ୱିତୀୟବାର୍ଷିକ ନିର୍ବାଚନ ଅନୁଷ୍ଠିତ



ଫୁଲବାଣୀ, ୩।୮ (ଜାଓ): ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଡାକ ବିଭାଗ ବୌଦ୍ଧ କନ୍ଧମାଳ ଡିଭିଜନର ଭାରତୀୟ ଗ୍ରାମୀଣ ଡାକ କର୍ମଚାରୀ ସଂଘ ଗ୍ରୁପ ସି'ର ଦ୍ୱିବାର୍ଷିକ ନିର୍ବାଚନ ବାଲିଗୁଡା ଠାରେ ଅନୁଷ୍ଠିତ ହୋଇଯାଇଛି । ଡାକ କର୍ମଚାରୀ ସଂଘର ରାଜ୍ୟ ସଂଯୋଜକ ରାଜକିଶୋର ମହାପାତ୍ର ଓ ବ୍ରହ୍ମପୁର ସର୍କଲ ଉପ ସଚିବ କେଦାରନାଥ ଶତପଥିଙ୍କ ଉପସ୍ଥିତିରେ ସଭାପତି ବାଳକୃଷ୍ଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୌଦ୍ଧ କନ୍ଧମାଳ ବିଭାଗ ସ୍ତରୀୟ ଅଧିବେଶନରେ କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟ କର୍ମକର୍ତ୍ତା ମାନେ ଆଲୋଚନା କରିଥିଲେ। ଡାକ କର୍ମଚାରୀ ସଂଘ ଭାରତୀୟ ମଜଦୁର ସଂଘ ସହ ଅନୁବନ୍ଧିତ ହେବା ସମ୍ପର୍କରେ ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ। ଡାକ କର୍ମଚାରୀଙ୍କ ଦୀର୍ଘ ଦିନର ସମସ୍ୟା ପୂରଣ ଦିଗରେ ବିଏମଏସର ସହଯୋଗ ରହିବ ବୋଲି ରାଜ୍ୟ ସଂଘ ସଚିବ ଗୋପିନାଥ କର ତାଙ୍କ ବକ୍ତବ୍ୟରେ ସୂଚନା ଦେଇଥିଲେ।

ଭାରତୀୟ ମଜଦୂର ସଂଘର ଇତିହାସ ସହ ରାଷ୍ଟ୍ରହିତ, ଉଦ୍ୟୋଗ ହିତ ଓ ଶ୍ରମିକ ହିତକୁ ଗୁରୁତ୍ୱ ଦେବା ବିଏମ ଏସର ଧର୍ମ ବୋଲି ଭାରତୀୟ ମଜଦୂର ସଂଘର ଜିଲା ସଭାପତି ଅଶୋକ ପରିଡା ସୂଚନା ଦେଇଥିଲେ। ବୌଦ୍ଧ କନ୍ଧମାଳ ବିଭାଜନର ସମସ୍ତ ଗ୍ରାମୀଣ ଡାକ କର୍ମଚାରୀମାନଙ୍କୁ ଭାରତୀୟ ଡାକ କର୍ମଚାରୀ ସଂଘରେ ସାମିଲ କରିବାକୁ ଶ୍ରୀପରିଡା ଉପସ୍ଥିତ ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ। ସଂଘର ସମସ୍ତ ସଦସ୍ୟ କିଭଳି ବଞ୍ଚିତ ହୋଇଥିବା ସୁବିଧା ସୁଯୋଗ ପାଇବେ, କାର୍ଯ୍ୟର ସମୟ ସୀମା ବୃଦ୍ଧି, ନିଜ ପିଲାଙ୍କ ଶିକ୍ଷାବୃତ୍ତି ଇତ୍ୟାଦି ପାଇଁ ସଂଘ ଦୃଷ୍ଟି ଦେବ ବୋଲି ଉପସଚିବ କେଦାର ନାଥ ଶତପଥି ସୂଚନା ଦେଇଥିଲେ। ବୌଦ୍ଧ କନ୍ଧମାଳ ଭାରତୀୟ ଡାକ କର୍ମଚାରୀ ସଂଘର ସମ୍ପାଦକ ଅଚ୍ୟୁତାନନ୍ଦ ପଲିଆ ସଂଘ ଶକ୍ତି ହିଁ ଆଜିର ଶ୍ରେଷ୍ଠ ଶକ୍ତି ବୋଲି ଅଭିହିତ କରିଥିଲେ। ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋଚନା ପରେ ଦ୍ୱିବାର୍ଷିକ ନିର୍ବାଚନ ରାଜ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଗାମୀ ଦୁଇ ବର୍ଷ ପାଇଁ ଅନୁଷ୍ଠିତ ହୋଇ ଥିଲା। ସର୍ବସମ୍ମତି କ୍ରମେ ବାଳକୃଷ୍ଣ ସାହୁ ସଭାପତି, ଶେଷଦେବ ସାହୁ ଉପ ସଭାପତି, ଲଳିତ ମୋହନ ରଣା ବିଭାଗ ସମ୍ପାଦକ, ଅଭିନାଶ ଚାନ୍ଦ, ଅଜିତ ପଣ୍ଡା ଓ ଅଭିମନ୍ୟୁ ଦନ୍ତା ସହ ସମ୍ପାଦକ, ରାଜେନ୍ଦ୍ର ନାରାୟଣ ଭୋଇ ସଂଗଠନ ସମ୍ପାଦକ ଶବିର କୁମାର ଦଳବେହେରା କୋଷାଧକ୍ଷ ଓ ଅନିର୍ବାଣ ନିଷଙ୍କ ଅଡିଟର ଭାବେ ମନୋନୀତ ହୋଇଥିଲେ।ଏହି ଅବସରରେ ସଂଘର ବାବୁଲି ଦୋରାଙ୍କ ସମେତ କନ୍ଧମାଳ ଓ ବୌଦ୍ଧର ବହୁ ଗ୍ରାମୀଣ ଡାକସେବକ ଅଧିବେଶନରେ ଯୋଗ ଦେଇଥିଲେ। ନବ ନିର୍ବାଚନ ସଂପାଦକ ଲଳିତ ମୋହନ ରଣା ଭୁବନେଶ୍ୱର ଓ ବ୍ରହ୍ମପୁରରୁ ଆସିଥିବା ସଂଯୋଜକ, ସଚିବ ଓ ଉପସଚିବ ସୂଚାରୁ ରୂପେ ନିର୍ବାଚନ କରିଥିବାରୁ ଧନ୍ୟବାଦ ସହ ଶୁଭେଚ୍ଛା ଜଣାଇ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶାମୁକ୍ତ ଭାରତ ଗଠନରେ ଯୁବା ଶକ୍ତିର ଭୂମିକା ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ





ଫୁଲବାଣୀ, ୩।୮ (ଜାଓ): ମାଇ ଭାରତ କନ୍ଧମାଳ ତରଫରୁ ନିଶା ମୁକ୍ତ ଭାରତ ଗଠନ ରେ ଯୁବା ଶକ୍ତିର ଭୂମିକା ସଂକଳ୍ପ କାର୍ଯ୍ୟକ୍ରମ ନର୍ସିଂ କଲେଜ ଫୁଲବାଣୀ ଠାରେ ଅନୁଷ୍ଠିତ୍ ହୋଇ ଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବରେ ବିଏସସି ନର୍ସିଂ କଲେଜର ଅଧ୍ୟକ୍ଷ କମଳା ଦେଇ ଯୋଗ ଦେଇଥିବା ବେଳେ ସନମାନିତ ଅତିଥି ଭାବରେ ମିତାଞ୍ଜଳି ରଥ, ନିବେଦିତା ପଟ୍ଟନାୟକ ଏବଂ ମାଇ ଭାରତ ଫୁଲବାଣୀର ଜିଲ୍ଲା ଯୁବ ଅଧିକାରୀ ପ୍ରଶାନ୍ତ କୁମାର ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇ ଥିଲେ । ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଦୁଇ ଶହରୁ ଉର୍ଦ୍ଧ ଯୁବକ ଯୁବତୀ ଅଂଶ ଗ୍ରହଣ କରିଥଲେ । ଏହି କାର୍ଯ୍ୟ କ୍ରମ୍ ଭାରତରେ ଦଶ ହଜାର ସ୍ଥାନରେ ଦୂରଦର୍ଶନ ମାଧ୍ୟମରେ ସିଧା ପ୍ରସାରଣ ହୋ ଇ ଥିଲା । ଏହି କାର୍ଯ୍ୟ କ୍ରମ୍ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲାଇଭ ଟେଲିକଷ୍ଟ ସିଧା ପ୍ରସାରଣ ହୋଇ ଥିଲା । ପ୍ରଧାନ ମନ୍ତ୍ରୀ ନିଶା ମୁକ୍ତି ଭାରତ ଗଠନ ଯୁବା ଶକ୍ତିର ଭୂମିକା ସଂକଳ୍ପ ଅଭିଯାନ ର ମହତ୍ତ୍ୱ ବିଷୟରେ ଅବଗତ କରି ଥିଲେ । ବୈଠକରେ ମାଇ ଭାରତ ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳ ବେହେରା ମୁଖ୍ୟ ଅତିଥି ସମ୍ମାନୀତ ଅତିଥି ଓ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ମିତାଞ୍ଜଳି ରଥ ଧନ୍ୟ ବାଦ ଅର୍ପଣ କରି ସଭା ସାଙ୍ଗ କରିଥଲେ ।

# ବିଧାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ

ଝାରସୁଗୁଡା, ୩।୮(ଜାଓ): ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ନିର୍ବାଚନ ମଣ୍ଡଳୀର ଲଇକେରା ଓ କିର୍ମିରା ବ୍ଲକ ଗସ୍ତ କରି ବହୁଗୁଡ଼ିଏ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ବିଧାୟକ ତ୍ରିପାଠୀ ଲଇକେରା ବ୍ଲକର ଗଞ୍ଜୁଡ଼ିହି ଠାରୁ ନୂଆଡ଼ିହି ଭାୟା ଦର୍ଘ ପଡା ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ, ନାୟକ ବନ୍ଧପାଲି ସ୍ଥିତ ଫୁଲକୋବି ଛକ ଠାରୁ ହାତୀଆନାଳା ଡ୍ୟାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସହ ଲଇକେରା କଲେଜ ଛକ ଠାରୁ ଭାୟା ଆରଡ଼ି ରାସ୍ତା ଦେଇ ପାନପାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ର ଶୁଭ ଦେଇଛନ୍ତି ଓ ଠିକ ସେହିପରି କିର୍ମିରା ବ୍ଲକର ହଣ୍ଡାତୁପାରୁ ଖରିଆକାନୀ ରାସ୍ତା, ଭଉରା ଆରଡ଼ି ରାସ୍ତାରୁ ଲୁହୁରପଡା ପର୍ଯ୍ୟନ୍ତ ଏବଂ କିର୍ମିରା ପାୱାର ଗ୍ରୀଡ଼ ଠାରୁ ନକ୍ସାପାଲି ଭାୟା ମାଲୁପଡା ଓ ସୋମାପଡା ପର୍ଯ୍ୟନ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓ ଏହି ଅବସରରେ ବିଧାୟକ ତ୍ରିପାଠୀ ଗ୍ରାମାଂଚଳରେ ଉନ୍ନତ ରାସ୍ତା ଓ ସୁଦୃଢ଼ ଯୋଗାଯୋଗ ବ୍ୟବସ୍ଥା ଯୋଗୁଁ ଅଂଚଳବାସୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ ଓ ଯାହାଫଳରେ ଅଂଚଳର ବିକାଶ ହେବ ଓ ଏହାସହ ଏହି ପ୍ରକଳ୍ପ ମାଧ୍ୟମରେ ଅଂଚଳବାସୀଙ୍କ ଯାତାୟାତ ସୁବିଧା ବଢ଼ିବା ସହିତ ସ୍ଥାନୀୟ ବିକାଶକୁ ମଧ୍ୟ ନୂତନ ଗତି ମିଳିବ ବୋଲି ମତ ଦେଇଥିଲେ ଓ ଅନୁଷ୍ଠିତ ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଲେଙ୍କା, ଲାଇକେରାଓ କିର୍ମିରା ବିଡ଼ିଓ, ପାକେଲପଡା ମଣ୍ଡଳ ସଭାପତି କୁଳମଣି କିସାନ, ସାହସପୁର ସରପଂଚ ସୁକାନ୍ତି ଜୟପୁରିଆ, ଲଇକେରା ମଣ୍ଡଳ ସଭାପତି ଦ୍ୱିତୀୟା ଓରାମ, ବିଜୟ ଶର୍ମା ପ୍ରମୁଖଙ୍କ ସମେତ ବହୁ ସଂଖ୍ୟାରେ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ସମ୍ମିଳନୀରେ ରାଜ୍ୟ ସାରା ପାଚିକାଙ୍କୁ ସରକାରଙ୍କ ଚରମ ଅବହେଳା



ସାନଖେମୁଣ୍ଡି, ୩।୮ (ଜାଓ) : ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ବୁଧେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବିଜୁ ଶ୍ରମିକ ସାମୁଖ୍ୟ ସହ ବନ୍ଧିତ ନିଖିଳ ଓଡିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ସାନଖେମୁଣ୍ଡି ବ୍ଲକ ସମ୍ମିଳନୀରେ ରାଜ୍ୟ ସାରା ପାଚିକା ଙ୍କୁ ସରକାରଙ୍କ ଚରମ ଅବହେଳାକୁ ରାଜ୍ୟ ସଙ୍ଘ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ତୀବ୍ର ପ୍ରତିବାଦ କରିଛନ୍ତି । ବହୁ ଚେଷ୍ଟା ଅନୁରୋଧ ପରେ ମଧ୍ୟ ସରକାର ନିଜ ଘୋଷିତ ପ୍ରତିଶ୍ରୁତି ଯାହାକି ପ୍ରାଥମିକ ଶିକ୍ଷା ରେ ଦୀର୍ଘ ୩୦ ବର୍ଷ ଧରି କାମକରି ଆସୁଥିବ ପାଚିକା ମା'ମାନଙ୍କୁ ନିଯୁକ୍ତି ପତ୍ର ଏବଂ ପରିଚୟ ଦେବାକୁ କହିଥିଲେ ମଧ୍ୟ ଉକ୍ତ ପତ୍ର ନଦେଇ ସାମ୍ବିଧାନିକ ଆଇନ ଗତ ଅଧିକାର ଠାରୁ ଦୂରେଇ ରଖିଛନ୍ତି ! ସେହି ଭଳି ଦୈନିକ ଛ' ଘଣ୍ଟା ରୁ ଅଧିକ ବିଦ୍ୟାଳୟ ର କାର୍ଯ୍ୟ କରି ଆସୁଥିବା ପାଚିକା ମା'ମାନଙ୍କ ଦୈନିକ ପାରିଶ୍ରମିକ ମାତ୍ର ୧୦୦ଟଙ୍କା ନିର୍ଦ୍ଧାରିତ ସରକାରୀ ଶ୍ରମ କୋଡ଼ ତଥା ସାମ୍ବିଧାନିକ ଅଧିକାର ର ଖୋଲା ଉପହାସ ପାଇଁ ଶ୍ରୀ ସ୍ୱାଇଁ କ୍ଷୋଭ ପ୍ରକାଶ କରିଛନ୍ତି । ତୁରନ୍ତ ସରକାର ମା'ମାନଙ୍କ ପୂର୍ବରୁ ପ୍ରଦତ୍ତ ସାତ ଦଫା ଦାବି ମାନିନେବାକୁ ଦାବି ଜଣାଇଛନ୍ତି । ବ୍ଲକ ସଭାନେତ୍ରୀ ନର୍ମଦା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ସମ୍ପାଦିକା ଗାୟତ୍ରୀ ମହାରଣା, ରାଜ୍ୟ ସହ ସମ୍ପାଦିକା ସୁମତି ପାଣିଗ୍ରାହୀ, ଦିଗପହଣ୍ଡି ବ୍ଲକ ସଭାନେତ୍ରୀ ସରସ୍ୱତୀ ମହାରଣା ଙ୍କ ସମେତ ୫୦୦ଉର୍ଦ୍ଧ୍ୱ ପାଚିକା ମା ସମ୍ମିଳନୀରେ ନିଜର ହକ ପାଇଁ ସରକାରଙ୍କୁ ନିଜ ଦାବୀ ଜଣାଇଛନ୍ତି ।

# ବନ୍ୟାପୀଡ଼ିତଙ୍କ ପାଖରେ ପହଞ୍ଚିଲା ଉତ୍କଳମଣି ସେବା ସଂଘ

ଭଦ୍ରକ, ୩।୮(ଜାଓ): ଭଦ୍ରକ ଜିଲ୍ଲା ଅଧିନ ତିହିଡି ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳମଣି ସେବା ସଂଘ ବନ୍ୟା ବିପର୍ଯ୍ୟୟ ମଧ୍ୟରେ ମାନବସେବାର ଏକ ପ୍ରେରଣାଦାୟକ ଉଦାହରଣ ସୃଷ୍ଟି କରିଛି । ସଂଘର ସ୍ୱେଚ୍ଛାସେବୀମାନେ ନୂଆସାହି, ସଦର ବଳିଆ, ସାଟିଉଟି, ବଙ୍ଗାଳିପଡ଼ା, ବଙ୍ଗାଳି ଦପା ସମେତ ବିଭିନ୍ନ ବନ୍ୟାପ୍ରଭାବିତ ଓ ଦୁର୍ଗମ ଅଂଚଳକୁ ପ୍ରାୟ ୧୬ କିଲୋମିଟର ପାଦରେ ଅତିକ୍ରମ କରି ଅସହାୟ ପରିବାରମାନଙ୍କ ନିକଟରେ ପହଂଚିଥିଲେ ।ସେମାନଙ୍କୁ ଚୁଡ଼ା, ମୁଢ଼ି, ବିସ୍କୁଟ, ଚିନି ଶୁଖିଲା ଖାଦ୍ୟ ସହିତ ଓ.ଆର.ଏସ୍., ପାନୀୟ ଜଳ, ମହମବତୀ, ଦିଆସିଲି ଭଳି ଅତ୍ୟାବଶ୍ୟକ ସାମଗ୍ରୀ ବଂଟନ କରାଯାଇଥିଲା। ବନ୍ୟା କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଅଂଚଳରେ ପହଂଚି ଉତ୍କଳମଣି ସେବା ସଂଘର ସ୍ୱେଚ୍ଛା ସେବୀମାନେ ଲୋକଙ୍କ ସୁବିଧା ଅସୁବିଧା ବୁଝି ସେମାନଙ୍କୁ ଆବଶ୍ୟକ ସହଯୋଗ ଯୋଗାଇଥିଲେ ।ଏହି ସେବା କାର୍ଯ୍ୟରେ ସଂଘର ସଭାପତି ଖଗେଶ୍ୱର ତ୍ରିପାଠୀ, କୋଷାଧକ୍ଷ ରବୁ ସଲିମ୍, ବିପ୍ଳବ ସାହୁ, ତୁଷାର ନାୟକ, ଆୟୁଷ ରାଉଳ, ମୃତ୍ୟୁଞ୍ଜୟ ମଲ୍ଲିକ, ଶୁଭମ ପାତ୍ର ଓ ସାଦିକ ଖାନ୍ ପ୍ରମୁଖ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ବନ୍ୟା ବିପତି ସମୟରେ ଉତ୍କଳମଣି ସେବା ସଂଘର ଏହି ନିଷ୍ପାପର ସେବାକୁ ସ୍ଥାନୀୟ ଅଂଚଳବାସୀ ଉଚ୍ଚ ପ୍ରଶଂସା କରିଥିବା ଜଣାପଡ଼ିଛି।

# ପାଣି ଛାଡ଼ିଲା, ଦୁର୍ଦ୍ଦଶା ବଢ଼ିଲା, ଖରିଫ ଧାନ ଚାଷ ନଷ୍ଟ

ଭଦ୍ରକ, ୩।୮(ଜାଓ): ବୈତରଣୀ ଓ ଏହାର ଶାଖା ନଦୀଗୁଡ଼ିକରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଜଳ ଧୀରେ ଧୀରେ ବାହାରି ଯାଉଥିଲେ ହେଁ ଧାମନଗର ଅଂଚଳରେ ବିପତିର କରାଳ ଛାୟା ଏବେ ବାସ୍ତବ ରୂପ ନେଇଛି। ବନ୍ୟା ପାଣି କମିବା ପରେ କ୍ଷତିର ଚିତ୍ର ସାମ୍ନାକୁ ଆସିଛି, ଯାହା ଗ୍ରାମୀଣ ଅର୍ଥନୀତି ଓ ଜନଜୀବନକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି। ଧାମନଗର ବ୍ଲକର ପ୍ରାୟ ୯୦ ପ୍ରତିଶତ ଚାଷଜମି ଏଥର ବନ୍ୟା ଜଳରେ ବୁଡ଼ି ରହିଥିଲା। ମୁସ୍ତଫାପୁର, ଗୌଡବିଶି, ନୂଆପଡ଼ା, ଖଡ଼ିପଦା, କୋରକଦା, କରଦା, ସୋହଡ଼ା, ପଧାନି, ଆନନ୍ଦପୁର, ରାଧାବଲ୍ଲଭପୁର, ଧୁଷୁରୀ ଓ ଧାମନଗର ସମେତ ୩୦ଟି ଯାକ ପଞ୍ଚାୟତର ଚାଷଜମିରେ ପାଣି ମାଡ଼ି ଯାଇଥିଲା। ଚଳିତ ବର୍ଷ ବିଳମ୍ବରେ ମୌସୁମୀ ବର୍ଷା ହୋଇଥିବାରୁ ଜୁଲାଇ ଦ୍ୱିତୀୟ ସପ୍ତାହ ବେଳକୁ ଚାଷୀମାନେ ବିହନ ତଳି ପକାଇଥିଲେ। ସମ୍ପ୍ରତି ତଳି ଉପୁଡ଼ା ଓ ରୁଆପୋତା କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ମଙ୍ଗଳବାର ଆସିଥିବା ହଠାତ୍ ବନ୍ୟା ସବୁକିଛି ଭସାଇ ନେଇଛି। ଉପୁଡ଼ା ତଳି ଭାସିଯାଇଥିବା ବେଳେ ରୁଆ ହୋଇଥିବା ଧାନଗଛ ପଚିଯାଇଛି। ୫ ଦିନ ଧରି ତଳିପଟାଳି ପାଣିରେ ବୁଡ଼ି ରହିବାରୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଋଣ କରି ଚାଷ କରିଥିବା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେହିପରି କଂଟାପାରୀ, ପାହାଡ଼ପୁର, କୋରକଦା, ନନ୍ଦିପୁର, ପଧାନି, ଅସୁରାଳି ଓ ପାଳସାହି ଆଦି ନଦୀକୂଳିଆ ଅଂଚଳରେ ହୋଇଥିବା ବାଇଗଣ, କାଙ୍କଡ଼, ଭେଣ୍ଡି ଓ ଲଙ୍କା ପରିବା ଚାଷ ନାଳିପାଣି ଓ କାଦୁଅ ଯୋଗୁଁ ଶୁଖି ମରିଯାଇଛି। ଅପରପକ୍ଷେ, ସୋହଡ଼ା, ବାଲିପଡ଼ା, ଦୋବଲ, ଖଡ଼ିପଦା ଛକ ବଜାରରେ ଥିବା ଝାଟିମାଟି ଦୋକାନଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ହସନାବାଦ ପଂଚାୟତର ଗୋପବନ୍ଧୁନଗର ଓ ଅନଳଡିହ ଗାଁରେ ଘର ଭିତରେ ପାଣି ପଶିଯିବାରୁ ଲୋକେ ଛାତ ଉପରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ। ହଠାତ୍ ପାଣି ମାଡ଼ି ଆସିବାରୁ ଘରକରଣା ଜିନିଷ, ଲୁଗାପଟା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସହ ଛାତ୍ରଛାତ୍ରୀଙ୍କ ବହିପତ୍ର ଭାସିଯାଇଛି। ନଡ଼ା ଗଦି ଓ ଶୁଖିଲା ଘାସ ନଷ୍ଟ ହୋଇଯିବାରୁ ଦଳାଙ୍ଗ, କଂଟିଦୋଳ, ପଧାନି ଅଂଚଳରେ ଲୋକେ ଗୃହପାଳିତ ପଶୁଙ୍କୁ ନଦୀବନ୍ଧରେ ଜରିପାଲ ତଳେ ରଖିଛନ୍ତି। ବ୍ୟବସ୍ଥାଗତ ତ୍ରୁଟି ଯୋଗୁଁ ସମୟରେ ଗୋ-ଖାଦ୍ୟ ପହଂଚି ପାରିନାହିଁ। ଦୂଷିତ ପାଣି ପିଇ ଗୋରୁଗାଈଙ୍କ ମଧ୍ୟରେ ଚରମା, ଫୁଟ-ଏଣ୍ଡ-ମାଉଥ୍ ଓ ଦେହରେ ଚକଡ଼ା ଚକଡ଼ା ଫଳିଯାଉଥିବା ଦେଖାଦେଇଛି। କୁକୁଡ଼ା ଫାର୍ମ ଓ ମାଛ ପୋଖରୀ ଭାସିଯିବାରୁ ବ୍ୟାପକ କ୍ଷତି ଘଟିଛି। ଗଛଲତା ପଚି ଦୁର୍ଗନ୍ଧ ବାହାରୁଥିବାରୁ ଡେଙ୍ଗୁ, ମ୍ୟାଲେରିଆ, ଜଣ୍ଡିସ ଓ ଚର୍ମରୋଗ ବ୍ୟାପିବା ଆଶଙ୍କା ଦେଖାଦେଇଛି। ଖଡ଼ିପଦା-ଆନନ୍ଦପୁର ରାସ୍ତା, ଧାମନଗର-କ୍ଷେଣ୍ଡପୁର, ଧାମନଗର-ଫଳପୁର (ରାମେଶ୍ୱରପୁର ଗେଟ୍), ବିରୁହାଁ-ଜାହାଙ୍ଗୀର, ସୋହଡ଼ା-ପଧାନି, ଧାମନଗର-କୋଠାର, ଧୁଷୁରୀ-ଆଖଣ୍ଡଳମଣି ଓ ଗୋହିରାଟିକିରି-କାଞ୍ଜିଆପାଳ ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇ ବିପଜ୍ଜନକ ହୋଇପଡ଼ିଛି। କଂକ୍ରିଟ ତଳୁ ମାଟି ଖସିଯିବାରୁ ବାଇକ୍ ଆରୋହୀ ଦୁର୍ଘଟଣାର ଶିକାର ହେଉଛନ୍ତି। ବନ୍ୟା ପରବର୍ତ୍ତୀ ସ୍ଥିତି ଓ ସରକାରୀ ସାହାଯ୍ୟ ଅଭାବକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶାସନ ଉପରେ ବର୍ଷିଛନ୍ତି। ଧାମନଗର ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରମେଶ ବେହେରା କହିଛନ୍ତି 'ଚଳିତ ବନ୍ୟାର ମୁକାବିଲାରେ ଏ ସରକାର ପୂରା ବିଫଳ। ଅନେକ ସ୍ଥାନରେ ବନ୍ୟାବିପନ୍ନଙ୍କୁ କୌଣସି ସରକାରୀ ସାହାଯ୍ୟ ମିଳିନାହିଁ। ଗୋଟିଏ ୫ ଟଙ୍କିଆ ବିସ୍କୁଟ୍ ପ୍ୟାକେଟ୍ ଓ ୨୦୦ ଗ୍ରାମ୍ ଚୁଡ଼ାରେ କ'ଣ ଲୋକ ବଂଚିବେ ! ଏ ବନ୍ୟାରେ କେବଳ ଭଗବାନଙ୍କ ଦୟାରୁ ଲୋକେ ବଂଚିଗଲେ। ସେହିପରି ପୂର୍ବତନ ବିଜେଡି ବ୍ଲକ ସଭାପତି ଉମେଶ ମହାନ୍ତି ପ୍ରଶାସନିକ ଅବହେଳାକୁ ସାମ୍ନାକୁ ଆଣି କହିଛନ୍ତି 'ଏଥର ଯେଉଁ ବନ୍ୟା ହେଲା, ପ୍ରଶାସନ ଆଗୁଆ ପଦକ୍ଷେପ ନ ନେବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଲେ। ବନ୍ୟାର ୬ ଦିନ ବିତିଯାଇଥିଲେ ବି ପ୍ରଶାସନ କୌଣସି ଠୋସ୍ ପଦକ୍ଷେପ ନେଇପାରିଲା ନାହିଁ। ବନ୍ୟାବିପନ୍ନମାନେ ଏବେ ହାହାକାର ଅବସ୍ଥାରେ ଅଛନ୍ତି।'

# ପଛୁଆ ବର୍ଗ କମିଶନ ଗଠନ ନେଇ ଓବିସି ଫୋରମ୍‌ର ଦାବି

ଜୟପୁର, ୩।୮(ଜାଓ): ରାଜ୍ୟରେ ତୁରନ୍ତ ପଛୁଆ ବର୍ଗ କମିଶନ ଗଠନ କରିବାକୁ ଦାବି କରିଛି ଓବିସି ଫୋରମ୍। ଏନେଇ ଏକ ବୈଠକ ଜୟପୁର ଠାରେ ଆୟୋଜିତ ହୋଇଥିବାବେଳେ ଭାଗ ନେଇଥିବା ବିଭିନ୍ନ ସମାଜର ନେତୃ ମଣ୍ଡଳି ଦାବିକୁ ଦୃଢ଼ ଭାବେ ଉପସ୍ଥାପନ କରିଛନ୍ତି। ସ୍ଥାନୀୟ ଯାଦବ ଭବନ ପରିସରରେ ଆୟୋଜିତ ଏହି ବୈଠକ ଯାଦବ ମହାସଭା ସଂପାଦକ ରାଜେନ୍ଦ୍ର କୁମାର ଗୌଡ଼ଙ୍କ ସଂଯୋଜନାରେ ଆୟୋଜିତ ହୋଇଥିଲା। ଏଥିରେ ଯାଦବ ମହାସଭା ପକ୍ଷରୁ ସଭାପତି ମଦନ ମୋହନ ନାୟକ, ବାରିକ ସମାଜ ପକ୍ଷରୁ ତୁଳସୀ ବେହେରା, ବଢ଼େଇ ସମାଜ ପକ୍ଷରୁ ସାହେବ ମହାରଣା, କାପୁ ସମାଜ ପକ୍ଷରୁ ୱାଇ ପ୍ରସାଦ ପ୍ରମୁଖ ମଂଚାସୀନ ରହି ନିଜ ନିଜ ମତ ରଖିଥିଲେ। ଗତ ୨୦୨୪ ଜାନୁଆରୀ ପହିଲାରୁ ରାଜ୍ୟରେ ପଛୁଆବର୍ଗ କମିଶନଙ୍କ କାର୍ଯ୍ୟକାଳ ଶେଷ ହୋଇଛି, ଫଳରେ ରାଜ୍ୟ ଜନସଂଖ୍ୟାର ଶତକଡ଼ା ୫୨ ଭାଗ ପଛୁଆବର୍ଗ ଜନସାଧାରଣ ନିଜର ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଅସୁବିଧାର ସମ୍ମୁଖିନ ହେଉଥିବା ମତ ପ୍ରକାଶ ପାଇଥିଲା। ତେଣୁ ରାଜ୍ୟ ସରକାର ସେମାନଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ କମିଶନ ଗଠନ କରିବା ଉଚିତ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ନରେଶ ମହାକୁଳ, ରବି ନାରାୟଣ ଗୌଡ଼, ଦଣ୍ଡାସୀ ଗୌଡ଼, ନାରାୟଣ ଗୌଡ଼, ଭାସ୍କର ଗୌଡ଼, ସୁଦର୍ଶନ ଗୌଡ଼ ପ୍ରମୁଖ ଯୋଗ ଦେଇଥିବାବେଳେ କବିରାଜ ପରମେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣେଶ ପୂଜା ପାଇଁ ପ୍ୟାସନ କ୍ଲବ ପକ୍ଷରୁ ମାଟି ଅନୁକୂଳ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ଭୁବନେଶ୍ୱର, ୩।୮(ଜାଓ): ଚଳିତ ବର୍ଷ ବିଘ୍ନରାଜ ଶ୍ରୀଗଣେଶଙ୍କ ପୂଜା ଉପଲକ୍ଷେ ୟୁନିଟ୍-୪, ଏମ୍.ଏଲ୍.ଏ. କଲୋନୀସ୍ଥିତ ପ୍ୟାସନ କ୍ଲବ ପକ୍ଷରୁ ଆଜି ପୂଜାର ଶୁଭାରମ୍ଭ କରାଯାଇଛି।

ସକାଳେ କ୍ଲବର ସଦସ୍ୟମାନେ ଭୁବନେଶ୍ୱର ଉପକଣ୍ଠସ୍ଥ ଭାର୍ଗବୀ ନଦୀର ବାଁକୁଆଳ ପଠାରେ ବିବଦ୍ଧ ପୂଜାର୍ଚ୍ଚନା କରି ନଦୀରୁ ପବିତ୍ର ମାଟି ଅନୁକୂଳ କରିଥିଲେ। ଏହାପରେ ଚଳିତ ବର୍ଷର ଶ୍ରୀଗଣେଶଙ୍କ ମୂର୍ତ୍ତି ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରାଯାଇଥିଲା ।

ସନ୍ଧ୍ୟାରେ ଆୟୋଜିତ ପ୍ରସ୍ତୁତି ବୈଠକରେ କ୍ଲବର କାର୍ଯ୍ୟକାରୀ ସଦସ୍ୟ, ସାଧାରଣ ପରିଷଦ ସଦସ୍ୟ ଏବଂ ଉପଦେଷ୍ଟାମାନଙ୍କ ଉପସ୍ଥିତିରେ ଗତ ବର୍ଷର ପୂଜାର ସଫଳତା ଓ ଚଳିତ ବର୍ଷର ପୂଜା ଆୟୋଜନ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

ଆସନ୍ତା ସେପ୍ଟେମ୍ବର ୧୪ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଗଣେଶ ପୂଜାକୁ ଭବ୍ୟ, ଶୃଙ୍ଖଳିତ ଏବଂ ସୁଚାରୁ ରୂପେ ଆୟୋଜନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା ।

ଆଜିର ମାଟି ଅନୁକୂଳ ଓ ପ୍ରସ୍ତୁତି ବୈଠକରେ କ୍ଲବର ଉପଦେଷ୍ଟା ନରେନ ସାହୁ, ନାରାୟଣ ମହାପାତ୍ର ଓ ମନୋଜ ରାଉଳ, କ୍ଲବର ସଭାପତି ତପନ ପଲ୍ଲାଇ, ଉପ-ସଭାପତି ପ୍ରଶାନ୍ତ ବଡୁ, ସହସମ୍ପାଦକ କେଦାର ମହାରଣା, କୋଷାଧକ୍ଷ ଗୋପାଳ ଦାସ, ସଂଯୋଜକ ଅଶ୍ୱିନୀ କରଙ୍କ ସମେତ କ୍ଲବର ବହୁ କାର୍ଯ୍ୟକାରୀ ଓ ସାଧାରଣ ସଦସ୍ୟ ଉପସ୍ଥିତ ଥିଲେ ।

# ଦୋବଲରେ ନଦୀବନ୍ଧ ଘଳିଆକୁ ନେଇ ଶାସକ ଦଳରେ ତୀବ୍ର ଗୋଷ୍ଠୀ କନ୍ଦଳ, ଅର୍ଥ ହରିଲୁଟ୍ ଅଭିଯୋଗ

ଭଦ୍ରକ, ୩।୮(ଜାଓ): ବନ୍ୟା ବିପତି ସମୟରେ ଲୋକଙ୍କ ଜୀବନଜୀବିକା ସଙ୍କଟରେ ପଡ଼ିଥିବା ବେଳେ ଧାମନଗର ବ୍ଲକ ଦୋବଲ ପଂଚାୟତରେ ନଦୀବନ୍ଧ ମରାମତିକୁ ନେଇ ଶାସକ ବିଜେପିର ଦୁଇ ଗୋଷ୍ଠୀ ମଧ୍ୟରେ ଦେଖାଦେଇଥିବା ଛକାପଞ୍ଝା ଏବେ ଚର୍ଚ୍ଚାର ବିଷୟ ହୋଇଛି। ନଦୀବନ୍ଧ ସୁରକ୍ଷା ନାଁରେ ରାଜନୀତି ଓ ସରକାରୀ ଟଙ୍କା ଆତ୍ମସାତ୍ କରିବାର ହୀନ ପ୍ରୟାସକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଦୋବଲ ପଂଚାୟତ ସୀମାରେ ଗେଙ୍ଗୁଟି ନଦୀର ବାମ ପାର୍ଶ୍ୱରେ ଥିବା ୨.୬ କିଲୋମିଟର ଲମ୍ବର ବନ୍ଧଟି ୨୦୨୧ ପରଠାରୁ ଦୁର୍ବଳ ଅବସ୍ଥାରେ ଥିଲା। ସୋଧ ଧରମ ପଡ଼ିଆ ଗଡ଼ାଣିଠାରୁ କରଦା ପୋଲ ମଧ୍ୟରେ ୧୦ ଟି ସ୍ଥାନରେ ନଦି ବନ୍ଧ ଦୃବଳ ସହ ବନ୍ଧ କଡ ରେ ବଡ ବଡ ଗର୍ତ ସୃଷ୍ଟି ହୋଇଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମ ରେ ଖବର ପ୍ରକାଶପରେ ଜଳସମ୍ପଦ ବିଭାଗରନିଦ ଭାଙ୍ଗିଥିଲା।ବନ୍ୟା ପୂର୍ବରୁ ଉକ୍ତ ପଂଚାୟତର ଶାସକ ଦଳର ଗୋଟିଏ ଗୋଷ୍ଠୀ ଜଳସମ୍ପଦ ବିଭାଗର ଅନୁମତି ନେଇ ବାଲିବସ୍ତା ପକାଇ ମରାମତି କରିଥିଲେ। ମଙ୍ଗଳବାର ବନ୍ୟାଜଳ ଆସିବା ପରେ ଘଳିଆ ଆଶଙ୍କା କରି ସେମାନେ ପୁଣି ପୁନର୍ବାର ବାଲିବସ୍ତା ଓ ବାଉଁଶ ଜାଫେରି ଦେଇ ବନ୍ଧକୁ ସୁରକ୍ଷିତ ରଖିଥିଲେ, ଯାହା ଫଳରେ ବନ୍ୟା ଦାଉରୁ ଗାଁ ରକ୍ଷା ପାଇଥିଲା। ତେବେ ଏହି ସଫଳତା ନେଇଶାସକ ଦଳର ଅନ୍ୟ ବିରୋଧୀ ଗୋଷ୍ଠୀ ମଧ୍ୟରେ ଆକ୍ରୋଶ ରେ ଦଳୀୟ କନ୍ଦଳ କୁ ବୃଦ୍ଧି କରି ଶାସକ ଦଳର ଜଣେ ପ୍ରଭାବଶାଳୀ ତଥା ମନ୍ତ୍ରୀଙ୍କ ଖାସ ଅନୁଗାମୀ ଏହି ବିରୋଧୀ ଗୋଷ୍ଠୀକୁ ପଛରୁ ଇନ୍ଧନ ଯୋଗାଇଥିବା ଅଭିଯୋଗ ହୋଇଛି। ଫଳସ୍ୱରୂପ, ଶାସକଦଳର ବିରୋଧୀ ଗୋଷ୍ଠୀ ଶନିବାରଠାରୁ ବନ୍ଧର ସୁରକ୍ଷାପାଇଁ ପୂର୍ବରୁ ପଡ଼ିଥିବା ବାଲି ବସ୍ତା ଉପରେ ପୁଣିବାଲି ବସ୍ତା ପକା ଯାଉଛି। କିଛି ସ୍ଥାନରେ ବନ୍ଧ କୁ ଖୋଳି ବାଲି ବସ୍ତା ପକା ଯାଉଛି।ଆହୁରି ବନ୍ଧ ଉପରୁ ଘାସ ଚାଞ୍ଛି ଅଯଥାରେ ମାଟି ପକାଉଥିବା ଦେଖିବାକୁ ମିଳିଛି।ଲୋକଙ୍କ ସୁରକ୍ଷାକୁ ବାଜି ଲଗାଇ ବନ୍ଧ ମରାମତି ନାଁରେ ଅଯଥା ସରକାରୀ ଅର୍ଥ ହରିଲୁଟ୍ କରିବା ପାଇଁ ଶାସକ ଦଳର ଏହି ଗୋଷ୍ଠୀ ଏଭଳି ବେଆଇନ୍ କାର୍ଯ୍ୟ କରୁଥିବା ନେଇ ବିଜୁ ଜନତା ଦଳ ବ୍ଲକ ସଭାପତି ପ୍ରତାପ ସାମଲ କ୍ଷୋଭ ପ୍ରକା କରିବା ସହ ବନ୍ଧ ମରାମତି ଦୁର୍ନୀତି ସଂର୍ପକ ରେ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି କହିଥିଲେ।ସବୁଠାରୁ ବଡ କଥାହେଲା ବର୍ଷା ଓ ବନ୍ୟା ପୂର୍ବରୁ ନଦୀ ବନ୍ଧ ଦୁଇ ପାଖ ସଫା କରାଯାଇ ମରାମତି କରାଯାଏ କିନ୍ତୁ ବର୍ଷା ବନ୍ୟା ଛାଡ଼ିବାପରେ ନଦୀ ବନ୍ଧସଫା କରି ଦୁର୍ନୀତି କାହା ଇଙ୍ଗିତରେ ହେଉଛି । ଏ ଦିଗରେ ଧାମନଗର ଜଳସେଚନ ବିଭାଗର ଯନ୍ତ୍ରୀ କହିଛନ୍ତି ବନ୍ୟା ପୂର୍ବରୁ ବନ୍ଧରେ ବାଲିବସ୍ତା ପଡ଼ିଛି ହେଲେ ଅନ୍ୟକିଛି କହିବାକୁ ମନା କରିଥିଲେ।ତେବେ ଏପରି ଘଟଣା ର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

# ସାମୂହିକ ମହାରୁଦ୍ରାଭିଷେକ ଭକ୍ତି ଭାବର ସହ ସମ୍ପନ୍ନ



ଭୁବନେଶ୍ୱର, ୩।୮(ଜାଓ): ଶ୍ରୀ ହରିସତସଙ୍ଗ ସମିତି ଓ ଏଫ୍‌ଟିଏସ୍ ମହିଳା ସମିତିର ମିଳିତ ଆନୁକୂଲ୍ୟରେ ଟେରାପନ୍ଥ ଭବନ, ଭୁବନେଶ୍ୱରରେ ସାମୂହିକ ମହାରୁଦ୍ରାଭିଷେକ ଭକ୍ତିମୟ ପରିବେଶରେ ସଫଳତାର ସହ ଅନୁଷ୍ଠିତ ହୋଇଛି।

ବୈଦିକ ମନ୍ତ୍ରୋଚ୍ଚାରଣ ଓ ପୂଜାର୍ଚ୍ଚନା ମାଧ୍ୟମରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ବିଦ୍ୱାନ ପୁରୋହିତମାନଙ୍କ ତତ୍ତ୍ୱାବଧାନରେ ଭଗବାନ ଶିବଙ୍କ ମହାରୁଦ୍ରାଭିଷେକ ସମ୍ପନ୍ନ ହୋଇଥିଲା। ବହୁ ସଂଖ୍ୟକ ଭକ୍ତ ଓ ଯଜମାନଙ୍କ ଉପସ୍ଥିତିରେ ପରିବେଶ 'ହର ହର ମହାଦେବ' ଧ୍ୱନିରେ ମୁଖରିତ ହୋଇଉଠିଥିଲା। ଶ୍ରୀ ହରିସତସଙ୍ଗ ସମିତିର ସଭାପତି ଲାଲଚାନ୍ଦ ମୋହତା ଏବଂ ଏଫ୍‌ଟିଏସ୍ ମହିଳା ସମିତିର ସଭାପତି ଶ୍ୱେତା ଅଗ୍ରୱାଲଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତ ଭକ୍ତ, ପୁରୋହିତ, ଦାତା ଓ ସ୍ୱେଚ୍ଛାସେବୀଙ୍କୁ ଆୟୋଜକମାନେ କୃତଜ୍ଞତା ଜଣାଇଛନ୍ତି।

## ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବିଶେଷ ସତସଙ୍ଗ

ବାରିପଦା, ୩।୮(ଜାଓ): ବାରିପଦାର ମୁର୍ଗାବାଡି ନିକଟସ୍ଥ ଶିବମଣ୍ଡପ ଠାରେ ବାରିପଦା, ମୟୂରଭଞ୍ଜର ବେଣୁଧର ମହାରଣା, ସ.ପ୍ର.ର ଙ୍କ ସ୍ୱର୍ଗାରୋହଣର ଚତୁର୍ଦ୍ଦଶ ଦିବସରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବିଶେଷ ସତସଙ୍ଗ ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ମୟୂରଭଞ୍ଜ ଜିଲ୍ଲାର କୋଣ ଅନୁକୋଣରୁ ବହୁ ସ.ପ୍ର.ଶ, ଅଧର୍ଯ୍ୟୁ, ଯାଜକ, ଗୁରୁଭ୍ରାତା, ମାଆମାନେ, ଏହାସହିତ ଜିଲ୍ଲା ବାହାରୁ ଭବାନୀ ଶଙ୍କର ମାଇତି, ସ.ପ୍ର.ର, ନିରଞ୍ଜନ ରାଉତ, ସ.ପ୍ର.ର, ମହେଶ୍ୱର ଚକ୍ର ଅଧର୍ଯ୍ୟୁ, ଦେଓଘର ଆଶ୍ରମରୁ ପରମ ପୂଜ୍ୟପାଦ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବ, ପୂଜନୀୟ ଅବିନଦାଙ୍କ ପୂତ ଆର୍ଶୀବାଦକୁ ବହନ କରି ଖୋପେନ୍ଦ୍ର ସାହୁ ଭାଇ ଉପସ୍ଥିତ ହୋଇ ଶୋକ ସନ୍ତପ୍ତ ପରିବାରକୁ ଠାକୁରଙ୍କ ଆଶ୍ୱାସନା ବାର୍ତା ପ୍ରଦାନ କରିଥିଲେ ।

ରବୀନ୍ଦ୍ର ନାଥ ପାତ୍ର ସ.ପ୍ର.ର ଙ୍କ ପରିଚାଳନାରେ ସତସଙ୍ଗ ଅନୁଷ୍ଠିତ ହୋଇଥିଲା । ପ୍ରାତଃ ବିନତୀ ପ୍ରାର୍ଥନା ମୁକ୍ତିକାନ୍ତ ନାୟକ, ସ.ପ୍ର.ର, ଦୀପକ କୁମାର ଦାସ, ଅଧର୍ଯ୍ୟୁ ପବିତ୍ର ସତ୍ୟାନୁସରଣ, ସଞ୍ଜୟ କୁମାର ବେହେରା, ଅଧର୍ଯ୍ୟୁ ନାରୀର ନିତୀବାଣୀ ପାଠ କରିଥିଲେ । ଭଜନ ରାଧାକୃଷ୍ଣ ପ୍ରଧାନ, ଭୁବନେଶ୍ୱରରୁ ଆଗତ ଅମୀର ପ୍ରଧାନ, ସମୀର ପ୍ରଧାନ, ଅମିତାଭ ସାମନ୍ତରାୟଙ୍କ କୋରସ, କିର୍ତନ ଭକ୍ତମଣ୍ଡଳୀକୁ ଉଦବୁଦ୍ଧ୍ କରିଥିଲା କ୍ଷ ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରା ସହିତ ଅମର ଆତ୍ମାର ସଦଗତି ତଥା ସ୍ମୃତିଚାରଣ କରିଥିଲେ ସ.ପ୍ର.ର ଗଣ ଯଥା ଗୋପବନ୍ଧୁ ନାୟକ (ସୋର), ନିଗମାନନ୍ଦ ପଟ୍ଟନାୟକ, ଭବେନ୍ଦ୍ର ନାଥ ଦାସ, ଖଗେନ୍ଦ୍ର ନାଥ ସାହୁ, ଚିତ ରଞ୍ଜନ ଦାସ, ଭାଗିରଥି ମହାରଣା, ପ୍ରଫୁଲ ଗିରି। ଧନ୍ୟବାଦ ଅର୍ପଣ କରିଥିଲେ ତାଙ୍କ ଜ୍ୟୋଷ୍ଠ ପୁତ୍ର ବିଶ୍ୱରୂପ ମହାରଣା, ଯାଜକ, ବନ୍ଦେ ପୁରୁଷୋତମମ୍ ଧ୍ୱନୀ ପ୍ରଦାନ କରିଥିଲେ ବିଜ୍ଞାନ ଭୂଷଣ ମହାପାତ୍ର ସ.ପ୍ର.ର।

ଏଥିରେ ଏକ ହଜାରରୁ ଅଧିକ ଭକ୍ତ ପ୍ରସାଦ ଗ୍ରହଣ କରିଥିଲେ । ଗୋଟିଏ ଭାଇ ସତମନ୍ତ୍ରରେ ଅଭିମନ୍ତିତ ହୋଇଥିଲେ । ଏହି ବିଶେଷ ସତସଙ୍ଗ ସମସ୍ତ ପରିବାର ସଦସ୍ୟ, ବନ୍ଧୁ ପରିଜନ, ବାରିପଦାର ସମସ୍ତ କର୍ମୀ ଓ ସକ୍ରିୟ ଗୁରୁଭ୍ରାତା, ପରିଚାଳନାକମିଟୀର ସଦସ୍ୟଙ୍କ ସହଯୋଗରେ ଖୁବ ସୁନ୍ଦର ଭାବରେ ପରିପାଳିତ ହୋଇଥିଲା ।

## ରାଜ୍ୟସ୍ତରୀୟ ୭୨ତମ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ବୈଠକ
## ସ୍ପୋର୍ଟ୍ସ କଂପ୍ଲେକ୍ସରେ ଆୟୋଜିତ ହେବ ୭, ୮ ଓ ୯ରେ

ରାଇରଙ୍ଗପୁର, ୩।୮(ଜାଓ): ରାଇରଙ୍ଗପୁରରେ ଚଳିତ ମାସ ୭, ୮, ଓ ୯ ତାରିଖ ୩ ଦିନ ଧରି ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ୭୨ତମ ଆଥଲେଟିକ ମିଟ୍ ର ସଫଳ, ସୁସଂଗଠିତ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ନିମନ୍ତେ ଗତକାଲି ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ବାସନ୍ତୀ ଲାକ୍ରାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦୌଡ଼କୁଦ ପ୍ରତିଯୋଗିତାର ବିସ୍ତୃତ ସୂଚନା ଜିଲ୍ଲା କ୍ରୀଡା ଅଧିକାରୀ ଡ଼. ସୁଭାଶିଷ ନାୟକ ଉପସ୍ଥାପନ କରିଥିଲେ। ଉକ୍ତ ପ୍ରତିଯୋଗିତା ରାଇରଙ୍ଗପୁର ସ୍ଥିତ ସ୍ପୋର୍ଟ୍ସ କଂପ୍ଲେକ୍ସ ଠାରେ ଆୟୋଜିତ ହେବ। ଏଥିରେ ୩୦ଟି ଜିଲ୍ଲା ଏବଂ ଭୁବନେଶ୍ୱର, ରାଉରକେଲା, କିଟସ ଓ ପାରାଦ୍ୱୀପକୁ ମିଶାଇ ୩୪ଟି ସ୍ଥାନର ଖେଳାଳି ମାନେ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାରେ ୧୪ ବର୍ଷରୁ କମ୍, ୧୬ ବର୍ଷରୁ କମ୍, ୧୮ବର୍ଷରୁ କମ୍ ଓ ୨୦ ବର୍ଷରୁ କମ୍ ବୟସ ଉଭୟ ବାଳକ ଓ ବାଳିକାଙ୍କୁ ମିଶାଇ ପାଖାପାଖି ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ଏବଂ ୨୬ ପ୍ରକାର ଖେଳକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ପ୍ରତ୍ୟେକ ଖେଳ ପୃଥକ ପୃଥକ ଭାବେ ବାଳକ ଓ ବାଳିକା ମାନଙ୍କ ମଧ୍ୟରେ ଅନୁଷ୍ଠିତ ହେବ। ଏହାର ଉଦଘାଟନୀ ଉତ୍ସବ ୭ ତାରିଖ ଅପରାହ୍ନ ୩ଟା ୩୦ ମିନିଟ ସମୟରେ ଅନୁଷ୍ଠିତ ହେବ। ଏହାର ସୁଚାରୁ ପରିଚାଳନା ନିମନ୍ତେ ବିଭିନ୍ନ ପ୍ରସ୍ତୁତି ଓ ବ୍ୟବସ୍ଥା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଖେଳାଳି ଓ କ୍ରୀଡ଼ା ପ୍ରତିନିଧି ଓ ଅତିଥିଙ୍କ ରହଣି, ଯାତାୟାତ, ପାନୀୟ ଜଳ, ପରିମଳ, ଖାଦ୍ୟ, ସ୍ୱାସ୍ଥ୍ୟସେବା, ସୁରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବ୍ୟବସ୍ଥା, ପ୍ରଚାର ପ୍ରସାର ଏବଂ କ୍ରୀଡ଼ା ପ୍ରତିଯୋଗିତା ସ୍ଥଳର ଆବଶ୍ୟକ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା।

ରାଜ୍ୟର ବିଭିନ୍ନ ଅଂଚଳରୁ ଆସୁଥିବା କ୍ରୀଡ଼ାବିତ୍ ମାନଙ୍କୁ ଉତମ ଆତିଥ୍ୟ ଓ ଆବଶ୍ୟକ ସୁବିଧା ଯୋଗାଇଦେବା ସହିତ ପ୍ରତିଯୋଗିତାକୁ ସୁରକ୍ଷିତ ଓ ସୁନ୍ଦର ପରିବେଶରେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ଉତମ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ତିହିଡ଼ି ପୋଲିସ ସାଜିଲା ଉଦାହରଣ, ବନ୍ୟା ବିପନ୍ନଙ୍କୁ ବାଣ୍ଟିଲା ଶୁଖିଲା ଖାଦ୍ୟ

ଭଦ୍ରକ, ୩।୮(ଜାଓ): ଭଦ୍ରକ ଜିଲ୍ଲା ତିହିଡି ଥାନା ପୋଲିସ ବନ୍ୟା ବିପନ୍ନମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ କରିବା ସହିତ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି। ବନ୍ୟା ପୀଡ଼ିତ ମାନଙ୍କ ନିକଟରେ ପହଂଚି ସେମାନଙ୍କ ଦୁର୍ଦ୍ଧଶା ସମ୍ପର୍କରେ ପଚାରି ବୁଝିବା ସହିତ ନିଜକୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରି ମାନବିକତାର ପରିଚୟ ଦେଇଛି ତିହିଡି ପୋଲିସ। ବିପନ୍ନମାନେ ପାଣିଘେରରେରହି ଦୁର୍ଦ୍ଧଶା ଭୋଗୁଥିବା ବେଳେ ପୋଲିସ ସେମାନଙ୍କ ନିକଟରେ ଖାଦ୍ୟ ପହଂଚାଇବା ସଙ୍ଗେସଙ୍ଗେ ସେମାନଙ୍କୁ ଉଦ୍ଧାରକରି ଉଚ୍ଚ ସ୍ଥାନରେ ଟାଇଥାନକରି ମଣିଷ ପାଣିଆର ପରିଚୟ ଦେଇଛି।ତିହିଡି ଥାନା ମହିଳା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନେତୃତ୍ୱରେ ପୋଲିସ ଅଧିକାରୀ ଓ କର୍ମଚାରୀ ଏପରି ବିବେକାନୁମୋଦିତ କାର୍ଯ୍ୟକରି ସାଧାରଣରେ ପ୍ରିୟଭାଜନ ହୋଇପାରିଛନ୍ତି।ପୋଲିସ ସୟା ପଂଚାୟତ ଅଧିନ ମାଧପୁର ମାଝୀସାହି ଓ ବାରୋ ପଂଚାୟତର ମହାଦେବ ସାହିର ବିପନ୍ନଙ୍କ ନିକଟରେ ପହଂଚି ଶୁଖିଲାଖାଦ୍ୟ ବଂଟନ କରିଥିଲେ। ଏହାପରେବି ପୋଲିସ ସାହସିକତାର ସହିତ ନିଜ ଜୀବନକୁ ବିପନ୍ନକରି ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ବନ୍ୟା ବିପନ୍ନ ମାନଙ୍କ ନିକଟରେ ପହଁଚି ସେମାନଙ୍କ ମନରେ ସାହସ ସଞ୍ଚାରକରିଛନ୍ତି। ଆଦୌ ଭୟଭୀତ ନହୋଇ ମନୋବଳ ଦୃଢ଼ କରିବା ସହ ଉଚ୍ଚ ସ୍ଥାନକୁ ଯିବାକୁ ବିପନ୍ନ ମାନଙ୍କୁ ପରାମର୍ଶ ଦେଇଛନ୍ତି। ବନ୍ୟା ପ୍ଲାବିତ ବାରୋ ପଂଚାୟତର କେତକ ତଳିଆ ଅଂଚଳରୁ ୩୦ ଜଣ ବିପନ୍ନଙ୍କୁ ଉଦ୍ଧାରକରି ବାରୋ ହାଇସ୍କୁଲରେ ଥଇଥାନ କରିଥିବା ଜଣାପଡ଼ିଛି। ବନ୍ୟାକୁ ଖାତିରି ନକରି ମନରେ ସାହସବାନ୍ଧି ବିପନ୍ନଙ୍କୁ ସହାୟତା କରି ନିଜର କାର୍ଯ୍ୟ ସହିତ ପୋଲିସ ସମାଜିକ ଗୁରୁଦାୟିତ୍ୱ ନିଭାଇ ସାଧାରଣରେ ପ୍ରଶଂସିତ ହୋଇଥିବା ଜଣାଯାଇଛି। ଏହି ଉଦ୍ଧାର ଓ ବଂଟନ କାର୍ଯ୍ୟକ୍ରମରେ ଆଇଆଇସି ନାୟକଙ୍କ ସମେତ ଏସଆଇ ପ୍ରକାଶ ନାୟକ,ଏଏସଆଇ କୁମୁଦିନୀ ବେହେରା , ଲକ୍ଷ୍ମଣ ମାରାଣ୍ଡି ଓ ମାନସ ଶତପଥୀଙ୍କ ସହିତ ଅନ୍ୟ ପୋଲିସ କର୍ମଚାରି ସାମିଲ ହୋଇଥିଲେ। ରବିବାର ପୋଲିସ ବାରୋ ହାଇସ୍କୁଲ ବିପନ୍ନଙ୍କ ଆଶ୍ରୟ ସ୍ଥଳରେ ପହଂଚି ଶୁଖିଲା ଖାଦ୍ୟ ବଂଟନ କରିଛନ୍ତି। ଆଶ୍ରୟ କେନ୍ଦ୍ରରେ ରହୁଥିବା ରାଧା ନଗର,ବଳିଆର ପୁର,କଲ୍ୟାଣ ନଗର ଓ ହାଟଡିହ ବିପନ୍ନ ମାନଙ୍କୁ ଚୁଡା,ଗୁଡ଼, ବିସ୍କୁଟ ଓ କଦଳୀ ଇତ୍ୟାଦି ବଂଟନ କରିଥିଲେ।

## ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ନେଇ ପ୍ରଶାସନର ସତର୍କ ଉଦ୍ଧାର, ରିଲିଫ୍ ଓ ଚିକିତ୍ସା ସେବା ଜାରି

କେନ୍ଦ୍ରାପଡ଼ା, ୩।୮(ଜାଓ): କେନ୍ଦ୍ରାପଡ଼ା ଜିଲ୍ଲାରେ ବନ୍ୟା ପରିସ୍ଥିତି ଉପରେ ଜିଲ୍ଲା ପ୍ରଶାସନ ନିରନ୍ତର ନଜର ରଖିଛି। ବର୍ତମାନ ସୁଦ୍ଧା ଜିଲ୍ଲାର ୯ଟି ବ୍ଲକ୍ ଯଥା ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, କେନ୍ଦ୍ରାପଡ଼ା, ମାର୍ଶାଘାଇ, ମହାକାଳପଡ଼ା, ରାଜନଗର ଓ ଡେରାବିଶର ୮୫ଟି ଗ୍ରାମ ପଂଚାୟତର ୧୭୦ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ପୌରାଚଂଳର ୧୧ଟି ୱାର୍ଡ ମଧ୍ୟ ପ୍ରଭାବିତ ହୋଇଛି। ବନ୍ୟା ଯୋଗୁଁ ମୋଟ ୮୮,୭୯୩ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୧,୧୬୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ବର୍ତମାନ ୬ଟି ରିଲିଫ କେନ୍ଦ୍ରରେ ୧,୧୬୪ ଜଣ ଆଶ୍ରୟ ନେଇଛନ୍ତି। ମୋଟ ୭ଟି ମାଗଣା ରନ୍ଧନଶାଳା କାର୍ଯ୍ୟକ୍ଷମ ରହିଥିବା ବେଳେ ୧,୨୪୯ ଜଣ ହିତାଧିକାରୀଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଛି। ଜରୁରୀକାଳୀନ ରିଲିଫ ସାମଗ୍ରୀ ଭାବେ ଏପର୍ଯ୍ୟନ୍ତ ୧୧୨.୫୩ କ୍ୱିଣ୍ଟାଲ ଚାଉଳ, ୧୧.୦୩ କ୍ୱିଂଟାଲ ଚୁଡ଼ା, ୧୧ କ୍ୱିଂଟାଲ ଗୁଡ଼ ସହ ବିସ୍କୁଟ, ମହମବତୀ, ଦିଆସିଲି ଓ ୨୦୦୦ ବୋତଲ ପାନୀୟ ଜଳ ବଣ୍ଟନ କରାଯାଇଛି। ଆଜି ୩୧.୭୮ କ୍ୱିଂଟାଲ ଚାଉଳ, ୩ କ୍ୱିଂଟାଲ ଚୁଡ଼ା ସହ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ପ୍ରଭାବିତ ଅଂଚଳରେ ୧୬ଟି ମେଡିକାଲ ଟିମ୍ ଓ ୯ଟି ପଶୁ ଚିକିତ୍ସା ଦଳ ନିୟୋଜିତ ରହି ଆବଶ୍ୟକ ସ୍ୱାସ୍ଥ୍ୟ ଓ ପଶୁଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ସେହିପରି ଉଦ୍ଧାର ଓ ରିଲିଫ କାର୍ଯ୍ୟ ପାଇଁ ୩ଟି ଏସଆରସି ପାୱାର ବୋଟ୍, ୮୬ଟି ଦେଶୀ ଡଙ୍ଗା ଏବଂ ୧୫ଟି ଯାନ୍ତ୍ରିକ ଦେଶୀ ଡଙ୍ଗା ନିୟୋଜିତ ରହିଛି। ବର୍ତମାନ ସୁଦ୍ଧା ମାନବ ମୃତ୍ୟୁ କିମ୍ବା ପଶୁ ମୃତ୍ୟୁର କୌଣସି ଘଟଣା ଘଟିନାହିଁ। ବନ୍ୟା ଯୋଗୁଁ ୨୮,୭୫୪ଟି ପଶୁ ପ୍ରଭାବିତ ହୋଇଥିବା ବେଳେ ୭୪ଟି ଗୁହାଳ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଫସଲ କ୍ଷୟକ୍ଷତିର ଆକଳନ ବନ୍ୟାଜଳ ହ୍ରାସ ପରେ କରାଯିବ। ଜିଲ୍ଲାର ୧୧୫ଟି ରାସ୍ତା ବନ୍ୟାଜଳରେ ବୁଡ଼ି ଯାଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ତେବେ ବିଦ୍ୟୁତ, ପାନୀୟ ଜଳ ଯୋଗାଣ ଓ ଅନ୍ୟାନ୍ୟ ପ୍ରମୁଖ ଭିତିଭୂମି ସେବାରେ କୌଣସି ବଡ଼ ଧରଣର କ୍ଷତି ଘଟିନାହିଁ। ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତିର ସତତ ନିରୀକ୍ଷଣ କରାଯାଉଥିବା ବେଳେ ଆବଶ୍ୟକ ସ୍ଥଳେ ଉଦ୍ଧାର, ରିଲିଫ ଓ ଅନ୍ୟାନ୍ୟ ଜରୁରୀ ସେବା ନିରନ୍ତର ଜାରି ରହିଛି। ଜନସାଧାରଣଙ୍କୁ ଗୁଜବରୁ ଦୂରେଇ ରହିବା ସହ ପ୍ରଶାସନ ପକ୍ଷରୁ ଜାରି କରାଯାଉଥିବା ପରାମର୍ଶ ମାନିବାକୁ ଅନୁରୋଧ କରାଯାଉଛି।

## ଜିଲ୍ଲାରେ ବନ୍ୟା ପରିସ୍ଥିତି : ପ୍ରଶାସନର ତ୍ୱରିତ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି

କେନ୍ଦ୍ରାପଡ଼ା, ୩।୮(ଜାଓ): କେନ୍ଦ୍ରାପଡା ଜିଲ୍ଲାରେ ବନ୍ୟା ପରିସ୍ଥିତିକୁ ସାମ୍ନା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଜିଲ୍ଲାର ୯ଟି ବ୍ଲକ୍- ରାଜକନିକା, ପଟ୍ଟାମୁଣ୍ଡାଇ, ଆଳି, ଗରଦପୁର, ରାଜନଗର, କେନ୍ଦ୍ରାପଡା, ମାର୍ଶାଘାଇ, ମହାକାଳପଡା ଓ ଡେରାବିଶର ୮୫ଟି ଗ୍ରାମ ପଂଚାୟତର ୧୭୦ଟି ଗ୍ରାମ ବନ୍ୟା ପ୍ରଭାବିତ ହୋଇଛି। ପଟ୍ଟାମୁଣ୍ଡାଇ ପୌରାଚଂଳର ୧୧ଟି ୱାର୍ଡ ମଧ୍ୟ ବନ୍ୟା ପ୍ରଭାବରେ ରହିଛି। ଜିଲ୍ଲାରେ ମୋଟ ୮୮,୭୯୩ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ବର୍ତମାନ ସୁଦ୍ଧା ୧,୧୬୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାରେ ୭ଟି ଆଶ୍ରୟ କେନ୍ଦ୍ର ଓ ରିଲିଫ କେନ୍ଦ୍ର କାର୍ଯ୍ୟକ୍ଷମ ରହିଛି। ସମୁଦାୟ ୧,୨୪୯ ଜଣ ଉପକୃତ ହୋଇଥିବା ବେଳେ ଆଜି ୧,୧୬୪ ଜଣ ଏହି କେନ୍ଦ୍ରଗୁଡ଼ିକରେ ରହି ସମସ୍ତ ଆବଶ୍ୟକ ସୁବିଧା ପାଉଛନ୍ତି। ରିଲିଫ ବଂଟନ କାର୍ଯ୍ୟ ମଧ୍ୟ ଜୋରଦାର ଭାବେ ଚାଲିଛି। ଆଜି ସୁଦ୍ଧା ୨୪୨.୩୯ କ୍ୱିଂଟାଲ ଚାଉଳ, ୨୩.୭୮ କ୍ୱିଂଟାଲ ଚୁଡ଼ା, ୧୧ କ୍ୱିଂଟାଲ ଗୁଡ଼, ୧୨୬ କାର୍ଟନ ବିସ୍କୁଟ, ୬.୫ କାର୍ଟନ ମହମବତୀ, ୬ କାର୍ଟନ ଦିଆସିଲି ଏବଂ ୩୫,୦୦୦ ବୋତଲ ପାନୀୟ ଜଳ ବଂଟନ କରାଯାଇଛି। କେବଳ ଆଜି ୧୬୧.୬୪ କ୍ୱିଂଟାଲ ଚାଉଳ, ୧୫.୭୫ କ୍ୱିଂଟାଲ ଚୁଡ଼ା, ୮୪ କାର୍ଟନ ବିସ୍କୁଟ, ୧.୫ କାର୍ଟନ ମହମବତୀ, ୧ କାର୍ଟନ ଦିଆସିଲି ଓ ୮,୮୦୦ ବୋତଲ ପାନୀୟ ଜଳ ବଂଟନ କରାଯାଇଛି।ବନ୍ୟା ପ୍ରଭାବିତ ଅଂଚଳରେ ୧୬ଟି ମେଡିକାଲ ଟିମ୍ ଏବଂ ୯ଟି ପ୍ରାଣୀ ଚିକିତ୍ସା ଦଳ ନିୟୋଜିତ ହୋଇ ଲୋକଙ୍କ ସ୍ୱାସ୍ଥ୍ୟ ସେବା ଓ ପଶୁଙ୍କ ସୁରକ୍ଷା ନିଶ୍ଚିତ କରୁଛନ୍ତି। ପ୍ରାୟ ୪୭,୬୩୧ଟି ପଶୁ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ କୌଣସି ପଶୁଙ୍କ ଜୀବନହାନି ଘଟିନାହିଁ। ଜିଲ୍ଲାରେ କୌଣସି ଜୀବନହାନି ଘଟିନାହିଁ। ପ୍ରାୟ ୭୪ଟି ଗୁହାଳ ଆଂଶିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଫସଲ କ୍ଷୟକ୍ଷତିର ଆକଳନ ବନ୍ୟାଜଳ ହ୍ରାସ ପରେ କରାଯିବ। ବର୍ତମାନ ୧୧୫ଟି ରାସ୍ତା ବନ୍ୟାଜଳରେ ବୁଡ଼ି ଯାତାୟାତ ବାଧାପ୍ରାପ୍ତ ହୋଇଛି। ବିଦ୍ୟୁତ ଯୋଗାଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଭିତିଭୂମିରେ କୌଣସି ବଡ଼ ଧରଣର କ୍ଷତି ହୋଇନାହିଁ। ଉଦ୍ଧାର କାର୍ଯ୍ୟକୁ ଆହୁରି ସୁଦୃଢ଼ କରିବା ପାଇଁ ୩ଟି ପାୱାର ବୋଟ୍, ୮୧ଟି ଦେଶୀ ଡଙ୍ଗା ଓ ୧୫ଟି ଯାନ୍ତ୍ରିକ ଡଙ୍ଗା ନିୟୋଜିତ ରହିଛି। ଜିଲ୍ଲା ପ୍ରଶାସନ ସମସ୍ତ ପରିସ୍ଥିତି ଉପରେ ସତର୍କ ନଜର ରଖିଥିବା ବେଳେ ପ୍ରଭାବିତ ଲୋକଙ୍କୁ ଆବଶ୍ୟକୀୟ ସମସ୍ତ ସହାୟତା ଯୋଗାଇ ଦେବାକୁ ଯୁଦ୍ଧକାଳୀନ ଭିତିରେ କାର୍ଯ୍ୟ ଜାରି ରଖିଛି।

## ବନ୍ୟା ବିପନ୍ନଙ୍କ ନିକଟରେ ପହଂଚିଲେ ଯୁବ ନେତା

ଧର୍ମଶାଳା, ୩।୮(ଜାଓ): ଚଳିତ ବର୍ଷ ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇ ଅନେକ ସ୍ଥାନରେ ଘାଇ ସୃଷ୍ଟି ହୋଇଥିଲା। ଫଳରେ ଅନେକ ତଳିଆ ଅଂଚଳ ପ୍ରଭାବିତ ହୋଇଥିଲା। ବିଶେଷ କରି ଯାଜପୁର ଜିଲା ରସୁଲପୁର ବ୍ଲକ ମଙ୍ଗରାଜପୁର ପଂଚାୟତ ଖଣ୍ଡାସସ୍ଥିତ ୧୮ ନଂ. ୱାର୍ଡ଼ର ବହୁ ପରିବାର ଜଳବନ୍ଦୀରେ ରହିଥିଲେ। ବହୁ ପରିବାରଙ୍କ ଘରେ ପାଣି ଜମି ରହିଥିବାରୁ ସେମାନେ ନଦୀବନ୍ଧ ଉପରେ ଅଶ୍ରୟ ନେଇଥିଲେ। ସେପଟେ ସରକାରଙ୍କ ପକ୍ଷରୁ କୌଣସି ସହାୟତା ପ୍ରଦାନ କରାନଯିବାରୁ ବନ୍ୟା ବିପନ୍ନମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବାର ଖବର ପାଇ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବନ୍ୟା ବିପନ୍ନଙ୍କ ନିକଟରେ ପଂହଚି ସହାୟତାର ହାତ ବଢାଛନ୍ତି। ଏହି କ୍ରମରେ ମଙ୍ଗରାଜପୁର ପଂଚାୟତର ବିଜେପି ଯୁବନେତା ପ୍ରଶାନ୍ତ କୁମାର ମୁଦୁଲି ୧୮ନଂ ୱାର୍ଡ଼ରେ ପଂହଚି ବନ୍ୟା ବିପନ୍ନ ପରିବାରଙ୍କୁ ଶୁଖିଲା ଖାଦ୍ୟ ସହ ଅତ୍ୟାବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେଇଥିଲେ। ଗଗନ ମହାନ୍ତି, ଶିଶିର ରଥ, ସଂଜୟ ଶତପଥୀ, ବିଚିତ୍ର ମଲ୍ଲିକ, ମାନସ ଦାସ ଓ ଟୁନା ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଯୁବଶକ୍ତି ଆମର ସର୍ବଶ୍ରେଷ୍ଠ ସମ୍ପତ୍ତି...

ଗୁଡ଼ିକର ଦାୟିତ୍ୱ ହେଉଛି ଯେ ସେମାନେ ସଚ୍ଚୋଟତା, ଶୃଙ୍ଖଳା, ସମ୍ବେଦନଶୀଳତା ଏବଂ ଜାତୀୟ ସ୍ୱାର୍ଥ ଭାବନାରେ ପରିପୂର୍ଣ୍ଣ ନାଗରିକମାନଙ୍କୁ ପ୍ରସ୍ତୁତ କରନ୍ତୁ । ଯୁବପିଢ଼ିଙ୍କ ଜ୍ଞାନ ସେତିକିବେଳେ ଅର୍ଥପୂର୍ଣ୍ଣ ହୋଇଥାଏ, ଯେତେବେଳେ ଏହା ମାନବତା, ସମାଜର କଲ୍ୟାଣ ଏବଂ ରାଷ୍ଟ୍ର ପ୍ରଗତିରେ ଉତ୍ସର୍ଗୀକୃତ ହୋଇଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଆମେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ପାଇଁ ଲକ୍ଷ୍ୟ ରଖିଛୁ। ଏହି ଲକ୍ଷ୍ୟ ହାସଲ କରିବାରେ ଆମର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି। ସେ ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜ୍ଞାନ କେନ୍ଦ୍ର ଭାବରେ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ ଯେଉଁଠାରେ ବିକଶିତ ଚିନ୍ତାଧାରା ଓ ପ୍ରଯୁକ୍ତିବିଦ୍ୟା ସମାଜର ଆବଶ୍ୟକତାକୁ ପୂରଣ କରେ। ସେ ଗୁରୁତ୍ୱାରୋପ କରି କହିଛନ୍ତି, ଆଧୁନିକ ଜ୍ଞାନକୁ ଗ୍ରହଣ କରିବା ସହିତ ସେମାନଙ୍କୁ ନୈତିକ ମୂଲ୍ୟବୋଧକୁ ମଧ୍ୟ ବଜାୟ ରଖିବାକୁ ପଡିବ। ଜଗଦଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଗବେଷଣା, ନୂତନ ଉଦ୍ଭାବନ ଏବଂ ଉଦ୍‌ଯୋଗ ବିକାଶକୁ ପ୍ରୋତ୍ସାହିତ କରିବା ସହିତ ଛାତ୍ରଛାତ୍ରୀଙ୍କ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦେବ ବୋଲି ଜାଣି ସେ ଖୁସି ହୋଇଥିଲେ । ଏହି ବିଶ୍ୱବିଦ୍ୟାଳୟ ଦକ୍ଷ ମାନବଶକ୍ତି, ଗବେଷକ ଏବଂ ଉଦ୍‌ଯୋଗୀମାନଙ୍କୁ ପ୍ରସ୍ତୁତ କରିବ ଯେଉଁମାନେ ଏକ ବିକଶିତ ଓଡ଼ିଶା ଏବଂ ଏକ ବିକଶିତ ଭାରତର ଲକ୍ଷ୍ୟରେ ଯୋଗଦାନ ଦେବେ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ।

ସେହିପରି ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି ଯେ, ଆଜିର ଯୁଗ ହେଉଛି କୌଶଳ ଓ ଦକ୍ଷତାର ଯୁଗ । ଓଡ଼ିଶାର ଯୁବ ସାମର୍ଥ୍ୟ ପାଇଁ ଆମ ସରକାର ଅପାର ସୁଯୋଗ ସୃଷ୍ଟି କରିବାକୁ ନିରନ୍ତର କାର୍ଯ୍ୟ କରୁଛନ୍ତି । ଜଗଦ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଏହି ଶୁଭ ଉଦଘାଟନ କେବଳ ଗୋଟିଏ ନୂତନ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠା ନୁହେଁ; ଏହା ଓଡ଼ିଶାକୁ ଉଚ୍ଚଶିକ୍ଷା, ଗବେଷଣା, ଏବଂ ନୈତିକ ଚରିତ୍ର ନିର୍ମାଣର ଏକ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ରରେ ରୂପାନ୍ତରିତ କରିବାର ନୂତନ ଯାତ୍ରା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ପରମପୂଜ୍ୟ ଜଗଦ୍‌ଗୁରୁ ଶ୍ରୀ କୃପାଳୁ ଜୀ ମହାରାଜ ଥିଲେ ଆଧୁନିକ ଯୁଗର ଜଣେ ଯୁଗପ୍ରବର୍ତ୍ତକ ସନ୍ଥ, ଯିଏ ଭାରତର ବୈଦିକ ଜ୍ଞାନ, ଆଧ୍ୟାତ୍ମିକ ଚେତନା ଏବଂ ପ୍ରେମ-ଭକ୍ତିର ବାର୍ତ୍ତାକୁ ବିଶ୍ୱବ୍ୟାପୀ ପ୍ରସାରିତ କରିଥିଲେ । ତାଙ୍କର ଅଗାଧ ଶାସ୍ତ୍ରଜ୍ଞାନ, ମାନବକଲ୍ୟାଣକାରୀ ଦର୍ଶନ ଏବଂ ନିଷ୍କାମ ସେବା ଭାବନା ପ୍ରତ୍ୟେକ ନାଗରିକଙ୍କୁ ଆଧ୍ୟାତ୍ମିକତା ସହ ସାମାଜିକ ଦାୟିତ୍ୱବୋଧର ଶିକ୍ଷା ଦେଇଥାଏ ।

ଜଗଦ୍ ?ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟ ଭାରତୀୟ ମୂଲ୍ୟବୋଧ ଓ ସନାତନ ଆଦର୍ଶ ଉପରେ ପ୍ରତିଷ୍ଠିତ। ପରମପୂଜ୍ୟ ପରମହଂସ ଶ୍ରୀ ଜଗଦ୍‌ଗୁରୁ କୃପାଳୁ ଜୀ ମହାରାଜଙ୍କ ଦିବ୍ୟ ସ୍ମୃତିରେ ଗଠିତ ଏହି ମହାନ୍ ଅନୁଷ୍ଠାନ, ଆଧୁନିକ ବିଜ୍ଞାନ ଓ ବୈଷୟିକ ପ୍ରଗତି ସହିତ ଭାରତର ସମୃଦ୍ଧ ଆଧ୍ୟାତ୍ମିକ ସଂସ୍କୃତିର ଏକ ଅପୂର୍ବ ସମନ୍ୱୟ ପ୍ରତିଷ୍ଠା କରିବାକୁ ଯାଉଛି ।

ଏଥିପାଇଁ ମୁଁ ବ୍ୟକ୍ତିଗତ ଭାବରେ ଖୁବ୍ ଆନନ୍ଦିତ । ପ୍ରତ୍ୟେକ ଅନୁଷ୍ଠାନ ଆଧୁନିକ ଜ୍ଞାନ ବିଜ୍ଞାନ ସହିତ ଭାରତୀୟ ସଭ୍ୟତାର ମୌଳିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଏହା ବିଦ୍ୟାର୍ଥୀମାନଙ୍କୁ ସତ୍ ମାର୍ଗରେ ଯିବା ପାଇଁ ପ୍ରେରଣା ପ୍ରଦାନ କରେ । ଏହି ବିଶ୍ୱବିଦ୍ୟାଳୟ କୃତ୍ରିମ ବୁଦ୍ଧିମତ୍ତା, ସାଇବର ସୁରକ୍ଷା, କମ୍ପ୍ୟୁଟର ସାଇନ୍ସ, ମ୍ୟାନେଜ୍‌ମେଣ୍ଟ ଏବଂ ସ୍ୱାସ୍ଥ୍ୟ ବିଜ୍ଞାନ ଭଳି ଆଧୁନିକ ଯୁଗୋପଯୋଗୀ ପାଠ୍ୟକ୍ରମ ସହିତ 'ମାଇଣ୍ଡ ମ୍ୟାନେଜମେଣ୍ଟ', ମାନବିକ ମୂଲ୍ୟବୋଧ ଏବଂ ଯୋଗ ବିଜ୍ଞାନ ପାଇଁ ଉତ୍କର୍ଷ କେନ୍ଦ୍ର ମାଧ୍ୟମରେ ବିଦ୍ୟାର୍ଥୀଙ୍କ ମାନସିକ ଶାନ୍ତି, ଚରିତ୍ର ଗଠନ ଓ ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ କରିବ । ଏହା ବ୍ୟତୀତ 'ଜଗଦ୍‌ଗୁରୁ କୃପାଳୁ କ୍ଲିନିକ୍', 'ଯୋଗ ଓ ପ୍ରାକୃତିକ ଚିକିତ୍ସାଳୟ' ଏବଂ ଗ୍ରାମୀଣ ଯୁବକ-ଯୁବତୀ ଓ ମହିଳାମାନଙ୍କ ପାଇଁ ବୃତ୍ତିଗତ କୌଶଳ ତାଲିମ କାର୍ଯ୍ୟକ୍ରମ ଦ୍ୱାରା ଏହା ସାମାଜିକ ଦାୟିତ୍ୱବୋଧର ଶ୍ରେଷ୍ଠ ଦୃଷ୍ଟାନ୍ତ ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ ହୋଇଛି । ଆମର ସୃଜନଶୀଳ ଯୁବଶକ୍ତି ଆଜି ଆଇଆଇଟି, ଆଇଆଇଏମ୍ ଏବଂ ଏମ୍ସ ଭଳି ଦେଶର ଶ୍ରେଷ୍ଠ ଅନୁଷ୍ଠାନଗୁଡ଼ିକ ସହିତ ମିଶି ଗବେଷଣା ଓ ନୂତନ ଜ୍ଞାନକୌଶଳର ବିକାଶରେ ଅତୁଳନୀୟ ଯୋଗଦାନ ଦେଉଛନ୍ତି । ଆଜିର ଯୁଗ ହେଉଛି କୌଶଳ ଓ ଦକ୍ଷତାର ଯୁଗ । ଓଡ଼ିଶାର ଯୁବ ସାମର୍ଥ୍ୟ ପାଇଁ ଆମ ସରକାର ଅପାର ସୁଯୋଗ ସୃଷ୍ଟି କରିବାକୁ ନିରନ୍ତର କାର୍ଯ୍ୟ କରୁଛନ୍ତି । ପ୍ରାଥମିକ ଶିକ୍ଷା ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ଶିକ୍ଷା ପର୍ଯ୍ୟନ୍ତ ଦେଶର ପ୍ରଥମ ରାଜ୍ୟ ଭାବେ କେଜିରୁ ପିଜି ପର୍ଯ୍ୟନ୍ତ ପାଠପଢାକୁ ନିଶୁଳ୍କ କରାଯାଇଛି । ଆଗାମୀ ଦିନରେ ରାଜ୍ୟରେ ଆଉ ୪ଟି ବିଶ୍ୱ ବିଦ୍ୟାଳୟ ମଧ୍ୟ ପ୍ରତିଷ୍ଠା ହେବାକୁ ଯାଉଛି । ସିଙ୍ଗାପୁରର ସହଯୋଗରେ ଶିଳ୍ପ ଜଗତର ଆବଶ୍ୟକତା ଅନୁଯାୟୀ ଯୁବକ-ଯୁବତୀମାନଙ୍କୁ ଆଧୁନିକ ସ୍କିଲ୍ ଟ୍ରେନିଙ୍ଗ୍ ପ୍ରଦାନ କରାଯାଉଛି ଏବଂ ଆମର ସରକାରୀ ଆଇଟିଆଇ ଗୁଡ଼ିକୁ 'ସେଣ୍ଟର ଅଫ୍ ଏକ୍ସଲେନ୍ସ' ଭାବେ ଗଢ଼ି ତୋଳାଯାଉଛି । ଇଣ୍ଡଷ୍ଟ୍ରିଆଲ୍ ଇନଭେଷ୍ଟମେଣ୍ଟ ଆମେ ପ୍ରାଧାନ୍ୟ ଦେଉଛୁ । ନିକଟରେ ନୀତି ଆୟୋଗର ଇନଭେଷ୍ଟମେଣ୍ଟ ଫ୍ରେଣ୍ଡ୍‌ଲି ଇଣ୍ଡେକ୍ସରେ ଓଡିଶା ପଞ୍ଚମ ସ୍ଥାନ ହାସଲ କରିଛି । ମୁଁ ସ୍ୱାମୀ ମୁକୁନ୍ଦାନନ୍ଦଜୀ ମହାରାଜ ଏବଂ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମକର୍ତ୍ତାଙ୍କୁ ଆଶ୍ୱାସନା ଦେଉଛି ଯେ, ଓଡ଼ିଶା ସରକାର ଏହି ଅନୁଷ୍ଠାନକୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସହଯୋଗ ପ୍ରଦାନ କରିବେ ।

## ଓୟୁଏଟି ପିଜି ଓ ପିଏଚଡି ଛାତ୍ରଛାତ୍ରୀ...

ଆନୁଷଙ୍ଗିକ କୋର୍ସ ପାଇଁ ମାସକୁ ୧୦,୦୦୦ ମିଳିବ ଏବଂ ପିଏଚ୍.ଡି ଗବେଷକଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ମାସକୁ ୧୫,୦୦୦ ମିଳିବ। ଏହି ସହାୟତାର ମୂଳ ଲକ୍ଷ୍ୟ ହେଉଛି ଉତ୍ତମ ଗବେଷଣାକୁ ପ୍ରୋତ୍ସାହନ ଦେବା ଏବଂ ଓଡ଼ିଶାର ମେଧାବୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା। ଆମ ଯୁବ ଗବେଷକଙ୍କ ପାଇଁ ଖର୍ଚ୍ଚ କରିବା ମାନେ ଓଡ଼ିଶାର ଚାଷୀମାନଙ୍କ ଭବିଷ୍ୟତକୁ ସୁରକ୍ଷିତ କରିବା। ଏହି ଟଙ୍କା ଦ୍ୱାରା ଆମର ଛାତ୍ରଛାତ୍ରୀମାନେ ବିନା ଆର୍ଥିକ ଚିନ୍ତାରେ ନୂଆ ଉଦ୍ଭାବନ ଓ ଗବେଷଣା ଉପରେ ଧ୍ୟାନ ଦେଇପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମତବ୍ୟକ୍ତ କରିଛନ୍ତି। ଏହି ସୁବିଧା ଓୟୁଏଟିର କୃଷି ଓ ଆନୁଷଙ୍ଗିକ ବିଷୟରେ ପଢୁଥିବା ନିୟମିତ ପିଜି ଏବଂ ପିଏଚ୍‌ଡି ଛାତ୍ରଛାତ୍ରୀଙ୍କ ପାଇଁ ଲାଗୁ ହେବ।

## ପ୍ରାରମ୍ଭିକ ଭାବେ ୧୧୦ କୋଟି...

ପଶୁ ଯଥା ମଇଁଷି, ଗାଈ ପିଛା ୩୭,୫୦୦ ଟଙ୍କା, ଛେଳି ବା ମେଣ୍ଢା ପିଛା ୪,୦୦୦ ଟଙ୍କା, ଭାରବାହୀ ପଶୁ ଯଥା ବଳଦ, ମଇଁଷି, ଘୋଡା ପିଛା ୩୨,୦୦୦ ଟଙ୍କା, ବାଛୁରୀ, ଗଧ ଏବଂ ଖଚ୍ଚର ପିଛା ୨୦,୦୦୦ ଟଙ୍କା ହିସାବରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯିବ । ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି ଯେ, ବନ୍ୟା ପ୍ରଭାବିତ ପ୍ରତ୍ୟେକ ପରିବାର ପର୍ଯ୍ୟନ୍ତ ତୁରନ୍ତ ରିଲିଫ୍ ଓ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ପହଞ୍ଚାଇବା ପାଇଁ ପ୍ରଶାସନ ନିରନ୍ତର କାର୍ଯ୍ୟ କରୁଛି। ବରିଷ୍ଠ ଅଧିକାରୀମାନେ ପରିସ୍ଥିତିର ଚବିଶ ଘଣ୍ଟିଆ ସମୀକ୍ଷା କରୁଥିବା ବେଳେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ସ୍ୱାଭାବିକ ପରିସ୍ଥିତି ଫେରିବା ପର୍ଯ୍ୟନ୍ତ ଜାରି ରହିବ। ଚଳିତ ବନ୍ୟାରେ ୨୨ଟି ଜିଲ୍ଲାର ୮୫ଟି ବ୍ଲକ୍, ୧୫ଟି ପୌରାଞ୍ଚଳ, ୬୫୬ଟି ଗ୍ରାମ ପଞ୍ଚାୟତ ଏବଂ ୧୪୫୮ଟି ଗ୍ରାମ ପ୍ରଭାବିତ ହୋଇଛି। ପ୍ରାୟ ୮ ଲକ୍ଷ ୬୩ ହଜାର ୯୦୯ ଜଣ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ, ପୂର୍ବ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ୨ ଲକ୍ଷ ୬୭ ହଜାର ୩୦୧ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତ ଅଞ୍ଚଳଗୁଡ଼ିକରେ ୫୨୯ଟି ରିଲିଫ୍ ଶିବିର ଓ ୩୧ଟି ପଶୁ ଶିବିର କାର୍ଯ୍ୟକ୍ଷମ ରହିଛି। ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସହାୟତା ପହଞ୍ଚାଇବା ପାଇଁ ପ୍ରାୟ ୪୧ କ୍ୱିଣ୍ଟାଲ ଚାଉଳ, ୧୧୧୫ କ୍ୱିଣ୍ଟାଲ ଚୁଡ଼ା, ୪୯୬ କ୍ୱିଣ୍ଟାଲ ଗୁଡ଼, ୩୮୬୯ଟି ପଲିଥିନ୍ ସିଟ୍ ସହ ବିଭିନ୍ନ ଜରୁରୀ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ସେହିପରି ପଶୁପାଳକମାନଙ୍କୁ ସହାୟତା ଦେବା ପାଇଁ ୧୮୧୬ ମେଟ୍ରିକ ଟନ୍ ଗୋଖାଦ୍ୟ ଯୋଗାଇ ଦିଆଯାଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ୨୦ଟି ଓଡ୍ରାଫ ଦଳ, ୭ଟି ଏନଡିଆରଏଫ ଦଳ ଓ ୧୭୨ଟି ଅଗ୍ନିଶମ ବାହିନୀ ଦଳ, ଅର୍ଥାତ୍ ସର୍ବମୋଟ ୧୯୯ଟି ଉଦ୍ଧାରକାରୀ ଦଳ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନିରନ୍ତର କାର୍ଯ୍ୟରତ ରହିଛନ୍ତି। ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟାରେ ୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫୬୭ଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ପ୍ରାୟ ୩୩,୪୫୮.୩୦ ହେକ୍ଟର ଚାଷଜମି ପ୍ରଭାବିତ ହୋଇଥିବାର ପ୍ରାରମ୍ଭିକ ଆକଳନ କରାଯାଇଛି। ବର୍ତ୍ତମାନ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ରିଲିଫ୍, ଉଦ୍ଧାର ଓ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଜାରିରହିଛି। ପ୍ରଭାବିତ ଲୋକଙ୍କୁ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ସ୍ୱାସ୍ଥ୍ୟସେବା, ପଶୁଚିକିତ୍ସା, ପଲିଥିନ୍ ସିଟ୍ ଏବଂ ଅନ୍ୟାନ୍ୟ ଜରୁରୀ ସହାୟତା ନିରନ୍ତର ଭାବେ ଯୋଗାଇ ଦିଆଯାଉଛି। ଇତିମଧ୍ୟରେ ଅତ୍ୟଧିକ ପ୍ରଭାବିତ ଜିଲ୍ଲାମାନଙ୍କୁ ୨୬ କୋଟି ଟଙ୍କାର ଅଗ୍ରୀମ ସହାୟତା ପ୍ରଦାନ କରାଯାଇଥିଲା।

## ବିକେପିପିଇଆର୍ ପ୍ରକଳ୍ପକୁ ...

ପ୍ରସ୍ତାବିତ ବିକେପିପିଇଆର୍ ଅଞ୍ଚଳରେ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତସିଂହପୁର ଜିଲ୍ଲାର ୧୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲ୍‌ବି) ସାମିଲ ହୋଇଛି । ପ୍ରକଳ୍ପ ଅଧୀନରେ ସମନ୍ୱିତ ଆଞ୍ଚଳିକ ପରିବହନ ବ୍ୟବସ୍ଥା (ରିଜିଓନାଲ ମୋବିଲିଟି), ସ୍ମାର୍ଟ ଓ ଜଳବାୟୁ ଅନୁକୂଳ ସହରୀ ଭିତ୍ତିଭୂମି, ସାଧାରଣ ପରିବହନ ବ୍ୟବସ୍ଥାର ବିସ୍ତାର, ମଲ୍ଟିମୋଡାଲ ହବ୍, କର୍ମଜୀବୀଙ୍କ ପାଇଁ ଆବାସ, ଭୁବନେଶ୍ୱର ନୂତନ ସହର, ସହର ପୁନର୍ବିକାଶ, ନଦୀତଟ ଓ ଜଳାଶୟ ବିକାଶ, ବନ୍ଦର ଭିତ୍ତିକ ଶିଳ୍ପ, ଜ୍ଞାନ ଓ ସ୍ୱାସ୍ଥ୍ୟ ହବ୍ ସମେତ ବହୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ରହିଛି।

ପ୍ରକଳ୍ପ ପ୍ରସ୍ତାବକୁ ଅନୁମୋଦନ ପରେ ଏହାକୁ ଅର୍ଥ ମନ୍ତ୍ରଣାଳୟର ଡିପାର୍ଟମେଣ୍ଟ ଅଫ୍ ଇକୋନୋମିକ୍ ଆଫେୟାର୍ସ (ଡିଇଏ) ପୋର୍ଟାଲରେ ଅପଲୋଡ୍ କରାଯାଇ ପରବର୍ତ୍ତୀ ମୂଲ୍ୟାଙ୍କନ ଓ ଅନୁମୋଦନ ପ୍ରକ୍ରିୟା ଆରମ୍ଭ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା ।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପାର୍ଟନରଙ୍କୁ ପତ୍ନୀ ଭଳି ମିଳିବ...

ପାଇବାରୁ ବଞ୍ଚିତ ହେଉଥିଲେ । ସୁପ୍ରିମ୍ କୋର୍ଟଙ୍କ ଏହି ଐତିହାସିକ ରାୟ ପରେ ଏବେ ସେମାନେ ନିଜ ଅଧିକାର ପାଇଁ ଅଦାଲତର ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିପାରିବେ । କୋର୍ଟଙ୍କ କହିବା ଅନୁଯାୟୀ, କ୍ରୂରତା ବିରୋଧରେ ଆଇନଗତ ସୁରକ୍ଷା ପାଇବାର ଅଧିକାର କେବଳ କାଗଜପତ୍ରର ବିବାହ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ । ସମାଜର ବଦଳୁଥିବା ପରିସ୍ଥିତି ସହ ଆଇନ ମଧ୍ୟ ଆଗକୁ ବଢ଼ିବା ଆବଶ୍ୟକ । ଲିଭ୍-ଇନ୍ ସମ୍ପର୍କରେ ରହୁଥିବା ପାର୍ଟନର ପୁରୁଷ ହୁଅନ୍ତୁ କିମ୍ବା ସ୍ତ୍ରୀ, ଏହା ଦ୍ୱାରା କୌଣସି ଫରକ ପଡ଼ିବ ନାହିଁ । ନିର୍ଯାତନାର ଶିକାର ହେଉଥିବା ପ୍ରତ୍ୟେକଙ୍କୁ ବିଏନଏସ ୮୫-୮୬ ଅଧୀନରେ ଆଇନଗତ ଆଶ୍ରୟ ମିଳିବ ।

## ପୁରୀ ରଥଯାତ୍ରାକୁ ୟୁନେସ୍କୋ...

ଏହି ମହାପର୍ବର ଅସାଧାରଣ ସାଂସ୍କୃତିକ ମହତ୍ତ୍ୱ ଏବଂ ସାମ୍ପ୍ରଦାୟିକ ସଦ୍‌ଭାବ ଓ ମାନବୀୟ ମୂଲ୍ୟବୋଧର ସାର୍ବଜନୀନ ବାର୍ତ୍ତାକୁ ଦୃଷ୍ଟିରେ ରଖି, ପ୍ରସ୍ତାବଟିର ପରୀକ୍ଷାକୁ ତ୍ୱରାନ୍ୱିତ କରିବା ସହିତ ୟୁନେସ୍କୋ ନିକଟରେ ଏହାର ନାମାଙ୍କନ ପ୍ରକ୍ରିୟାକୁ ଶୀଘ୍ର ଆଗକୁ ବଢ଼ାଇବା ପାଇଁ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକ ସହଯୋଗ ପ୍ରଦାନ କରିବାକୁ କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି ମୁଖ୍ୟମନ୍ତ୍ରୀ ।

## ଦିଲ୍ଲୀରେ ଉତ୍କଳମଣି ଗୋପବନ୍ଧୁ...

ଡ. ସଂତୃପ୍ତ ମିଶ୍ର ଏବଂ ଅନ୍ୟ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ ବୋଲି ଲୋକସେବକ ମଣ୍ଡଳର ମିଡିଆ ପ୍ରଭାରୀ ରବି ଶଙ୍କର ମିଶ୍ର କହିଛନ୍ତି। ଦୀପକ ମାଲବ୍ୟ ଏବଂ ରାଜେନ୍ଦ୍ର କୁମାର ଜେନା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ ଏବଂ ସମସ୍ତେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ଶ୍ରୀଲଙ୍କା ଟେଷ୍ଟ ସିରିଜ୍ ପାଇଁ ଭାରତୀୟ ଦଳ ଘୋଷଣା; ୪ ଖେଳାଳି ବାହାର



**ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ। ପ୍ରଥମ ମ୍ୟାଚ୍ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ ୨୭ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ତେବେ ଏହି ସିରିଜ୍ ପୂର୍ବରୁ ଭାରତୀୟ ଦଳର ଚିନ୍ତା ଥମିବାର ନାଁ ନେଉନି। କାରଣ ଜଣେ ପରେ ଜଣେ ଖେଳାଳି ଆହତ ଜନିତ ସମସ୍ୟା ପାଇଁ ଫିଟ୍ ହୋଇ ପାରି ନାହାନ୍ତି। ଫଳରେ ସିରିଜ୍ ଆରମ୍ଭ ହେବା ପୂର୍ବରୁ ଦଳ ପାଇଁ ଏହା ବହୁତ ବଡ ଝଟକା ହୋଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ ଦୃଷ୍ଟିରୁ ଶ୍ରୀଲଙ୍କା ବିପକ୍ଷ ସିରିଜ୍ ଭାରତ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ରହିଛି। କାରଣ ଦଳକୁ ଯଦି ଫାଇନାଲ୍ ଦୌଡରେ ରହିବାର ଅଛି ତେବେ ଏହି ସିରିଜ୍ ଜିତିବା ନିହାତି ଆବଶ୍ୟକ। ଯଦି ଦଳ ପରାଜିତ ହୁଏ ତେବେ ଡବ୍ଲ୍ୟୁଟିସି ଦୌଡରୁ ବାଦ୍ ପଡିବାର ସମ୍ଭାବନା ବଢ଼ିଯିବ। ତେବେ ଦଳକୁ ସନ୍ତୁଳନ ପ୍ରଦାନ କରୁଥିବା ଚାରି ଷ୍ଟାର ଖେଳାଳି ଆହତ କାରଣରୁ ସିରିଜରୁ ବାହାରି ସାରିଛନ୍ତି।

ଅଲରାଉଣ୍ଡର ନୀତିଶ କୁମାର ରେଡ୍ଡୀ ଜଂଘର ମାଂସପେଶୀ ଟାଣି ଧରିବାରୁ ତାଙ୍କୁ ଦଳରେ ସ୍ଥାନ ମିଳିନି। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ନୀତିଶ କୁମାର ରେଡ୍ଡୀ କେବଳ ସୀମିତ ଓଭର କ୍ରିକେଟରେ ଭାରତ ପାଇଁ ଉପଯୋଗୀ ସାବ୍ୟସ୍ତ ହୁଅନ୍ତିନି ବରଂ ଟେଷ୍ଟ ପାଇଁ ମଧ୍ୟ ଦଳକୁ ସନ୍ତୁଳନ ପ୍ରଦାନ କରନ୍ତି। ରେଡ୍ଡୀ ନ ରହିବା ଦଳ ପାଇଁ ବହୁତ ବଡ ଝଟକା। ଓ୍ୱାଶିଂଟନ ସୁନ୍ଦରଙ୍କ ପାଦରେ ଆଘାତ ଲାଗିଥିବାରୁ ତାଙ୍କୁ ଶ୍ରୀଲଙ୍କା ସିରିଜରୁ ବାଦ୍ ଦିଆଯାଇଛି। ହର୍ଷିତ ରାଣା ମଧ୍ୟ ଦଳରୁ ବାଦ୍ ପଡିଛନ୍ତି। ସେ ଉଭୟ ବୋଲିଂ ଏବଂ ବ୍ୟାଟିଂରେ ଦଳ ପାଇଁ ଉପଯୋଗୀ ଯୋଗଦାନ ଦେଇଥାନ୍ତି। ପୁଣି ଦଳର ପ୍ରମୁଖ ଅସ୍ତ୍ର ଯଶପ୍ରୀତ ବୁମରା ମଧ୍ୟ ଆହତ ସମସ୍ୟା କାରଣରୁ ଟେଷ୍ଟ ସିରିଜରୁ ବାଦ୍ ପଡିଛନ୍ତି। ତାଙ୍କ ସ୍ଥାନରେ ଆକିବ ନବୀ ଡାରଙ୍କ ଚୟନ ହୋଇଛି। ସେହିପରି ସାଇ ସୁଦର୍ଶନଙ୍କ ଖେଳିବା ନେଇ ମଧ୍ୟ ସଂଶୟ ରହିଛି। କାରଣ ତାଙ୍କର ଫିଟନେସ୍ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ଯଦି ସ୍ୱାସ୍ଥ୍ୟ ଯାଞ୍ଚ ବେଳେ ସାଇ ସୁଦର୍ଶନ ଅନଫିଟ୍ ରୁହନ୍ତି ତେବେ ଦଳକୁ ପଞ୍ଚମ ଝଟକା ଲାଗିପାରେ। ଏମିତି ସ୍ଥିତିରେ ଶୁଭମନ ଗିଲଙ୍କ ଟିମ୍ କାଗଜରେ ବହୁତ ଦୁର୍ବଳ ନଜର ଆସିବ।

ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍ ପାଇଁ ଭାରତର ସଦ୍ୟତମ ଦଳ

ଶୁଭମନ ଗିଲ୍(ଅଧିନାୟକ), କେଏଲ ରାହୁଲ(ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଋଷଭ ପନ୍ତ(ୱିକେଟ୍ କିପର), ସାଇ ସୁଦର୍ଶନ(ଫିଟନେସ୍ ଉପରେ ନିର୍ଭର), ଧ୍ରୁବ ଜୁରେଲ(ୱିକେଟ୍ କିପର), ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମାନବ ସୁଥାର, ମହମ୍ମଦ ସିରାଜ, ପ୍ରସିଦ୍ଧ କୃଷ୍ଣା, ଗୁରନୁର ବରାର, ଦେବଦତ୍ତ ପାଡିକଲ, ସାରାଂଶ ଜୈନ, ଆକିବ ନବୀ ଡାର।

# ବୁମରାଙ୍କ ସ୍ଥାନରେ ଆକିବ ନବି



**ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** ଜମ୍ମୁ କାଶ୍ମୀରର ଦ୍ରୁତ ବୋଲର ଆକିବ ନବିଙ୍କୁ ଟିମ୍ ଇଣ୍ଡିଆ ପାଇଁ ଚୟନ କରାଯାଇଛି। ସେ ଶ୍ରୀଲଙ୍କା ବିପକ୍ଷରେ ଭାରତ ଟେଷ୍ଟ ସିରିଜରେ ଯଶପ୍ରୀତ ବୁମରାଙ୍କ ସ୍ଥାନ ନେବେ। ବୁମରା ଶେଷ ମୁହୂର୍ତ୍ତରେ ଶ୍ରୀଲଙ୍କା ଟେଷ୍ଟ ଦଳରୁ ଓହରି ଯିବାକୁ ବାଧ୍ୟ ହୋଇଥିଲେ। ତାଙ୍କର ବାମ ଆଣ୍ଠୁରେ ସମସ୍ୟା ରହିଛି, ଯାହା ଫଳରେ ବିସିସିଆଇ ଡାକ୍ତରୀ ଦଳ ତାଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛନ୍ତି। ଘାତକ ବୁମରା ବାଦ ପଡ଼ିବା ପରେ, କିଏ ସୁଯୋଗ ପାଇବ ସେ ବିଷୟରେ କଳ୍ପନାଜଳ୍ପନା ଲାଗି ରହିଥିଲା। ଏକାଧିକ ଖେଳଳିଙ୍କ ନାମ ସାମ୍ନାକୁ ଆସୁଥିଲା। କିନ୍ତୁ ରଣଜୀ କିଙ୍ଗ୍ ଜମ୍ମୁ କାଶ୍ମୀରର ଆକିବ ନବିଙ୍କୁ ଶେଷରେ ଡକରା ଆସିଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ପାଇଁ ନବିଙ୍କୁ ଟିମ୍ ଇଣ୍ଡିଆରେ ସ୍ଥାନ ମିଳିଛି। ରଣଜୀ ଟ୍ରଫି ମ୍ୟାଚରେ ଜମ୍ମୁ କାଶ୍ମୀର ପାଇଁ କିଙ୍ଗ୍ ସାଜିଥିବା ଆକବି ନବିଙ୍କୁ ବୁମରାଙ୍କ ବଦଳ ଖେଳାଳି ଘୋଷଣା କରିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ।

ବିସିସିଆଇ ତାର ଏକ୍ସ ହ୍ୟାଣ୍ଡେଲରେ ଆକିବ ନବିଙ୍କ ଚୟନ ଖବର ସେୟାର କରି କହିଛି ଯେ, ଏହା ପ୍ରଥମ ଥର ଜମ୍ମୁ କାଶ୍ମୀରର ଜଣେ ବୋଲରଙ୍କୁ ଭାରତର ଟେଷ୍ଟ ଦଳ ପାଇଁ ଚୟନ କରାଯାଇଛି। ଘରୋଇ କ୍ରିକେଟରେ ପ୍ରଭାବଶାଳୀ ପ୍ରଦର୍ଶନ ଯୋଗୁଁ ଭାରତର ଟେଷ୍ଟ ଦଳରେ ଆକିବ ନବିଙ୍କ ସାମିଲ ହୋଇଛି। ନବି ଗତ ଦୁଇଟି ରଣଜୀ ଟ୍ରଫି ସିଜନରେ ୧୦୪ଟି ୱିକେଟ୍ ନେଇଛନ୍ତି। ସେ ୨୦୨୫-୨୬ ସିଜନରେ ଏଥିମଧ୍ୟରୁ ୬୦ ୱିକେଟ୍ ନେଇଥିଲେ, ଯାହା ଜମ୍ମୁ କାଶ୍ମୀରକୁ ପ୍ରଥମ ରଣଜୀ ଟ୍ରଫି ଟାଇଟଲ୍ ଜିତିବାରେ ସହାୟକ ହୋଇଥିଲା। ଡାହାଣହାତୀ ଦ୍ରୁତ ବୋଲର ନବି ମଧ୍ୟ ଶ୍ରୀଲଙ୍କା ଗସ୍ତ କରିଥିବା ଭାରତ ଏ ଦଳର ଅଂଶ ଥିଲେ। ସେ ସେଠାରେ ଦୁଇଟି ଟେଷ୍ଟ ମ୍ୟାଚ୍ ରେ ୬ଟି ୱିକେଟ୍ ନେଇଥିଲେ।

# ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତୀୟ ଦଳର ପ୍ରଦର୍ଶନକୁ ନେଇ ଗର୍ବିତ: ପ୍ରଧାନମନ୍ତ୍ରୀ ମୋଦି



**ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** ଆଜି ସକାଳେ ଏକ ଏକ୍ସ-ପୋଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାରେ ଭାରତୀୟ ଦଳର ପ୍ରଦର୍ଶନକୁ ନେଇ ଗର୍ବ ଓ ଖୁସି ବ୍ୟକ୍ତ କରିବା ସହ ବିଜେତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଖେଳରେ ଭାରତ ୧୩ଟି ସ୍ୱର୍ଣ୍ଣ, ୧୭ଟି ରୌପ୍ୟ ଏବଂ ୯ଟି ବ୍ରୋଞ୍ଜ ପଦକ ସହ ମୋଟ ୩୯ଟି ପଦକ ଜିତିଛି। ଅଷ୍ଟ୍ରେଲିଆ, ଇଂଲଣ୍ଡ ଏବଂ କାନାଡା ପରେ ଭାରତ ଚତୁର୍ଥ ସ୍ଥାନରେ ରହିଥିଲା।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଲେଖିଛନ୍ତି, 'ଭାରତ ୧୩ଟି ସ୍ୱର୍ଣ୍ଣ ସମେତ ୩୯ଟି ପଦକ ଜିତିଥିବାରୁ ଆନନ୍ଦିତ। ପଦକ ବିଜେତାମାନଙ୍କୁ ଅଭିନନ୍ଦନ। ସମଗ୍ର କ୍ରୀଡ଼ାରେ, ଆମର ପ୍ରତିଭାବାନ କ୍ରୀଡ଼ାବିତ୍ମାନେ ମହାନ କୌଶଳ, ଦୃଢ଼ ସଂକଳ୍ପ ଏବଂ ସମର୍ପଣ ପ୍ରଦର୍ଶନ କରିଛନ୍ତି। ତାଙ୍କର କଠିନ ପରିଶ୍ରମ ଆମ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ। ଭବିଷ୍ୟତର ପ୍ରୟାସ ପାଇଁ ସମଗ୍ର ଭାରତୀୟ ଦଳକୁ ମୋର ଶୁଭେଚ୍ଛା। ସେମାନେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖନ୍ତୁ ଏବଂ ଦେଶକୁ ଗର୍ବିତ କରନ୍ତୁ'।

ଉଲ୍ଲେଖନୀୟ କଥା ହେଉଛି, ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଭାରତୀୟ ସମୟ ଅନୁସାରେ ବିଳମ୍ବିତ ରାତିରେ ସ୍କଟଲ୍ୟାଣ୍ଡରେ ସମାପ୍ତ ହୋଇଥିଲା। କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ଋଷଭ ରିଖିରାମ, ଶଙ୍କର ମହାଦେବନଙ୍କ ଭଳି କଳାକାରଙ୍କ ପ୍ରଦର୍ଶନ ଦର୍ଶକଙ୍କ ହୃଦୟ ଜିତିଥିଲା। ଆୟୋଜକ ସ୍କଟଲ୍ୟାଣ୍ଡ ଏବଂ ଭାରତ ପଦକ ତାଲିକାରେ ମିଳିତ ଭାବେ ଚତୁର୍ଥ ସ୍ଥାନରେ ରହିଥିଲେ। ୭୦ଟି ସ୍ୱର୍ଣ୍ଣ ପଦକ ସମେତ ମୋଟ ୧୭୧ଟି ପଦକ ସହ ଅଷ୍ଟ୍ରେଲିଆ ପଦକ ତାଲିକାର ଶୀର୍ଷରେ ରହିଥିଲା।

# ମୋ ଜୀବନର ଅଧୁରା ସ୍ୱପ୍ନ ବାକି ରହିଛି: ମୀରାବାଈ ଚାନୁ

**ନୂଆଦିଲ୍ଲୀ, ୩।୮ (ଏଜେନ୍ସି):** କ୍ରମାଗତ ତୃତୀୟ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ଜିତିଥିଲେ ବି ଭାରୋତ୍ତୋଳନକାରୀ ସାଇଖୋମ୍ ମୀରାବାଈ ଚାନୁଙ୍କ ଗୋଟିଏ ସ୍ୱପ୍ନ ଏବେ ବି ଅଧୁରା ରହିଛି। ତାହା ହେଉଛି ଏସୀୟ କ୍ରୀଡ଼ା ପଦକ। ଏହା କାରଣରୁ ସେ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ସଫଳତାକୁ ପାଳନ କରିବା ବଦଳରେ ଏବେଠାରୁ ଏସୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

ଏ ନେଇ ମୀରାବାଈ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣପଦକ ଜିତିବାର ୨୪ ଘଣ୍ଟା ମଧ୍ୟରେ ହିଁ ସେ ଏସୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିଲେ। " ଆଗାମୀ ଏସୀୟ କ୍ରୀଡ଼ା ମୋ ପାଇଁ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ମୁଁ ଏସୀୟ କ୍ରୀଡ଼ା ପଦକ ଜିତିନାହିଁ, ଏଣୁ ମୁଁ ଏହି ପଦକ ଜିତିବାକୁ ଚାହୁଁଛି। ପ୍ରତି ଏସୀୟ କ୍ରୀଡ଼ା ପୂର୍ବରୁ ମୁଁ ଆହତ ହୋଇଯାଏ କିମ୍ବା ଅନ୍ୟ କିଛି ଘଟିଯାଏ ଯେ ପଦକ ପାଇପାରେ ନାହିଁ। ଏଥର ମୁଁ ସେସବୁ ସମସ୍ୟା ଦୂର କରିବାକୁ ଚାହୁଁଛି ଓ ମୋର ସଂପୂର୍ଣ୍ଣ ଫୋକସ୍ ଏସୀୟ କ୍ରୀଡ଼ା ଉପରେ ରହିଛି। ଏହି ଗୋଟିଏ ମାତ୍ର ଟାଇଟଲ୍ ମୁଁ ଜିତିବାକୁ ଚାହୁଁଛି। ଏଥର ମୋ ପାଇଁ ଏକ ମାତ୍ର ଓ ସର୍ବଶ୍ରେଷ୍ଠ ସୁଯୋଗ ଅଛି ବୋଲି ଭାବି ପ୍ରତିଦ୍ୱନ୍ଦ୍ୱିତା କରିବି।''



ମୀରାବାଈ ୨୦୧୪ରେ ନିଜର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପଦାର୍ପଣ ଠାରୁ ଏପର୍ଯ୍ୟନ୍ତ କ୍ରମାଗତଭାବେ ପଦକ ଜିତିଆସୁଛନ୍ତି। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀରେ ମହିଳା ୪୮ କେଜିରେ ସେ ରୌପ୍ୟ ପଦକ ଜିତିଥିଲେ। କିନ୍ତୁ ୨୦୧୮ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀଠାରୁ ୨୦୨୬ ଗ୍ଲାସ୍‌ଗୋ ପର୍ଯ୍ୟନ୍ତ ସେ କ୍ରମାଗତ ସ୍ୱର୍ଣ୍ଣପଦକ ଜିତିଆସୁଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ବ୍ୟତୀତ ସେ ଟୋକିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଏବଂ ୨୦୧୭ ବିଶ୍ୱ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ଜିତି ସ୍ମରଣୀୟ ସଫଳତା ହାସଲ କରିଛନ୍ତି। କିନ୍ତୁ ଏତେ ସବୁ ଉପଲବ୍ଧି ସତ୍ତ୍ୱେ ତାଙ୍କ ସମୃଦ୍ଧ ପଦକ ତାଲିକାରେ ଏସୀୟ କ୍ରୀଡ଼ା ପଦକ ଏବେ ମଧ୍ୟ ଅନୁପସ୍ଥିତ ରହିଛି, ଯାହାକୁ ସେ ନିଜ କ୍ୟାରିୟରର ଏକମାତ୍ର ଅପୂର୍ଣ୍ଣ ଅଧ୍ୟାୟ ବୋଲି ମନେ କରନ୍ତି।

# ଇଣ୍ଡିଆନ୍ ଚ୍ୟାଲେଞ୍ଜର କପ୍ କରାଟେ: ଓଡିଶାକୁ ୫୧ ସ୍ୱର୍ଣ୍ଣ ସହ ୬୬ ପଦକ




**ଭୁବନେଶ୍ୱର, ୩।୮ (ଜାଓ):** କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ଆୟୋଜିତ ଦଶମ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତା "ଇଣ୍ଡିଆନ୍ ଚ୍ୟାଲେଞ୍ଜର୍ କପ୍"ରେ ଓଡିଶା କରାଟେକା ୫୧ ସ୍ୱର୍ଣ୍ଣ, ୧୧ ରୌପ୍ୟ ଓ ୪ କାଂସ୍ୟ ପଦକ ସହ ମୋଟ ୬୬ ପଦକ ଜିତିଛନ୍ତି। ଏହି ସଫଳତା ଲାଗି ପଦକ ବିଜେତାଙ୍କୁ ଓଡିଶା କରାଟେ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

**ସ୍ୱର୍ଣ୍ଣ ପଦକ ବିଜୟୀ:** ଊର୍ଜା ସାମନ୍ତ, ରିସାନ ଦାସ, ଜିତିକା ସାମନ୍ତ, ଜିତିଶା ସାମନ୍ତ, ଆଦ୍ଭିକ୍ ନାୟକ, ପ୍ରତୀକ୍ଷା ପଣ୍ଡା, ସୁର୍ଯ୍ୟାଂଶ ପଣ୍ଡା, ଈଶାନୀ ପଣ୍ଡା (ପ୍ରତ୍ୟେକ ୨ଟି ଲେଖାଏଁ), ନ୍ୟାସା କୁମାରୀ, ଦିବ୍ୟପ୍ରସାଦ ନାୟକ, ରୋଶନ ସାଇ ପାଲ୍, ଓମ୍ ସତ୍ୟମ ମହାନ୍ତି, ଆଦ୍ୟାଶା ଷଡଙ୍ଗୀ, ସ୍ନିଗ୍ଧା ସୁବୁଦ୍ଧି, ତୁଷାର ବିଶ୍ୱାଳ, ରାଜୀବ ଭୋଇ, ଦେବାଶ୍ରିତା ମହାନ୍ତି, ସଞ୍ଜେଲ ମୁର୍ମୁ, ସଞ୍ଜନା ମୁର୍ମୁ, ସାହେବ ବେରା, ସାରଣ ସୋରେଣ, ଶ୍ରେୟାନ ମାଜି, ଏ ଯଶବନ୍ତ କୁମାର, ଇନ୍ଦ୍ରାଣୀ ବେରା, ତ୍ରିଲୋଚନ ରଣା, ତ୍ରିନାଥ ରଣା, ଚନ୍ଦନା ପ୍ରିୟଦର୍ଶିନୀ, ସେରଜିତ ଦାସ, ସ୍ୱୟଂ ପ୍ରକାଶ ଶତପଥୀ, ସୁମନା ଦାସ, ସୁଜ୍ଞାନୀ ସାବତ, ଆଦ୍ୟାଶା ପ୍ରିୟଦର୍ଶିନୀ, ଶଶାଙ୍କ ମହାରଣା, ବିଦ୍ୟାଂଶୁ ସାହୁ, ଦିଶାନ୍ତିକା ପଣ୍ଡା, ଶ୍ରେୟା ଶୁଭଦର୍ଶିନୀ, ରେୟାଂଶୁ ପଣ୍ଡା, ଦିବିତ ସ୍ୱାଇଁ, ଲେଲେଶ ବିଶ୍ୱାଳ, ମୋକ୍ଷିତା ପଣ୍ଡା, ସୂର୍ଯ୍ୟ ନାରାୟଣ ମାର୍ଥା।

**ରୌପ୍ୟ ପଦକ ବିଜୟୀ:** ରୋହିତ କୁମାର ସ୍ୱାଇଁ, ଓମ୍ ଶୁଭମ ମହାନ୍ତି, ଅଦ୍ୟାଶା ଷଡଙ୍ଗୀ, ଅଙ୍କୁଶ କୁମାର ବାରିକ, ମାର ବାରିକ, ସାହେବ ବେରା, ସୁମନା ଦାସ, ସୋହମ ସ୍ୱାଇଁ, ଶୁଭଙ୍କର ଦେବନାଥ, ଆୟୁଷ୍ମାନ ପାତ୍ର, ଆହାନ୍ନା ଜୋଷୀ।

**କାଂସ୍ୟ ପଦକ ବିଜୟୀ:** ଆଶୁତୋଷ ବେହେରା, ପ୍ରୟାସ ଘୋଷ, ଶଶାଙ୍କ ମହାରଣା।

# ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬(ଅନ୍ତିମ ଭାଗ -ଏଗାର)

commonwealth games
GLASGOW 2026

## ହର୍ଷ ଉଲ୍ଲାସ ମଧ୍ୟରେ ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡା ଶେଷ

**ସଞ୍ଜୀବ କୁମାର ଦାସ**

**ଭୁବନେଶ୍ୱର, ୩।୮ (ଜାଓ):** ସ୍କଟଲାଣ୍ଡର ଗ୍ଲାସଗୋରେ ଜୁଲାଇ ୨୩ ରୁ ଅଗଷ୍ଟ ୨, ୨୦୨୬ ପର୍ଯ୍ୟନ୍ତ ଏଗାର ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୩ତମ ସଂସ୍କରଣର ପରିସମାପ୍ତି ହୋଇଛି। ପ୍ରାୟ ୩,୦୦୦ ଖେଳାଳିଙ୍କୁ ନେଇ ସ୍ୱଳ୍ପ ବଜେଟ ଯୁକ୍ତ ଏହି ସଂସ୍କରଣରେ ୧୦ଟି ମୁଖ୍ୟ କ୍ରୀଡ଼ାରେ ୨୧୫ଟି ପଦକ ଇଭେଣ୍ଟର ପ୍ରାବଧାନ ଥିଲା। ୭୪ଟି ପ୍ରତିଯୋଗୀ ଦେଶ ଏବଂ ସାମିଲ ଅନ୍ୟ ଅଞ୍ଚଳଗୁଡ଼ିକର ଖେଳାଳି ମାନଙ୍କୁ ମୋଟ ୬୪୫ ପଦକ ବଣ୍ଟନ କରାଯାଇଥିଲା। ମୂଳ ଆୟୋଜକ ଭିକ୍ଟୋରିଆ, ଅଷ୍ଟ୍ରେଲିଆର ପ୍ରତ୍ୟାହାର ପରେ ବଜେଟ୍ ସୀମାବଦ୍ଧତା ଯୋଗୁଁ ଗ୍ଲାସଗୋ ୨୦୨୬ କାର୍ଯ୍ୟକ୍ରମ ଦଶଟି ମୁଖ୍ୟ ଏବଂ ସମନ୍ୱିତ ପାରା-କ୍ରୀଡା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ହକି, କୁସ୍ତି ଏବଂ ସୁଟିଂ ଭଳି ପାରମ୍ପରିକ ଇଭେଣ୍ଟଗୁଡ଼ିକୁ ଏହି ଖେଳରୁ ବାଦ ଦିଆଯାଇଥିଲା ଓ କେବଳ ଆଥଲେଟିକ୍ସ ଏବଂ ପାରା-ଆଥଲେଟିକ୍ସ ସନ୍ତରଣ, ଟ୍ରାକ୍ ସାଇକେଲିଂ ଏବଂ ପାରା-ସାଇକ୍ଲିଂ, ଓଜନ ଉଠାଇବା ଏବଂ ପାରା-ପାୱାରଲିଫ୍ଟିଂ, ଜୁଡୋବକ୍ସିଂ, କଳାତ୍ମକ ଜିମ୍ନାଷ୍ଟିକ୍ସ, ଲନ୍ ବୋଲ୍ସ, ବାସ୍କେଟବଲ୍ ଓ ନେଟବଲ୍ ଓ ଅଂଶଗ୍ରହଣକାରୀ ସମସ୍ତ ୭୪ଟି ରାଷ୍ଟ୍ର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଂଘ ଗ୍ଲାସଗୋ ଖେଳରେ ଅଂଶଗ୍ରହଣ କରିଥିଲେ। ଏହି ଦେଶଗୁଡ଼ିକ ସାର୍ବଭୌମ ରାଜ୍ୟ, ଯୁକେ ଘରୋଇ ଦେଶ ଏବଂ ବିଭିନ୍ନ ବିଦେଶୀ ଅଞ୍ଚଳକୁ ନେଇ ଗଠିତ ହୋଇଥିଲା। ୨୦୨୬ ସଂସ୍କରଣରେ ଦୁଇଟି ଐତିହାସିକ ଡେବ୍ୟୁଆଣ୍ଟ - ଗାବନ୍ ଏବଂ ଟୋଗୋ - ସାମିଲ ଥିଲେ ଯାହାର ବ୍ରିଟିଶ ସାମ୍ରାଜ୍ୟ ସହିତ ସିଧାସଳଖ ଐତିହାସିକ ସମ୍ପର୍କ ନାହିଁ କିନ୍ତୁ ୨୦୨ ୨ ରେ କମନଓ୍ୱେଲଥରେ ଯୋଗ ଦେଇଥିଲେ। ଟିମ୍ ଇଣ୍ଡିଆର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଭାରତ ୧୨୨ ଜଣ ଖେଳାଳିଙ୍କ ଏକ ଦଳ ପଠାଇଥିଲା। ହକି, କୁସ୍ତି ଏବଂ ସୁଟିଂ ଭଳି ପାରମ୍ପରିକ ପ୍ରଭାବଶାଳୀ କ୍ରୀଡ଼ାର ବିଲୋପ ସତ୍ତ୍ୱେ ଭାରତ ୩୯ ପଦକ (୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ, ୯ କାଂସ୍ୟ) ଲାଭ ସହିତ ତାଲିକାରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ଭାରୋତ୍ତୋଳନରେ ମୀରାବାଇ ଚାନୁ ଏହି କ୍ରୀଡା ଇତିହାସରେ ସ୍ୱର୍ଣ୍ଣ ପଦକର ଏକ ଐତିହାସିକ ହ୍ୟାଟ୍ରିକ୍ ସୁରକ୍ଷିତ କରିଥିଲେ। ବକ୍ସିଂରେ ରେକର୍ଡ ୭ ସ୍ୱର୍ଣ୍ଣ ପଦକ ଜିତି ଦେଶକୁ ଗୌରବାନ୍ୱିତ କରିଥିଲା। ଆଥଲେଟିକ୍ସ ରେ ନୀରଜ ଚୋପ୍ରା ପୁରୁଷ ଜାଭେଲିନ୍ ଥ୍ରୋରେ ରୌପ୍ୟ ଜିତିଥିଲେ, ଏବଂ ଗୁଲବୀର ସିଂହ ଗୋଟିଏ କ୍ରୀଡାରେ ଦୁଇଟି ବ୍ୟକ୍ତିଗତ ପଦକ ଜିତିଥିବା ପ୍ରଥମ ଭାରତୀୟ ଟ୍ରାକ୍ ଏବଂ ଫିଲ୍ଡ ଆଥଲେଟ ହୋଇଥିଲେ।

ଏହି ରାଜ୍ୟଗୋଷ୍ଠୀ କ୍ରୀଡ଼ା କାର୍ଯ୍ୟକ୍ରମର ମୂଳମନ୍ତ୍ର ଥିଲା 'କ୍ରୀଡା କେବଳ ଆରମ୍ଭ'।

ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାର 'ଲୋଗୋ' ଏକ ଐତିହାସିକ ପ୍ରଥମ, ଯାହା ସ୍ପନ୍ଦନଶୀଳ ରାଜ୍ୟଗୋଷ୍ଠୀ କ୍ରୀଡା 'ଉପଲକ୍ଷ୍ୟ ଚିହ୍ନ' କୁ ଗ୍ଲାସଗୋର ପ୍ରତୀକାତ୍ମକ ସ୍ଥାନଗୁଡ଼ିକର 'ଷ୍ଟାଇଲାଇଜଡ୍ ପ୍ରତିନିଧିତ୍ୱ' ସହିତ ଏକୀକୃତ କରିଛି ଓ ଅନୁମୋଦିତ ମାସ୍କଟ୍ 'ଫିନି', ଏକ ସ୍ପନ୍ଦନଶୀଳ ଗୋଲାପୀ-ବାଇଗଣୀ କେଶ ଏବଂ ଏକ ଅନନ୍ୟ କମଳା-ଧଳା ଶୃଙ୍ଗ ସହିତ ଏକ ଶକ୍ତିଶାଳୀ ୟୁନିକର୍ଣ୍ଣ। ଅଷ୍ଟ୍ରେଲିଆ ପୁନଶ୍ଚ ମେଡାଲ ତାଲିକାରେ ତା'ର ଦବଦବା ବଳବତ୍ତର ରଖିଛି ଓ ୭୦ ଟି ସ୍ୱର୍ଣ,୪୫ ଟି ରୌପ୍ୟ ଏବଂ ୫୬ ଟି କାଂସ୍ୟ ପଦକ ହାତେଇ ନେଇ ମୋଟ ୧୭୧ ମେଡାଲର ଅଧିକାରୀ ହୋଇଛି ଏବଂ ତାଲିକାର ଶୀର୍ଷରେ ରହିଛି।

ଦେଶ ୨୦୨ ୨ ରେ ୬୭ ଟି ସ୍ୱର୍ଣ୍ଣ ,୫୭ ଟି ରୌପ୍ୟ ଓ ୫୫ ଟି କାଂସ୍ୟ ସହ ମୋଟ ୧୭୯ ଟି ପଦକ ନେଇ ପ୍ରଥମ ସ୍ଥାନରେ ଥିଲା। ଦ୍ୱିତୀୟ ସ୍ଥାନରେ ଥିବା ଇଂଲଣ୍ଡ ୧୦୦ ପଦକ ସୀମା ମଧ୍ୟ ପାର କରିଛି ଓ ଏହି ଦେଶ ୨୯ ଟି ଗୋଲଡ, ୪୫ଟି ସିଲଭର ଓ ୩୬ ଟି ବ୍ରୋଞ୍ଜ ପଦକ ସହିତ ମୋଟ ୧୧୦ ଟି ପଦକ ଜିତିଛି ଓ ୨୦୨୨ ରେ ଇଂଲଣ୍ଡ ୫୮ ଟି ସ୍ୱର୍ଣ୍ଣ,୬୬ ଟି ରୌପ୍ୟ,୫୩ ଟି କାଂସ୍ୟ ପଦକ ସହିତ ମୋଟ ୧୭୭ ଟି ପଦକ ଅକ୍ତିଆର କରିଥିଲା ଓ ଦ୍ୱିତୀୟ ସ୍ଥାନରେ ରହି ଅଷ୍ଟ୍ରେଲିଆକୁ ବଡ଼ ଟକ୍କର ଦେଇଥିଲା।

ଭାରତ ୨୦୨୨ ବ୍ରିମିଙ୍ଗହାମ କ୍ରୀଡ଼ାରେ ୨୨ ଟି ସ୍ୱର୍ଣ୍ଣ,୧୬ ଟି ରୌପ୍ୟ ଓ ୨୩ ଟି କାଂସ୍ୟ ପଦକ ସହିତ ମୋଟ ୬୧ ଟି ମେଡାଲ ଜିଣି ଏବର୍ଷ ପରି ୪ର୍ଥ ସ୍ଥାନରେ ଥିଲା।

୨୦୩୦ ଶତକୀୟ କ୍ରୀଡା ମହାକୁମ୍ଭ ଭାରତର ଅହମଦାବାଦରେ ଅନୁଷ୍ଠିତ ହେଉଥିବାରୁ ଦେଶ ଆୟୋଜନ କରୁଥିବା ତା'ର ଦ୍ୱିତୀୟ ଏବଂ କମନଓ୍ୱେଲଥର ୨୪ତମ ସଂସ୍କରଣରେ ପୂର୍ବର ୨୦୧୦ ସଂସ୍କରଣର ପୁନରାବୃତ୍ତି କରିପାରିବ ବୋଲି ଆଶା କରାଯାଏ ଓ ୨୦୧୦ ରାଜ୍ୟଗୋଷ୍ଠୀ ଦିଲ୍ଲୀ କ୍ରୀଡ଼ାରେ ଭାରତ ୩୮ ଟି ସ୍ୱର୍ଣ୍ଣ,୨୭ ଟି ରୌପ୍ୟ ଏବଂ ୩୬ ଟି କାଂସ୍ୟ ପଦକ ସହ ମୋଟ ୧୦୧ ମେଡାଲ ଜିତି ଦ୍ୱିତୀୟ ସ୍ଥାନରେ ଥିଲା। ଅଷ୍ଟ୍ରେଲିଆ ମୋଟ ୧୭୫ ଟି ପଦକ( ୭୪ ସ୍ୱର୍ଣ,୫୩ ରୌପ୍ୟ ଓ ୪୮ କାଂସ୍ୟ ) ଜିତି ଶୀର୍ଷରେ ଥିଲା। ଭାରତର ଅହମ୍ମଦାବାଦରେ ହେବାକୁ ଥିବା ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମୂଳମନ୍ତ୍ର ହେଉଛି 'ଏକତା ପାଇଁ କ୍ରୀଡା, ସମସ୍ତଙ୍କ ପାଇଁ ପ୍ରଗତି'।

# ଜାତୀୟସ୍ତର କ୍ରୀଡା ପ୍ରତିଯୋଗିତା; ଓଡ଼ିଶା ପୁଲିସକୁ ୧୨ ପଦକ

## କ୍ରୀଡାବିତଙ୍କୁ ସମ୍ବର୍ଦ୍ଧିତ କଲେ ଡିଜିପି

**ଭୁବନେଶ୍ୱର, ୩।୮ (ଜାଓ):** ଜାତୀୟସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ପୁଲିସର କ୍ରୀଡାବିତ୍‌ମାନେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ୧୨ ଜଣ କ୍ରୀଡାବିତ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡିଶା ପୁଲିସ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଉପଲକ୍ଷେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ କମିଶନରେଟ୍ ପୁଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କୃତୀ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଜୁଲାଇ ୨୩ ରୁ ୩୦ ପର୍ଯ୍ୟନ୍ତ ହାଇଦ୍ରାବାଦସ୍ଥିତ ଗଛିବୋଉଲି ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର (୨୦୨୬-୨୭) ଏବଂ ଜୁଲାଇ ୮ ରୁ ୧୧ ପର୍ଯ୍ୟନ୍ତ ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ୫ମ ସିନିୟର ନ୍ୟାସନାଲ ଇଣ୍ଡିଆ ତାଇକୋଣ୍ଡୋ ପୁମସେ ଚାମ୍ପିଅନସିପ୍-୨୦୨୬ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ଉଷୁ, ତାଇକୋଣ୍ଡୋ, କରାଟେ ଏବଂ ପେନକାକ ସିଲଟ ଦଳ ଭାଗ ନେଇ କ୍ରୀଡାବିତ୍‌ମାନେ ବିଭିନ୍ନ ବିଭାଗରେ ଭାଗ ନେଇ ପଦକ ହାସଲ କରିଛନ୍ତି। କ୍ରୀଡାବିତମାନଙ୍କ ଏହି ସଫଳତା ପାଇଁ ଡିଜିପି ସମସ୍ତ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ଅସାଧାରଣ ପ୍ରତିଭା ଓ ନିଷ୍ଠାର ଭୂୟସୀ ପ୍ରଶଂସା କରିଛନ୍ତି।



ଏହି ଅବସରରେ ରୌପ୍ୟ ପଦକ ବିଜେତାଙ୍କୁ ୪ ହଜାର ଟଙ୍କା ଓ ବ୍ରୋଞ୍ଜ ପଦକ ବିଜେତାଙ୍କୁ ୩ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଡିଜିପି ପ୍ରଦାନ କରିଥିଲେ।

କରାଟେ (୧୧ତମ ସର୍ବ ଭାରତୀୟ ପୋଲିସ ଜୁଡୋ କ୍ଲଷ୍ଟର): ରୌପ୍ୟ ପଦକ: ଡବ୍ଲୁସି /୯୬୮ ବ୍ରତତୀ ବିଶ୍ୱପ୍ରଭା ପତି (ବ୍ୟକ୍ତିଗତ ମହିଳା କୁମତି), ସି/୧୩୬ ରଜନୀ ବିଶି (ବ୍ୟକ୍ତିଗତ ପୁରୁଷ କୁମତି), ସି/୧୫୯ ଡି. ଭଗବାନ ରେଡ୍ଡୀ (ବ୍ୟକ୍ତିଗତ ପୁରୁଷ କୁମତି) ଏବଂ ସି/୧୩୫ ରାତେଶ ରାୟ (ବ୍ୟକ୍ତିଗତ ପୁରୁଷ କୁମତି)।

କାଂସ୍ୟ ପଦକ (ବ୍ୟକ୍ତିଗତ): ଏଏସଆଇ(ଇ) ଯୋଗେଶ ବରିହା (ପୁରୁଷ କାଟା) ଏବଂ ଡବ୍ଲୁସି //୯୬୮ ବ୍ରତତୀ ବିଶ୍ୱପ୍ରଭା ପତି (ବ୍ୟକ୍ତିଗତ ମହିଳା କୁମତି)।

କାଂସ୍ୟ ପଦକ (ଦଳଗତ): ମହିଳା ଟିମ୍ କୁମତି : ଡବ୍ଲୁସି //୯୬୮ ବ୍ରତତୀ ବିଶ୍ୱପ୍ରଭା ପତି , ଡବ୍ଲୁସି //୩୯୭ ଅନୁପମା ସ୍ୱାଇଁ, ଡବ୍ଲୁସି //୧୬୮ ମୋନାଲି ସାହୁ ଏବଂ ଡବ୍ଲୁସି //୩୮୯ ସୁସ୍ମିନି ପଲଟାସିଂହ। ମହିଳା ଟିମ୍ କାଟା: ଡବ୍ଲୁସି //୩୯୭ ଅନୁପମା ସ୍ୱାଇଁ, ଡବ୍ଲୁସି /୩୯୫ ସିନ୍ଧୁ ତନୟା ଖୁଣ୍ଟିଆ ଏବଂ ଡବ୍ଲୁସି /୨୩୮ ଅନୁରାଧା ପାତ୍ର ।

ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ପୋଲିସ କମିଶନର (କଟକ-ଭୁବନେଶ୍ୱର) ଡଃ ଦେବଦତ୍ତ ସିଂ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଓଡିଶା ପୋଲିସର କ୍ରୀଡା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

Printed & Published by **Pradeep Kumar Nayak On behalf of M/s. Utakal Media Pvt.Ltd.** Published at Plot no- 53, Forest Park, Bhubaneswar- 751009, Dist- Khordha, State- Odisha, Printed at Ms Omm Printers, Plot No-6709, Mancheswar Industril Estate Bhubaneswar- 751010, Dist- Khordha, State- Odisha, Ph: 0674 2596183, 2596184, Mob - 8456966872, **Email-** news.jagrataodisha@gmail.com.

**Chief Editor : Gopal Krushna Mohapatra** ମୁଖ୍ୟ ସଂପାଦକ : ଗୋପାଳକୃଷ୍ଣ ମହାପାତ୍ର (Responsible for Selection of News under PRP Act) **Editor : Pratap Kumar Samal** ସଂପାଦକ : ପ୍ରତାପ କୁମାର ସାମଲ